R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୧
ତିଥି : ଚତୁର୍ଦ୍ଦଶୀ
୦୭ ମେ' ୨୦୨୪, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 211
07 May 2024, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

# ଓଡ଼ିଶାରେ ହେବ ବିଜେପି ସରକାର : ମୋଦି

## ଜୁନ୍ ୪ରେ ବିଜେଡି ସରକାର ଯିବ

### ବ୍ରହ୍ମପୁର, ନବରଙ୍ଗପୁରରେ ପ୍ରଧାନମନ୍ତ୍ରୀଙ୍କ ପ୍ରଚାର



ବ୍ରହ୍ମପୁର/ନବରଙ୍ଗପୁର, ୬।୫ (ସବ୍ୟୁ) : ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ରହିଛି। ଓଡ଼ିଶା ପାଖରେ ପ୍ରଚୁର ପାଣି, ଉର୍ବର ଜମି, ଜମି ତଳେ ଖଣିଜ ସମ୍ପଦ ରହିଛି। ଓଡ଼ିଶା ଗରିବ ନୁହଁ ଓଡ଼ିଶାର ଲୋକ ମାନଙ୍କୁ ସରକାର ଗରିବ କରି ଦେଇଛନ୍ତି। ଫଳରେ ସ୍ଥାନୀୟ ଲୋକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଗତ ୟୁପିଏ ସରକାର ପକ୍ଷରୁ ଓଡିଶାକୁ ୧୦ ବର୍ଷରେ ଏକ ଲକ୍ଷ ଟଙ୍କା ଦେଇ ଥିବା ବେଳେ ଭାଜପା ସରକାର ଗତ ୧୦ ବର୍ଷରେ ୩ଲକ୍ଷ ୫୦ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ। ହେଲେ ଏହି ବିଜେଡି ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡପ କରି ନିଜ ନାମରେ ନିଜ ଷ୍ଟିକର ଲଗାଇ ଲୋକ ମାନଙ୍କୁ ଭୂଆ ବୁଲାଇ ଲୁଟୁଛନ୍ତି । ଓଡ଼ିଶା ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ମିଳିପାରୁନି । ବିଜେଡି ସରକାର ଏଠାରେ ଆୟୁଷ୍ମାନ ଯୋଜନା ଲାଗୁ କରାଉ ନାହିଁ । ଆୟୁଷ୍ମାନ ଯୋଜନାରେ ସମସ୍ତେ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ଚିକିତ୍ସା ସେବା ପାଇପାରିବେ। ସମସ୍ତ ବର୍ଗର ୭୦ ବୟସ୍କ ଲୋକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସେବା ନିମନ୍ତେ ଭାଜପା ସରକାର ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ସେବା ନିମନ୍ତେ ବାପା ମାଆଙ୍କ କଥା ଚିନ୍ତାକରି ନିଜ ପିଲାମାନଙ୍କ କଥା ଚିନ୍ତାକରନ୍ତୁ ବୋଲି ସେ କହିଥିଲେ। ବିଜେଡି ଓଡିଶାରେ ବିଜେଡି ଅସ୍ତ ହେଉଥିବା ବେଳେ କଂଗ୍ରେସ ଅତୀତ ହୋଇଯାଇଛି । ଓଡ଼ିଶାରେ ବିଜେପିର ସୂର୍ଯ୍ୟୋଦୟ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଉପକଣ୍ଠ ସ୍ଥିତ କନିସି ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମୋଦି ନବୀନ ସରକାରଙ୍କୁ ଶାଣିତ କଟାକ୍ଷ କରିଥିଲେ । ଜୁନ ୪ରେ ବିଜେଡିର ଏକ୍ସପାଏରୀ ତାରିଖ ବୋଲି କହିଥିଲେ । ସମସ୍ତ ଯୋଜନା କାର୍ଯ୍ୟକାରୀ କରିବା ମୋଦିଙ୍କର ଗ୍ୟାରେଣ୍ଟି ଅଟେ। ଜୁନ ୬ ତାରିଖରେ ବିଜେପିର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରାଯିବ ଏବଂ ଜୁନ ୧୦ ତାରିଖରେ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ କରାଯିବ ଏବଂ ଜଣେ ଓଡ଼ିଆ ମୁଖ୍ୟମନ୍ତ୍ରୀ ହେବେ। ବିଜେପି ମୁଖ୍ୟମନ୍ତ୍ରୀଙ୍କ ଶପଥ ସମାରୋହକୁ ନିମନ୍ତ୍ରଣ ଦେବାକୁ ଆସିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ । ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେଲେ ଆୟୁଷ୍ମାନ ଯୋଜନା ଲାଗୁ ହେବ। ୭୦ ବର୍ଷରୁ ଅଧିକ ବୟସ୍କଙ୍କ ଚିକିତ୍ସା ଖର୍ଚ୍ଚ ମାଗଣାରେ ହେବ। ଆପଣଙ୍କ ମୁଖ୍ୟମନ୍ତ୍ରୀ ଭଳି ମୁଁ ନୁହେଁ, ମୁଁ ଆପଣଙ୍କ ଓଡିଆରେ ଚିଠି ଲେଖିବି । ଓଡ଼ିଶାରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ବିଜେପି ସରକାରଙ୍କ ଲକ୍ଷ୍ୟ ଅଟେ। ବିଜେପିକୁ ସୁଯୋଗ ଦିଅନ୍ତୁ ୫ ବର୍ଷରେ ଓଡ଼ିଶାକୁ ନମ୍ବର ୱାନ କରି ଦେଖାଇବୁ । ଯେଉଁଠି ବିଜେପିକୁ ସୁଯୋଗ ମିଳିଛି, ସେଠାରେ ବିକାଶ ହୋଇଛି। ଓଡ଼ିଶାର ଜଣେ ମହିଳା ରାଷ୍ଟ୍ରପତି ହୋଇଛନ୍ତି। ଯାହା ଓଡ଼ିଶା ପାଇଁ ଗୌରବ। ଓଡିଶାର ଝିଅକୁ ବିଜେପି ଦେଶର ବଡ ପଦବୀ ଦେଇଛି । ରାଷ୍ଟ୍ରପତି ମୁର୍ମୁଙ୍କ ମାର୍ଗଦର୍ଶନରେ ମୁଁ ଓଡିଶା ପାଇଁ କାମ କରିବି । ଦିଲ୍ଲୀରେ ବସିଥିବା ଜଗନ୍ନାଥଙ୍କ ଏହି ପୁଅ ଓଡିଶା ପାଇଁ ବହୁତ କଛି କରିବ । (୯ ପୃଷ୍ଠାରେ)

# ବିଜେପି ଦିବାସ୍ୱପ୍ନ ଦେଖୁଛି : ନବୀନ



## ଜୁନ୍ ୯ରେ ଶପଥ ନେବ ପୁଣି ବିଜେଡି ସରକାର : ପାଣ୍ଡିଆନ

ଭୁବନେଶ୍ୱର, ୬।୫ (ସବ୍ୟୁ) : କ୍ଷମତାକୁ ଆସିବା ପାଇଁ ବହୁତ ଦିନ ହେଲା ବିଜେପି ଦିନରେ ସ୍ୱପ୍ନ ଦେଖୁଛି ବୋଲି ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଭବାନୀପାଟଣାରେ ସଭା ସାରି ଖଡ଼ିଆଳ ଗସ୍ତ କରୁଥିବାବେଳେ ବିମାନରେ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ ବିଜେପି ନେତୃମଣ୍ଡଳୀ ତାଙ୍କ ନିର୍ବାଚନୀ ଅଭିଭାଷଣରେ ଓଡ଼ିଶାରେ ଜୁନ୍ ୧୦ରେ ବିଜେପି ସରକାର ଗଢ଼ିବ ବୋଲି କହୁଛନ୍ତି । ଏହାର ଜବାବରେ ତତ୍‌କ୍ଷଣାତ୍ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବହୁତ ଦିନ ହେଲା ବିଜେପି ଦିନରେ ସ୍ୱପ୍ନ ଦେଖୁଛି ।

ସୂଚନାଯୋଗ୍ୟ ବ୍ରହ୍ମପୁର ଓ ନବରଙ୍ଗପୁର ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜୁନ୍ ୪ରେ ବିଜେଡି ସରକାର ଯାଉଛି । ୬ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀ ଚୟନ ଓ ୧୦ ତାରିଖରେ ଶପଥ ଗ୍ରହଣ ହେବ । ଆପଣମାନଙ୍କୁ ନିମନ୍ତ୍ରଣ କରିବାକୁ ଆସିଛି । ଏହାର ଜବାବ ଦେଇ ନବୀନ ପଟ୍ଟନାୟକ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି । ସେହିଭଳି ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ (୯ ପୃଷ୍ଠାରେ)

# ପ୍ରକାଶ ପାଇଲା ଆଇସିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ଫଳ

ଭୁବନେଶ୍ୱର, ୬।୫ (ସବ୍ୟୁ) : ଆଇସିଏସ୍‌ଇର ଦ୍ୱାଦଶ ଓ ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି । ଓଡ଼ିଶାରେ ଆଇସିଏସ୍‌ଇର ଦଶମରେ ପାସ୍‌ହାର ୯୯.୦୮% ରହିଛି । ୮ ହଜାର ୭୭୯ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିଲାବେଳେ ୯୦ ଜଣ ଫେଲ୍ ହୋଇଛନ୍ତି । ଛାତ୍ରୀମାନେ ଏଥର ପରୀକ୍ଷାରେ ବି ବାଜିମାତ୍ କରିଛନ୍ତି । ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି । ସେହିଭଳି ଦ୍ୱାଦଶରେ ପାସ୍‌ହାର ୯୮.୯% ରହିଛି । ୧୭୨୬ ଜଣ ପରୀକ୍ଷା ଦେଉଥିବାବେଳେ ମାତ୍ର ୧୯ ଜଣ ଫେଲ୍ ହୋଇଛନ୍ତି । ଛାତ୍ରୀଙ୍କ ପାସ୍‌ହାର ୯୮.୯୫% ଥିଲାବେଳେ ଛାତ୍ରଙ୍କ ପାସ୍‌ହାର ୯୮.୯୫% ରହିଛି । ପରୀକ୍ଷାଫଳରେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀମାନେ ରିଚେକିଂ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ । ଗୋଟିଏ ବିଷୟ ପାଇଁ ଦେୟ ୧୫୦୦ ଟଙ୍କା ରହିଛି । ଆଜିଠୁ ୧୦ ତାରିଖ ମଧ୍ୟରେ ରିଚେକିଂ ପାଇଁ ଆବେଦନ କରିପାରିବେ । ୪ ସପ୍ତାହ ମଧ୍ୟରେ ଫଳ ପ୍ରକାଶ ପାଇବ । ସେହିପରି ପୁନଃ ମୂଲ୍ୟାୟନ ପାଇଁ ଫଳ ପ୍ରକାଶ ପାଇବାର ୨୪ ଘଣ୍ଟା ମଧ୍ୟରେ ଆବେଦନ କରିବାକୁ ସିଆଇଏସ୍‌ସିଇ ପକ୍ଷରୁ ସୂଚନା ଦିଆଯାଇଛି ।

# ଲୋକଙ୍କ ସହ ସିଧାସଳଖ ସମ୍ପର୍କ ଯୋଡ଼ିଲେ ମୁଖ୍ୟମନ୍ତ୍ରୀ




### ଖଡ଼ିଆଳ ଓ ଭବାନୀପାଟଣାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନବୀନଙ୍କ ପ୍ରଚାର

### ବିରୋଧୀ ମିଛ କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

ଭୁବନେଶ୍ୱର, ୬।୫ (ସବ୍ୟୁ) : କଳାହାଣ୍ଡି ଲୋକସଭା କ୍ଷେତ୍ରର ଭବାନୀପାଟଣା ଓ ଖଡ଼ିଆଳ ଠାରେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରି ଡବଲ ଶଙ୍ଖରେ ଭୋଟ୍ ଦେବାକୁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଉଭୟ ସଭାରେ ତାଙ୍କର ଚିରାଚରିତ ନିରାଡମ୍ବର ଶୈଳୀରେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ଯୋଡ଼ି ରାଜ୍ୟରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କ ମତାମତ ଲୋଡ଼ିଥିଲେ । ଉପସ୍ଥିତ ଜନତାଙ୍କ ହଁ ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇଥିଲା । ମମତା, ବିଏସ୍‌କେୱାଇ, ମିଶନ ଶକ୍ତି, ଲକ୍ଷ୍ମୀ ବସ୍, ନୂଆ-ଓ ଛାତ୍ରବୃତ୍ତି, କାଳିଆ, ୫ଟି ସ୍କୁଲ ରୂପାନ୍ତର, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଦି ଯୋଜନା ସମ୍ପର୍କରେ ଜନତା ଅତି ଉତ୍ସାହର ସହ ସମ୍ମତି ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀ ଦଳଗୁଡ଼ିକ ମିଛ କହୁଛନ୍ତି । ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ସେମାନଙ୍କ ଓଡ଼ିଶା ପ୍ରତି ବା ଓଡ଼ିଶାବାସୀଙ୍କ ପ୍ରତି କୌଣସି ଆନ୍ତରିକତା ନାହିଁ । ନିର୍ବାଚନ ସମୟରେ ତାଙ୍କର ଓଡ଼ିଶା କଥା ମନେପଡ଼େ । ଉଭୟେ ବିଧାନସଭା ଓ ଲୋକସଭା ପାଇଁ ଯୋଡ଼ିଶଙ୍ଖରେ ଭୋଟ୍ ଦେବାକୁ ନିବେଦନ କରିଛନ୍ତି । ସେହିଭଳି ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବିଜେପିକୁ (୯ ପୃଷ୍ଠାରେ)

## ତାତିରୁ ମିଳିଲା ଆଶ୍ୱସ୍ତି

# ଉପକୂଳରେ କାଳବୈଶାଖୀ ତାଣ୍ଡବ



### ବଲାଙ୍ଗୀରରେ ସର୍ବାଧିକ ୪୪.୫ଡିଗ୍ରୀ

### ରାଜଧାନୀରେ ୯୧ କିମି ବେଗରେ ବୋହିଲା ପବନ

### ୧୦ ଯାଏ କାଳବୈଶାଖୀ ଆଲର୍ଟ

ଭୁବନେଶ୍ୱର, ୬।୫ (ସବ୍ୟୁ) : ତାତିରୁ ମିଳିଲା ଆଶ୍ୱସ୍ତି । କାଳବୈଶାଖୀ ବର୍ଷା ଯୋଗୁ ତାତିରେ ଲାଗିଲା ବ୍ରେକ୍ । ରାଜଧାନୀରେ କାଳବୈଶାଖୀ ବର୍ଷା ସହିତ ପବନ ଘଣ୍ଟାପ୍ରତି ୯୧ କିମି ବେଗରେ ବୋହିଥିଲା । ଝଡତୋଫାନ ତାଣ୍ଡବରେ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହରେ ବ୍ୟାହତ ଘଟିଛି । ତେବେ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ଲାଗି ରହିବ। ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ଉପକୂଳରେ କାଳବୈଶାଖୀ ବର୍ଷା ଦେଇଛି ଆଶ୍ୱସ୍ତି । ଉପକୂଳର ବହୁ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ତଳେ ରହିଛି । ତେବେ ଆଭ୍ୟନ୍ତର ଓ ପଶ୍ଚିମ ଓଡ଼ିଶାରେ ତାତି ଜାରି ରହିଛି । ସୋମବାର ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୪.୫ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଟିଟିଲାଗଡରେ ୪୪ଡିଗ୍ରୀ, ବୌଦ୍ଧରେ ୪୩.୫ଡିଗ୍ରୀ, ଝାରସୁଗୁଡା ଓ ସମ୍ବଲପୁରରେ ୪୩.୪ଡିଗ୍ରୀ, ଭବାନୀପାଟଣା ଓ ବରଗଡରେ ୪୩ଡିଗ୍ରୀ, ସୁନ୍ଦରଗଡରେ ୪୨.୯ଡିଗ୍ରୀ, ରାଉରକେଲାରେ ୪୨.୬ଡିଗ୍ରୀ, ମାଲକାନଗିରିରେ ୪୨.୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଏହା ସହିତ ଭୁବନେଶ୍ୱରରେ ପାରଦ ତଳମୁହାଁ ହୋଇଛି । ଭୁବନେଶ୍ୱରରେ ତାପମାତ୍ରା ୩୯.୮ଡିଗ୍ରୀ, କଟକରେ ୩୭.୨ଡିଗ୍ରୀ, ପୁରୀରେ ୩୩.୫ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

କାଳବୈଶାଖୀ ତାଣ୍ଡବରେ ରାଜଧାନୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଗଛ ଉପୁଡିଛି । ଆଉ କେତେକ ଜାଗାରେ ଗଛର ଡାଳ ଭାଙ୍ଗିବା ସହ ରାସ୍ତାରେ ପଡିରହିଥିଲା । ଗଛଗୁଡିକ ହଟାଇବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଥିଲେ । ଓଡ୍ରାପ୍ ଓ ଓଡ଼ିଶା ଅଗ୍ନିଶମ କର୍ମଚାରୀମାନେ ରାସ୍ତାରୁ ଗଛ ହଟାଇଥିଲେ । ରାଜଧାନୀରେ ବହୁ ଜାଗାରେ ବିଦ୍ୟୁତ୍ ସରବରାହରେ ବ୍ୟାହତ ହୋଇଥିବା ଜଣାପଡ଼ିଛି ।

ସୋମବାର ସକାଳ ସାଢେ ୮ଟାରୁ ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ପାରଳାଖେମୁଣ୍ଡିରେ (୯ ପୃଷ୍ଠାରେ)

# କାଳବୈଶାଖୀ ଯୋଗୁ ଅବତରଣ ହୋଇପାରିଲାନି ନବୀନଙ୍କ ହେଲିକପ୍ଟର

### ଭୁବନେଶ୍ୱରରୁ ପୁଣି ଝାରସୁଗୁଡା ଯାଇ ଫେରିଲେ

ଭୁବନେଶ୍ୱର, ୬।୫ (ସବ୍ୟୁ) : କାଳବୈଶାଖୀ ଯୋଗୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ କରିପାରିଲା ନାହିଁ । ସେଠାରୁ ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଫେରିଯାଇଥିଲେ । ପରେ ପାଗ ଭଲ ହେବାରୁ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଥିଲେ । କାଳବୈଶାଖୀ ଯୋଗୁ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ ହେଲାନାହିଁ । ପ୍ରାୟ ଅଧଘଣ୍ଟେ କାଳ ଭୁବନେଶ୍ୱର ଆକାଶରେ ହେଲିକପ୍ଟର ଉଡ଼ିଥିଲା । ଏହାପରେ ଝାରସୁଗୁଡ଼ା ଚାଲିଯାଇଥିଲା । ଝାରସୁଗୁଡ଼ାରେ ୪.୦୪ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଜରୁରୀ ଅବତରଣ କରିଥିଲା । ପାଖାପାଖି ୪୦ ମିନିଟ୍ ଝାରସୁଗୁଡ଼ାରେ ରହିବା ପରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଭୁବନେଶ୍ୱର ଫେରିଥିଲା । ଖଡ଼ିଆଳ ଓ ନୂଆପଡ଼ାରେ ସଭା ସାରି ମୁଖ୍ୟମନ୍ତ୍ରୀ ଫେରୁଥିଲେ । ଏହି ସମୟରେ କାଳବୈଶାଖୀ ଯୋଗୁ ୮୦ କିମି ବେଗରେ ପବନ ଓ କୁଆପଥର ବର୍ଷା ଭୁବନେଶ୍ୱରରେ ହୋଇଥିଲା । ଏହା ଲାଗି ରହିଥିଲା ଫଳରେ ହେଲିକପ୍ଟର ଅବତରଣ କରିପାରିନଥିଲା । ବିମାନ ବନ୍ଦର ନିର୍ଦ୍ଦେଶକ ମଧ୍ୟ ପାଗ ଖରାପ ନେଇ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ସୁରକ୍ଷିତ ଥିବା ଦର୍ଶାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ କାର୍ତ୍ତିକ ପାଣ୍ଡିଆନ ।

## କେଜରିୱାଲଙ୍କ ଅଡୁଆ ବଢୁଛି

# ଏନ୍‌ଆଇଏ ତଦନ୍ତ ଲାଗି ଦିଲ୍ଲୀ ଏଲ୍‌ଜିଙ୍କ ସୁପାରିଶ



ନୂଆଦିଲ୍ଲୀ, ୬।୫ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅଡୁଆ ବଢ଼ିବାରେ ଲାଗିଛି । ଦିଲ୍ଲୀ ଏଲ୍‌ଜି ତାଙ୍କ ନାମରେ ଏକ ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନଠାରୁ ଚାନ୍ଦା ନେଇଥିବା ଅଭିଯୋଗରେ ଏନ୍‌ଆଇଏ ତଦନ୍ତ ଲାଗି ସୁପାରିଶ କରିଛନ୍ତି । ତାଙ୍କ ବିରୋଧରେ ହୁଏତ ଏନ୍‌ଆଇଏ ତଦନ୍ତ ହୋଇପାରେ ।

ଦିଲ୍ଲୀ ଏଲ୍‌ଜି ଭିକେ ସାକ୍‌ସେନା ଉଲ୍ଲେଖ କରିଛନ୍ତି ଯେ ନିଷିଦ୍ଧ ହୋଇଥିବା ଶିଖ୍ ଫର୍ ଜଷ୍ଟିସ୍ ଠାରୁ କେଜ୍ରିୱାଲ ଓ ଆପ୍ ସରକାର ପାଣ୍ଠି ନେଇଛନ୍ତି । ଏଭଳି ଅଭିଯୋଗ ପାଇଲା ପରେ ଉପରାଜ୍ୟପାଳ ଏହି ସୁପାରିଶ କରିଛନ୍ତି । ତେବେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦଳ ଓ ସେମାନଙ୍କ ନେତା ବିରୋଧରେ ଷଡଯନ୍ତ୍ର କରାଯାଉଛି ବୋଲି ଉଲ୍ଲେଖ କରିବା ସହ ଏଲ୍‌ଜି ବିଜେପି ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ କରାଯାଇଛି । କେଜ୍ରିୱାଲଙ୍କ ବିରୋଧରେ ଏହା ହେଉଛି ବିଜେପିର ଆଉ ଏକ ବଡ଼ ଷଡ଼ଯନ୍ତ୍ର । ଏହି ଅଭିଯୋଗ ହେଉଛି ଦୀର୍ଘଦିନ ଧରି ବିଜେପି ଓ ଆପ୍ ମଧ୍ୟରେ ଚାଲିଥିବା କ୍ଷମତା ଲଢ଼େଇ ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ଦିଲ୍ଲୀର ୭ଟି ଆସନରେ ବିଜୟୀ ହୋଇଥିଲା । ଏଥର ଆପ୍ ଓ କଂଗ୍ରେସ ମିଶି ନିର୍ବାଚନ ଲଢୁଛନ୍ତି । ନିର୍ବାଚନ ପୂର୍ବରୁ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି । ଖଲିସ୍ଥାନ ସପକ୍ଷବାଦୀ ଗୋଷ୍ଠୀ ଠାରୁ ୧୬ ମିଲିୟନ ଡଲାର ଚାନ୍ଦା ନେଇଛି ବୋଲି କୁହାଯାଉଛି । ୧୯୯୩ ମସିହା ଦିଲ୍ଲୀ ବିସ୍ଫୋରଣ ଦୋଷୀ ତଥା ଆତଙ୍କବାଦୀ ଦେବେନ୍ଦ୍ର ପାଲ୍ ଭୁଲାରଙ୍କୁ ଛାଡ଼ିବା ପାଇଁ ଏହି ଅର୍ଥ ଦିଆଯାଇଛି । ଯେହେତୁ ନିଷିଦ୍ଧ ସଙ୍ଗଠନ ଠାରୁ ଟଙ୍କା ନିଆଯାଇଛି ଏହାର ଏନ୍‌ଆଇଏ ତଦନ୍ତ ଆବଶ୍ୟକ । ୨୦୧୪ ଜାନୁଆରୀରେ ଇକ୍‌ବାଲ୍ ସିଂ ନାମକ ଜଣେ ବ୍ୟକ୍ତି କେଜ୍ରିୱାଲଙ୍କୁ ଲେଖିଥିବା ଚିଠିକୁ ଉପରାଜ୍ୟପାଳ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଠାଇଛନ୍ତି । ଏହି ଚିଠିରେ ଆପ୍ ସରକାର ଭୁଲରକୁ ମୁକ୍ତ କରିବା ଲାଗି ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିବା ଉଲ୍ଲେଖ ରହିଛି । ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କଥା ଏଥିରେ କୁହାଯାଇଥିଲା । ଭୁଲାର ମୁକ୍ତି ପାଇଁ ଜନ୍ତରମନ୍ତର ଠାରେ ଇକ୍‌ବାଲ ସିଂ ଧାରଣାରେ ବସିଥିଲେ । କେଜ୍ରିୱାଲଙ୍କ ଚିଠି ପରେ ସେ ଅନଶନ ପ୍ରତ୍ୟାହାର କରିଥିଲେ । ସେହିପରି ଖଲିସ୍ଥାନୀ ନେତାଙ୍କ ସହ କେଜ୍ରିୱାଲଙ୍କ ଆଲୋଚନା ବେଳର (୯ ପୃଷ୍ଠାରେ)

# ଆଜି ତୃତୀୟ ପର୍ଯ୍ୟାୟ ଭୋଟ୍

ନୂଆଦିଲ୍ଲୀ, ୬।୫ : ଆସନ୍ତାକାଲି ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ୯୪ ଲୋକସଭା ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ । ଆସାମ, ବିହାର, ଛତିଶଗଡ଼, ଦ୍ରାଦ୍ରା ହାବେଲୀ, ଦାମନ୍‌ଡିଉ, ଗୋଆ, ଗୁଜରାଟ, ଜାମୁକାଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ଲାଗି ଭୋଟ୍‌ଗ୍ରହଣ କରାଯିବ । ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରହଲ୍ଲାଦ ଯୋଶୀ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କଂଗ୍ରେସର ଦିଗ୍‌ବିଜୟ ସିଂହ, ଏନ୍‌ସିପି (ଶରଦ ପାୱାର ଗୋଷ୍ଠୀ)ର ସୁପ୍ରିୟା ସୋଲେ, ସମାଜବାଦୀ ପାର୍ଟିର ଡିମ୍ପଲ ଯାଦବ ।

୯୪ ଆସନରେ ୧୩୫୧ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଏହି ଆସନ ଲାଗି ୨୯୬୩ ଜଣ ନାମାଙ୍କନ ଦାଖଲ କରିଥିଲେ । ଯାଞ୍ଚ ପରେ ୧୫୬୩ ପ୍ରାର୍ଥୀପତ୍ର କାଏମ ରହିଥିଲା । ଏହାପରେ ଅନେକ ପ୍ରାର୍ଥୀ ଓହରି ଯାଇଥିଲେ । ଅମିତ୍ ଶାହା ଗୁଜରାଟର ଗାନ୍ଧିନଗରରୁ ନିର୍ବାଚନ ଲଢୁଥିଲାବେଳେ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟପ୍ରଦେଶର ଗୁନାରୁ ନିର୍ବାଚନ ଲଢୁଛନ୍ତି । ସେହିଭଳି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ପତ୍ନୀ ଡିମ୍ପଲ ଯାଦବ ଉତ୍ତରପ୍ରଦେଶର ମୈନପୁରରୁ ନିର୍ବାଚନ ଲଢୁଛନ୍ତି । ଏହି ଆସନରେ ତାଙ୍କ ଶଶୁର ମୁଲାୟମ୍ ସିଂ ଯାଦବ ପ୍ରତିନିଧିତ୍ୱ କରୁଥିଲେ । ୨୦୨୩ରେ ତାଙ୍କ ମୃତ୍ୟୁ ପରେ ଏକ ଉପନିର୍ବାଚନରେ ଡିମ୍ପଲ ଜିତିଥିଲେ । ସେହିଭଳି ମହାରାଷ୍ଟ୍ରର ବାରାମତୀ ଆସନରେ ପାୱାର ପରିବାର ମଧ୍ୟରେ ଲଢ଼େଇ ଚାଲିଛି । ଏଠାରେ ଏନ୍‌ସିପି (ଶରଦ ପାୱାର ଗୋଷ୍ଠୀ) ପକ୍ଷରୁ ସୁପ୍ରିୟା ସୋଲେ ଲଢୁଥିଲାବେଳେ ତାଙ୍କ ବିରୋଧରେ ଏନ୍‌ସିପିର ଅଜିତ୍ ପାୱାରଙ୍କ ପତ୍ନୀ ସୁନେତ୍ର ପାୱାର ଅଛନ୍ତି । ସେହିଭଳି ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ରାଜଗଡ଼ରୁ ନିର୍ବାଚନ ଲଢୁଥିବାବେଳେ ପୂର୍ବ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶିବରାଜ ସିଂ ଚୌହ୍ୱାନ ଭିଦିଶାରୁ ନିର୍ବାଚନ ଲଢୁଛନ୍ତି । ସେହିଭଳି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପଶ୍ଚିମବଙ୍ଗର ବ୍ରହ୍ମପୁର ଆସନରେ ନିର୍ବାଚନ ଲଢୁଛନ୍ତି । ସେ ଲଗାତର ୩ ଥର ଏଠାରୁ ବିଜୟୀ ହୋଇଛନ୍ତି ।

# ବିଶ୍ୱ ଆଥଲେଟିକ୍ ଦିବସ

ପ୍ରତିବର୍ଷ ମେ' ମାସ ୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଆଥଲେଟିକ୍ ଦିବସ । ୧୯୯୬ରୁ ଏହି ଦିବସ ପାଳନ ହେବା ଆରମ୍ଭ ହୋଇଥିଲା । ଏହି ଦିବସ ପାଳନରେ ବିଶ୍ୱର ଅନେକ ଦେଶ ଭାଗ ନେଇଥାଆନ୍ତି । ପ୍ରତିବର୍ଷ ଆଇଏଏଏଫ୍ ଦ୍ୱାରା ଏହି ଦିବସକୁ ପାଳନ କରାଯାଇଥାଏ । ୨୦୧୬ରେ ଆଇଏଏଏଫ୍ ପକ୍ଷରୁ ପାଳନ ହୋଇଥିବା ଏହି ଦିବସରେ ୧୦୦ଟି ସ୍ପୋର୍ଟ ଫେଡେରେସନ୍ ଭାଗ ନେଇଥିଲେ, ଯେଉଁମାନେ ଆଥ୍ଲେଟିକ୍‌କୁ ଉତ୍ତମ ସ୍ୱାସ୍ଥ୍ୟର ମାଧ୍ୟମ ବୋଲି ଦର୍ଶାଇଥିଲେ । ଯୁବଗୋଷ୍ଠୀଙ୍କ ମଧ୍ୟରେ ଆଥ୍ଲେଟିକ୍ସର ପ୍ରଚାର ପ୍ରସାର ପାଇଁ ଏହି ଦିବସକୁ ପାଳନ କରାଯାଇଥାଏ । ଏହି ଦିବସକୁ ସ୍କୁଲ, କଲେଜ ଓ ବିଭିନ୍ନ ଖେଳ ଅନୁଷ୍ଠାନରେ ପାଳନ କରାଯାଇଥାଏ । ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଆଥ୍ଲେଟିକ୍ସର ଉପକାରୀତା ବିଷୟରେ ଲୋକଙ୍କୁ ସେଚତନ କରିବା । ଏହି ଦିନ ବିଭିନ୍ନ ପ୍ରକାରର ଆଥଲେଟିକ୍ସ ପ୍ରୋଗ୍ରାମ ଯେପରି ଦୌଡ, ବିଭିନ୍ନ ପ୍ରକାର ଡିଆଁ ଆଦିର ଆୟୋଜନ କରାଯାଇଥାଏ ।



# ବୁନିଓନ୍ସ



ଏହା ଏକ ଫିଜିକାଲ ସମସ୍ୟା ଯାହା ସାଧାରଣତଃ ଗୋଡର ବୁଢା ଆଙ୍ଗୁଠିରେ ଦେଖିବାକୁ ମିଳିଥାଏ । ଏହି ସମସ୍ୟା ହେଲେ ପାଦର ବୁଢା ଆଙ୍ଗୁଠି ଅନ୍ୟ ଆଙ୍ଗୁଠି ଆଡକୁ ମୋଡ଼ି ହେବା ଆରମ୍ଭ ହୋଇଥାଏ । ବୁଢା ଆଙ୍ଗୁଠିର ମୂଳରୁ ଏହା ମୋଡି ହେବା ଆରମ୍ଭ ହୋଇଥାଏ । ଏହା ସାଧାରଣତଃ ଆଙ୍ଗୁଠିରେ ବାହାରପଟୁ ପ୍ରେସର ପଡିଲେ ହୋଇଥାଏ । ଆଙ୍ଗୁଠିର ଜଏଣ୍ଟରେ ଚାପ ପଡିବା ଦ୍ୱାରା ଏହା ମୋଡି ହେବାକୁ ଲାଗିଥାଏ । ଏହାର ନାମ ବୁନିଓନ୍ ଗ୍ରିକ୍ ଶବ୍ଦରୁ ଆସିଛି । ଏହା ଦ୍ୱାରା ବୁଢା ଆଙ୍ଗୁଠି ପାଖରେ ଏକ ଗୋଲ ହୋଇ ଫୁଲି ଯାଇଥାଏ, ଯାହା ଲାଲ ପଡିଥାଏ । ବୁଢା ଆଙ୍ଗୁଠିରେ ହେଉଥିବା ଏହି ଫୁଲା ପ୍ରଥରୁ ଛୋଟରୁ ଆରମ୍ଭ ହୋଇଥାଏ, ଯାହା ଧୀରେଧୀରେ ବଡ ହୋଇଥାଏ । ସେହିଭଳି ଏହା ବିଭିନ୍ନ କାରଣରୁ ହୋଇପାରେ ଯେପରି, ଛୋଟ ମାପର ଜୋତା ପିନ୍ଧିବା । ଏଭଳି ଜୋତା ପିନ୍ଧିବା ଫଳରେ ଏହା ବଢିବାରେ ଲାଗିଥାଏ । ଏହା ହେବା ଫଳରେ ଚାଲିବାରେ ଅସୁବିଧା ହୋଇଥାଏ । ସେହିଭଳି ଏହା ବିନ୍ଧା ମଧ୍ୟ ହୋଇଥାଏ । ତେବେ ଏହାର ଲକ୍ଷଣ ଚିହ୍ନି ଏହାକୁ ତୁରନ୍ତ ଚିକିତ୍ସା କରାଇବାର ଆବଶ୍ୟକତା ରହିଛି ।

**ଲକ୍ଷଣ**

- ବୁଢା ଆଙ୍ଗୁଠିର ଜଏଣ୍ଟ ସ୍ଥାନରେ ଯନ୍ତ୍ରଣା ।
- ଖାଲିରେ ଚାଲିବାରେ ସମସ୍ୟା ହୋଇଥାଏ ।
- ବୁଢା ଆଙ୍ଗୁଳି ପାଖରେ ଲାଲ ପଡିବା ସହିତ ଫୁଲିବା ।
- ଆଙ୍ଗୁଠି ପୋଡିବା ।
- ବୁଢା ଆଙ୍ଗୁଠିରେ ଯନ୍ତ୍ରଣା ଅଧିକ ।

## ସୋସିଆଲ କୋଟ୍ସ



ଗୋଟିଏ ସିନ୍‌ରେ ମୋତେ ରାଗିବାର ଥିଲା । ସେଥିପାଇଁ ମୁଁ ପୂରା ଦିନ ଭୋକରେ ରହିଥିଲି । ଯାହା ଫଳରେ ସିନ୍‌କୁ ଖୁବ ଭଲରେ କରିପାରିବି । ଏ ଆଇଡିଆ ସଞ୍ଜୟ ସାର ଦେଇଥିଲେ ।

**ଅଦିତି ରାଓ, ଅଭିନେତ୍ରୀ**



ପାପା, ବବି ଓ ମୁଁ କିଛି ବର୍ଷ ହେଲା ଖୁବ ପରିଶ୍ରମ କରୁଥିଲୁ ଘରର ମାହୋଲ ବଦଳାଇବାକୁ, ହେଲେ କିଛି ହେଉ ନଥିଲା । ବବିର ବିବାହ ପରେ ସବୁ ଠିକ୍ ହୋଇ ଯାଇଥିଲା । ବୋହୂ ଆସିବା ପରେ ସବୁ ଠିକ୍ ହେଲା ।

**ସନି ଦେଓ୍ୱଲ, ଅଭିନେତା**



ରାତି ୨ଟାରେ 'ମେନୁ ବିଦା କରେ' ଗୀତର କମ୍ପୋଜ ହୋଇଥିଲା । ୪୫ ମିନିଟ୍‌ରେ ଇରଶାଦ ଏହି ଗୀତକୁ ଲେଖିଥିଲେ । ଗୀତଟିକୁ ଶୁଣିବା ପରେ ଷ୍ଟୁଡିଓରେ ସମସ୍ତେ କାନ୍ଦି ପକାଇଥିଲେ ।

**ଇମ୍‌ତିଆଜ ଅଲ୍ଲୀ, ଫିଲ୍ମମେକର**

## ଇତିହାସ

୧୭୨୭ – ୟୁକ୍ରେନ୍‌ରୁ ୟିହୁଦିଙ୍କୁ ବାହାର କରିବା ପାଇଁ ରୁଷର ରାଣୀ କ୍ୟାଥରିନ୍ ଆଦେଶ ଦେଇଥିଲେ ।

୧୭୪୮ – ଫ୍ରେଞ୍ଚ ସୈନିକ ଅଷ୍ଟ୍ରିଆ ଉତ୍ତରାଧିକାରୀ ଯୁଦ୍ଧରେ ମାଷ୍ଟ୍ରିଚକୁ ଜିତିଥିଲେ ।

୧୭୭୧ – ସାମୁଏଲ୍ ହର୍ଣ୍ଣ କାନାଡାର କପରମାଇନ ନଦୀକୁ ଖୋଜିଥିଲେ ।

୧୮୭୫ – ଜାପାନ ଓ ରୁଷ ମଧ୍ୟରେ ସେଣ୍ଟ ପିଟର୍ସବର୍ଗ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ।

୧୯୩୪ – ଫିଲିଫିନ୍ସରେ ବିଶ୍ୱର ସବୁଠାରୁ ବଡ ମୋତି ମିଳିଥିଲା ।

୧୯୭୬ – ଗ୍ରାହାମବେଲ୍‌ଙ୍କ ଆବିଷ୍କାର ଟେଲିଫୋନ୍‌କୁ ପେଟେଣ୍ଟ ମିଳିଥିଲା ।

# ମାଗଣାରେ ମିଳୁଛି ଘର



ବର୍ଲିନ୍ ସରକାର ପକ୍ଷରୁ ଦିଆଯାଇଥିବା ଏକ ନିଆରା ସୁଯୋଗ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏଠାରେ ହିଟ୍‌ଲରଙ୍କ ମନ୍ତ୍ରୀ ରହୁଥିବା ଭିଲ୍ଲାକୁ ମାଗଣାରେ ଦିଆଯିବା ନେଇ ବିଜ୍ଞାପନ ଦିଆଯାଇଛି । ଏହା ସମ୍ପୃକ୍ତ ଲୋକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ଉପହାର ଭାବେ ଦିଆଯିବ । ଘରଟି ହିଟଲରଙ୍କର ମନ୍ତ୍ରୀ ଜୋସେଫ ଗୋବେଲ୍ ଏହି ଘରେ ରହୁଥିଲେ । ଘରଟିକୁ ରକ୍ଷଣାବେକ୍ଷଣ କରିବାରେ ସରକାରଙ୍କର ଅଧିକ ଖର୍ଚ୍ଚ ହେଉଥିବାରୁ ସେ ଏହାକୁ ମାଗଣାରେ ପ୍ରଦାନ କରିବାକୁ ଚାହାନ୍ତି । ଏହା ବର୍ଲିନ୍ ଠାରି ୪୦ କିମି ଦୂରରେ ରହିଛି । ତେବେ ଏହାକୁ ନେବା ପାଇଁ କିଏ ଉତ୍ସୁକ ସେନେଇ କୌଣସି ତଥ୍ୟ ନାହିଁ ।

# ଅଧିକ ବିକ୍ରି ହେଉଛି ଆଇସ୍-କ୍ରିମ୍

ବର୍ତ୍ତମାନ ତାପମାତ୍ରାର ପରିମାଣ ବଢିବାରେ ଲାଗିଛି । ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ଲୋକମାନେ ବିଭିନ୍ନ ପ୍ରକାରର ଉପାୟ ଆପଣାଉଛନ୍ତି । ତେବେ ଏଥିରେ ସବୁଠାରୁ ଆଗରେ ରହିଛି ଆଇସ୍ -କ୍ରିମ୍ । ନିକଟରେ ଅନଲାଇନ୍ ଫୁଡ ଡେଲିଭରି ପ୍ଲାଟଫର୍ମ ସ୍ୱିଗି ପକ୍ଷରୁ ଏକ ସର୍ଭେ କରାଯାଇଥିଲା ଯେଉଁଥିରେ ସବୁଠାରୁ ଅଧିକ ଆଇସ୍-କ୍ରିମ୍ ଅର୍ଡର ହୋଇଥିବା ନଜରକୁ ଆସିଛି। ସବୁଠାରୁ ବିରଳଥିଲେ ମୁମ୍ବାଇର ଜଣେ ଗ୍ରାହକ । ସେ ମାର୍ଚ୍ଚ ୧ରୁ ଏପ୍ରିଲ ୧୫ ମଧ୍ୟରେ ସ୍ୱିଗିରୁ ସେ ୧୪୧ ଥର ଅର୍ଡର କରିଛନ୍ତି, ଯେଉଁଥିରେ ୩୧୦ଟି ଆଇସ୍ କ୍ରିମ ରହିଛି । ମାତ୍ର ୪୫ ଦିନରେ ସେ ଏତେ ଅଧିକ ମାତ୍ରାରେ ଆଇସ୍- କ୍ରିମ ଅର୍ଡର କରିଛନ୍ତି, ଯାହା ଗରମର ପରିମାଣକୁ ସୂଚାଉଛି । ସେହିଭଳି ଏହି ପ୍ଲାଟଫର୍ମର ସୂଚନା ଅନୁସାରେ ବର୍ତ୍ତମାନ ସ୍ୱିଗିରେ ଆଇସ୍-କ୍ରିମ ଅର୍ଡରର ପରିମାଣ ପାଖାପାଖି ୧୬ ପ୍ରତିଶତ ବଢିଛି । ସାଧାରଣ ଦିନରେ ହେଉଥିବା ଅର୍ଡର ଠାରୁ ଏହା ୧୬ ପ୍ରତିଶତ ଅଧିକ ରହିଛି ।



# ରିପ୍ଲେସ କରିବେ ନୟନତାରା




ଗତ କିଛି ଦିନ ତଳେ ଖବର ଆସିଥିଲା କି କରୀନା ନିଜର କନ୍ନଡ ଡେବ୍ୟୁକୁ କିଛି ଦିନ ପାଇଁ ରୋକିଛନ୍ତି । ନିଜର ବିଜି ସିଡ୍ୟୁଲ୍ ପାଇଁ ସେ ବର୍ତ୍ତମାନ କନ୍ନଡ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିପାରିବେ ନାହିଁ ବୋଲି ଜଣା ପଡିଛି । ତେବେ ବର୍ତ୍ତମାନର ସୂଚନା ଅନୁଯାୟୀ କରୀନାଙ୍କ ସ୍ଥାନରେ ନୟନତାରାଙ୍କୁ ଦର୍ଶକ ଦେଖିବାକୁ ପାଇବେ । ଏହି ଫିଲ୍ମରେ ନୟନତାରା ଓ ୟଶଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ । ତେବେ ଏଥିରେ ନୟନତାରାଙ୍କୁ ୟଶଙ୍କ ଭଉଣୀ ଭୂମିକାରେ ଦେଖିବାକୁ ମିଳିବ । କରୀନାଙ୍କୁ ମଧ୍ୟ ୟଶଙ୍କର ଭଉଣୀ ଭୂମିକାରେ ହିଁ ଦେଖିବାକୁ ମିଳିଥାଆନ୍ତା । ଏହି ଫିଲ୍ମରେ ୟଶଙ୍କ ଭଉଣୀ ଚରିତ୍ରର ଖୁବ ଅଧିକ ଗୁରୁତ୍ୱ ରହିଛି, ତେଣୁ ମେକର୍ସ ଏହି ଚରିତ୍ର ପାଇଁ କୌଣସି ପ୍ୟାନଇଣ୍ଡିଆ ଷ୍ଟାରଙ୍କୁ ଖୋଜୁଥିଲେ ।

# ବଦ୍ଧ କୋଣାସନ



ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଗୋଡ଼ ଦୁଇଟିକୁ ଫୋଲ୍ଡ କରି ବସିପଡ଼ନ୍ତୁ । ଏହି ସମୟରେ ଆପଣଙ୍କ ପାଦ ଦୁଇଟି ଯେମିତି ପରସ୍ପରକୁ ସ୍ପର୍ଶ କରୁଥିବ । ଏହାପରେ ଫଟୋ ଭଳି ଆପଣଙ୍କ ହାତ ଦୁଇଟିରେ ପାଦକୁ ଧରନ୍ତୁ । ଏହି ସମୟରେ ଯେମିତି ଆପଣଙ୍କ ପିଠି ସିଧା ଥିବ । ସେହିପରି ଏହି ଆସନ କରିବା ସମୟରେ ପାରୁପର୍ଯ୍ୟନ୍ତ ଗୋଡ଼ଦୁଇଟିକୁ ଭୂମିରେ ଲଗାଇବା ପାଇଁ ଚେଷ୍ଟା କରନ୍ତୁ ।

**ଉପକାର**

- ମେରୁଦଣ୍ଡ ହାଡ଼କୁ ଫ୍ଲେକ୍ସିବୁଲ୍ କରିବ ।
- ଶରୀରର ନିମ୍ନ ଅଂଶରେ ଥିବା ଯନ୍ତ୍ରଣାକୁ ଦୂରେଇବ ।
- ଶାରୀରିକ ଓ ମାନସିକ ଅବସାଦକୁ ଦୂର କରିବ ।
- ହଜମ ପ୍ରକ୍ରିୟାକୁ ଉନ୍ନତ କରିବା ସହିତ କୋଷ୍ଠକାଠିନ୍ୟତାକୁ ଦୂରେଇବ ।
- କ୍ଳାନ୍ତପଣରୁ ଆଶ୍ୱସ୍ତି ପ୍ରଦାନ କରିବ ।

# ସମର ହେୟାର କଟ୍

**ନିଜର ଗେଟ୍‌ଅପ୍ ଟିକେ ଚେଞ୍ଜ କରିବାକୁ ଚାହୁଁଥିଲେ ସମସ୍ତେ ଆଗ ହେୟାର କଟ୍ କଥା ଭାବନ୍ତି । ତେବେ ବର୍ତ୍ତମାନ ଖରାଦିନ ଆରମ୍ଭ ହୋଇସାରିଥିବାରୁ ଏହାକୁ ଆଖିରେ ରଖି କେତେକ ହେୟାରକଟ୍ ଟ୍ରେଣ୍ଡ୍ ହେବାରେ ଲାଗିଛି । ଆସନ୍ତୁ ଜାଣିବା କିଛି ଟ୍ରେଣ୍ଡି ହେୟାର କଟ୍ ବିଷୟରେ ।**

**ପ୍ରେପି ବବ୍–** କେବଳ ୨୦୨୪ ନୁହେଁ ଏହା ୨୦୨୩ର ମଧ୍ୟ ସମର ହେୟାର କଟ୍‌ର ଟ୍ରେଣ୍ଡ୍‌ରେ ସବୁଠାରୁ ଆଗରେ ରହିଥିଲା । ଏହା ନବେଦଶକର ଷ୍ଟାଇଲ୍‌କୁ ରିପ୍ରେଜେଣ୍ଟ କରିଥାଏ । ଏହା ସମରରେ ବେଶ୍ କମ୍ପଟେବଲ୍ ରଖିଥାଏ, ସେହିଭଳି ଏହା ସମସ୍ତଙ୍କୁ ସୁଟ୍ ମଧ୍ୟ କରିଥାଏ । ସେହିଭଳି ଆପଣଙ୍କ ହେୟାର ଟେକ୍ସଚର ଯାହା ହୋଇଥାଉ ତାକୁ ମଧ୍ୟ ଏହି ଲୁକ୍ ସୁଟ୍ କରିଥାଏ ।

**ଲେନ୍ଥି ଲେୟାର–** ଯେଉଁମାନଙ୍କୁ ଲଙ୍ଗ୍ ହେୟାର ପସନ୍ଦ ସେମାନଙ୍କ ପାଇଁ ଏହା ଖୁବ ଭଲ ଅପସନ୍ । ଏଥିରେ ଚୁଟିର ଲମ୍ବା ଅଧିକ ରହିଥାଏ ହେଲେ ଭଲ୍ୟୁମ୍ କମ ରହିଥାଏ ତେଣୁ ଏହା ସମର୍ ପାଇଁ ଭଲ ହୋଇଥାଏ । ଏହା ବେଶ୍ ସ୍ମାର୍ଟ ଲୁକ୍ ପ୍ରଦାନ କରିଥାଏ ।

**ବିକ୍ସି କଟ୍–** ବର୍ତ୍ତମାନ ଏହି କଟ୍‌କୁ ନେଇ ଧୀରେଧୀରେ ଲୋକଙ୍କ ଭିତରେ କ୍ରେଜ୍ ବଢିବାରେ ଲାଗିଛି । ଏହା ଟିକେ ହଟକେ ହେଲେ ମଧ୍ୟ ଆପଣଙ୍କୁ ଏକ ଗ୍ଲାମରସ୍ ଲୁକ୍ ପ୍ରଦାନ କରିବ । ଯେଉଁମାନେ ଛୋଟ ଚୁଟି ରଖିବାକୁ ପସନ୍ଦ କରନ୍ତି ସେମାନଙ୍କ ପାଇଁ ଏହା ଖୁବ ଭଲ ଅପସନ୍ ।

**ଘୋଷ୍ଟ ଲେୟାର–** ଏହାର ନାଁ ଭଳି ଏହି କଟ୍ ମଧ୍ୟ ବେଶ୍ ୟୁନିକ୍ ହୋଇଥାଏ । ଏଥିରେ ଚୁଟିର ଲେନ୍ଥ୍ ବେଶି ଛୋଟ ହୋଇନଥାଏ । ଏହି କଟ୍ ଆପଣଙ୍କ ଚୁଟିରେ ଲେନ୍ଥ, ଭଲ୍ୟୁମ୍ ଓ ଟେକ୍ସଚର ଆଡ୍ କରିଥାଏ । ଯାହା ଆପଣଙ୍କୁ ଏକ ଷ୍ଟାଇଲିସ୍ ଲୁକ୍ ପ୍ରଦାନ କରିଥାଏ ।







ଖଡିଆଲ ଓ ଭବାନୀପାଟଣାରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ନିର୍ବାଚନ ପ୍ରଚାର କରୁଛନ୍ତି ।

## ସିଇଓଙ୍କୁ ଭେଟିଲା ବିଜେପି ପ୍ରତିନିଧିମଣ୍ଡଳୀ

# ନିର୍ବାଚନୀ ପ୍ରଚାରରେ ସରକାରୀ ଲୋଗୋ ବ୍ୟବହାର କରୁଛି ବିଜେଡି

ଭୁବନେଶ୍ୱର,(ସବ୍ୟୁ): ନିର୍ବାଚନ ଆସିଲେ ବିଜେଡିର ନେତା, ମନ୍ତ୍ରୀ ଓ ତାଙ୍କ ପ୍ରାର୍ଥୀମାନେ ଭୁଲ୍ କରିବା ସହ ନିର୍ବାଚନ ଆଚରଣ ବିଧି ଉଲଘଂନ କରନ୍ତି । ବିଜେଡି ନେତାଙ୍କ ମିଛ ପ୍ରହେଳିକା ଭଣ୍ଡାର ଭରି ଭରି ଆସିବା ଜାଣି ସେମାନେ ବାଉଳା ହୋଇ ରାସ୍ତାରେ ହୋର୍ଡିଂ ଲଗାଉଛନ୍ତି ଓ ସରକାରୀ କଳର ଅପବ୍ୟବହାର କରୁଛନ୍ତି । ବିଜେଡି ବାରମ୍ୱାର ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଛି । ଏଥିଲାଗି ବିଜେପି ମଧ୍ୟ ସିଇଓଙ୍କ ଦ୍ୱାରସ୍ଥ ହେଉଛି । ବିଜେଡି ନିର୍ବାଚନ ଆଚରଣ ବିଧି ଉଲଘଂନ କରିଛି । ବିଜେଡି ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ସହଯୋଗ, ସରକାରୀ କଳକୁ ବ୍ୟବହାର କରିବା ଏବଂ ସରକାରୀ ଚିହ୍ନ/ ଲୋଗୋକୁ ମଧ୍ୟ ବ୍ୟବହାର କରୁଛନ୍ତି । ବିଜେଡିର କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଜିଲ୍ଲାପାଳ କାର୍ଯ୍ୟାଳୟ ପାଖରେ




ସରକାରୀ ସ୍ଥାନ ଓ ପବ୍ଲିକ ରୋଡର ଦୁଇ ପାର୍ଶ୍ୱରେ ହୋଡିଂ ଛାଇ ଦେଇଛନ୍ତି । ସାଧାରଣ ସ୍ଥାନରେ ଶ୍ରୀ ମିଶ୍ର ହୋଡିଂ ଲଗାଇ ରାସ୍ତାକୁ ବନ୍ଦ କରୁଛନ୍ତି । ଏହି ହୋଡିଂରେ 'ଆମ ଓଡିଶା ନବୀନ ଓଡ଼ିଶା ଲୋଗୋକୁ ବ୍ୟବହାର କରୁଛନ୍ତି । ଶ୍ରୀ ମିଶ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ତୁରନ୍ତ ରାସ୍ତାରେ ଲଗାଯାଇଥିବା ହୋର୍ଡିଂକୁ ହଟାଯାଉ ଦାବି କରି ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଛି ବିଜେପି ପ୍ରତିନିଧିମଣ୍ଡଳୀ ।

ସେହିପରି ପୁରୀ ଲୋକସଭା ମଣ୍ଡଳୀ ଅନ୍ତର୍ଗତ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେଡି ପ୍ରାର୍ଥୀଙ୍କ ସହ ଇଏପିପି(ଆସିଷ୍ଟାଣ୍ଟ ପବ୍ଲିକ ପ୍ରସ୍ୟୁକ୍ୟୁଟର) ରବିନ୍ଦ୍ର ନାଥ ନାୟକ ସରକାରୀ କର୍ମଚାରୀ ହୋଇ ମଧ୍ୟ ବିଜେଡିର ନିର୍ବାଚନ ପ୍ରଚାର କରୁଛନ୍ତି । ଶ୍ରୀ ନାୟକଙ୍କୁ ପଦବୀରୁ ବହିଷ୍କାର କରାଯିବା ସହ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରାଯାଉ ବୋଲି ଶ୍ରୀ ମଲ୍ଲିକ ଦାବି କରିଛନ୍ତି ।

ଏଥର ସଧାରଣ ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ କିଭଳି ହେବ ସେ ନେଇ ସିଇଓ ସୁବନ୍ଦୋବସ୍ତ କରନ୍ତୁ ବୋଲି ଶ୍ରୀ ମଲ୍ଲିକ ଦାବି କରିଛନ୍ତି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା, ବରିଷ୍ଠ ନେତ୍ରୀ ନିୟତି ଗିରି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମିରଞ୍ଜନ କାନୁନଗୋ, କୃଷକମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ନିମାପଡା ରାଜନୀତି ,ମଝି ଦରିଆରେ ସମର୍ଥକ,ସମୀର ଚୁପ

ନିମାପଡା,(ସବ୍ୟୁ): ନିମାପଡା ରାଜନିତୀରେ ଘଡିକେ ଘୋଡା ଛୁଟୁଛି । ବିଜେଡିରୁ ଦିଲ୍ଲୀପ ନାୟକ ଟିକେଟ ପାଇବା ପରେ ସମୀର ରଂଜନ ଦାଶ ଏବଂ ତାଙ୍କ ସମର୍ଥକ ଖପ୍ପା ହୋଇଥିଲେ । ନିମାପଡାରେ ସମୀର ନାହିଁ ତ ଶଙ୍ଖ ନାହିଁ ବୋଲି ସମୀର ଏବଂ ତାଙ୍କ ସମର୍ଥକ ରଣହୁଙ୍କାର ଦେଇଥିଲେ । ବାରମ୍ୱାର ସମାବେଶ ଏବଂ ବୈଠକ ମାଧ୍ୟମରେ ଦିଲ୍ଲୀପଙ୍କ ଟିକେଟ ପରିବର୍ତ୍ତନ କରି ସମୀର ରଂଜନ ଦାଶ କିମ୍ବା ତାଙ୍କ ପତ୍ନୀ ସଂଗୀତା ଦାଶଙ୍କୁ ଟିକେଟ ଦେବାକୁ ସମୀର ସମର୍ଥକ ମାନେ ରାଜ୍ୟ ନେତୃତ୍ୱଙ୍କ ଉପରେ ଚାପ ପକାଇଥିଲେ । କିନ୍ତୁ ରାଜ୍ୟ ନେତୃତ୍ୱ ଟିକେଟ ପରିବର୍ତ୍ତନ ନକରିବାରୁ ନିମାପଡା,ଗୋପ ବ୍ଲକ ଏବଂ ନିମାପଡା ଏନ୍ଏସିର ୫୮ ଜଣ ନିର୍ବାଚିତ



ପ୍ରତିନିଧି,ବିଜେଡିର ବିଭିନ୍ନ ପଦପଦବୀରେ ଥିବା ନେତୃତ୍ୱ,ସୋସାଇଟ ସଭାପତି ମାନେ ଦଳର ସୁପ୍ରିମ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସମୀରଙ୍କୁ ସମୂହ ଇସ୍ତଫା ଦେବା ସହିତ ସମୀର ତାଙ୍କର ନିଜସ୍ୱ ନିଷ୍ପତି ନେବାକୁ ୨୪ ଘଣ୍ଟା ସମୟ ଦେଇଥିଲେ । ତେବେ ନର୍ବାଚିତ ପ୍ରତିନିଧି ଏବଂ ଦଳର କର୍ମକର୍ତ୍ତା ମାନେ ସିନା ଇସ୍ତଫା ଦେଲେ କିନ୍ତୁ ସମୀର ବିଜେଡିରୁ ଇସ୍ତଫା ଦେଇନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସେମାନେ ବିଜେଡି ଛାଡିଛନ୍ତି,ତାଙ୍କ ନେତା ଚୂପ ତେଣୁ ସେ କେଉଁ ଦଳକୁ ଯିବେ ଭାବନା ଭିତରେ ରହିଛନ୍ତି । କୁଆଡେ ରାଜ୍ୟ ନେତୃତ୍ୱ ସମୀରଙ୍କୁ ଡାକି ଦଳରେ ରହିବାକୁ ବୁଝାସୁଝା କରିଥିବା ଶୁଣାଯାଉଛି । ସମର୍ଥକ ମାନେ ଇସ୍ତଫା ଦେବାର ପରଦିନ ସମୀର ନିଜେ ଦଳରୁ ଇସ୍ତଫା ଦେଇ ସମର୍ଥକଙ୍କ ସହିତ ଅନ୍ୟ ଏକ ରାଜନୈତିକ ଦଳରେ ସାମିଲ ହୋଇଥାନ୍ତେ ବୋଲି ସେତେବେଳେ ଶୁଣାଯାଉଥିଲା । ଅନ୍ୟପଟେ ବିଜେଡିରୁ ଇସ୍ତଫା ଦେଇଥିବା ନିର୍ବାଚିତ ପ୍ରତିନିଧି ଏବଂ କାର୍ଯ୍ୟକର୍ତ୍ତା ମାନେ ସମୀର ବିଜେଡିରେ ଥାନ୍ତୁ ଆମ୍ଭେ ଖୁବ ଶୀଘ୍ର ଏକ ଜାତୀୟ ଦଳରେ ଯୋଗ ଦେବାକୁ ନିଷ୍ପତି ନେଇଛୁ ବୋଲି କେତେକ କର୍ମକର୍ତ୍ତା କହିଛନ୍ତି ।

# ବିଷ୍ଣୁବ୍ରତଙ୍କ ପାଇଁ ପ୍ରଚାର ମଙ୍ଗଧରିଲେ ପତ୍ନୀ ଋତୁପର୍ଣ୍ଣା

ବାସୁଦେବପୁର,ତା(ସବ୍ୟୁ): ବାସୁଦେବପୁର ନିର୍ବାଚନମଣ୍ଡଳୀର ବିଜୁ ଜନତାଦଳର ପ୍ରାର୍ଥୀ ତଥା ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ପାଇଁ ପ୍ରଚାର ମଇଦାନରେ ମଙ୍ଗ ଧରିଛନ୍ତି ପତ୍ନୀ ଋତୁପର୍ଣ୍ଣା ସ୍ରୋତସ୍ୱିନୀ ରାଉତରାୟ ଓ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା । ମହିଳାମାନଙ୍କୁ ଆକୃଷ୍ଟ କରିବା ପାଇଁ ସାବରପୁର ଠାରେ ଆୟୋଜିତ ନିର୍ବାଚନ ସଭାରେ ଦେଇ ଉଦବୋଧନ ଦେଇଥିଲେ । ବାସୁଦେବପୁର ପୌରପାଳିକାର ୧୫ ନମ୍ବର ୱାର୍ଡରେ ନିର୍ବାଚନ ପ୍ରଚାର ସଭାରେ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା,କାଉଁନସିଲର ସେଖ ଅମିରୁଦ୍ଦିନ ଖାଁ,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜେଡିର ଯୁବ ସଭାପତି ଦେବଦର୍ଶନ ଦାଶ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିକାଶ ରଥକୁ ଆଗକୁ ନେବାକୁ ଓ ବିଜେଡିକୁ ଅଧିକରୁ ଅଧିକ ଜନସମର୍ଥନ କରି ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷର ରେକର୍ଡ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ । ରାସ୍ତା,ପୋଲ,ମନ୍ଦିର,ମସଜିଦ,ଐତିହାସିକ ପୀଠ, ସ୍କୁଲ, କଲେଜ, ମେଡିକାଲ, ବିଜୁ ସ୍ମାର୍ଟ କାର୍ଡ, ମାଗଣାରେ ନିଦାନ ଆଦି ଯୋଜନାର ହଜାର ହଜାର କୋଟି ଟଙ୍କା ବିକାଶ ରଥ ବାସୁଦେବପୁରରେ ଗଡିବା ଆରମ୍ଭ କରିଛି ବୋଲି ବିଧାୟକ ପ୍ରାର୍ଥୀଙ୍କ ପତ୍ନୀ ଶ୍ରୀମତୀ ରାଉତରାୟ କହିଛନ୍ତି । ପୌରପାଳିକାର ବିଗତ ୫୦ ବର୍ଷ ମଧ୍ୟରେ ଯାହା କାମ ହୋଇ ନଥିଲା ଦୁଇ ବର୍ଷ ମଧ୍ୟରେ ପୌରପାଳିକାର କୋଣ ଅନୁକୋଣରେ ତାହା ହୋଇପାରିଛି ବୋଲି ସେ କହିଛନ୍ତି ।

# ସନ୍ଧ୍ୟାରାଣୀ ପ୍ରାର୍ଥୀ ଘୋଷଣା ପରେ ଏକ ହେଲା କୋରେଇ ବିଜେଡ଼ି

ବ୍ୟାସନଗର,(ଜିପ୍ର): ବିଜେଡି ପକ୍ଷରୁ ବିଜେଡ଼ି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ମାଆ ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରାର୍ଥୀ କରିବା ପରେ ଏକ ହୋଇଛି କୋରେଇ ବିଜେଡ଼ି । ବିଧାୟକ ଅଶୋକ ବଳଙ୍କୁ କୋରେଇ ନିର୍ବାଚନ ମଣ୍ଡଳୀରେ ରହିଥିବା ରସୁଲପୁର ବ୍ଲକର ୯ପଞ୍ଚାୟତ ଦାୟିତ୍ୱ ଦାୟିତ୍ୱ ଦିଆଯାଇଛି । ଅଶୋକ ପ୍ରାର୍ଥୀ ହେବାକୁ ଦାବିଦାର ଥିବା ବେଳେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା । କିନ୍ତୁ ଦଳ ଯାହାଙ୍କୁ ପ୍ରାର୍ଥୀ କରିଛି, ତାଙ୍କ ବିଜୟ ପାଇଁ ସେ କାର୍ଯ୍ୟ କରିବେ ବୋଲି ଘୋଷଣା କରିବା ଫଳରେ ତାଙ୍କ ସମର୍ଥକ ମଧ୍ୟ ଶ୍ରୀମତୀ ଦାସଙ୍କ ପାଇଁ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି ବ୍ୟାସନଗର ପୌରାଞ୍ଚଳର ୨୬ ୱାର୍ଡ଼, କୋରେଇ ବ୍ଲକର ୨୮ ଏବଂ ରସୁଲପୁର ବ୍ଲକର ୯ ପଞ୍ଚାୟତକୁ ନେଇ ଗଠିତ କୋରେଇ ବିଧାନସଭା କ୍ଷେତ୍ର ଗଠିତ । ଶ୍ରୀମତୀ ଦାସ ପ୍ରାର୍ଥୀ ଘୋଷଣା ପରେ ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ତୁହାକୁ ତୁହା ବୈଠକ ମାନ କରାଯାଇ ରଣକୌଶଳ ପ୍ରସ୍ତୁତ କରାଯାଉଛି । ଶୁକ୍ରବାର ବ୍ୟାସନଗର ଠାରେ ନିର୍ବାଚିତ କାଉନସିଲର, କାର୍ଯ୍ୟକର୍ତାଙ୍କ ବୈଠକ ହୋଇଥିବା ବେଳେ ଏଥିରେ ଶ୍ରୀମତୀ ଦାସଙ୍କ ପୁତୁରା ତଥା ଯାଜପୁର ପୌରସଭାର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ ଉପସ୍ଥିତ ରହିଥିଲେ । ସେହିପରି କୋରେଇ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି ଏବଂକାର୍ଯ୍ୟକର୍ତାଙ୍କୁ ନେଇ ବୈଠକ କରି ଭବପ୍ରସାଦ ସନ୍ଧ୍ୟାରାଣୀଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି । ସେହିପରି କୁଆଖିଆ ଠାରେ ମଧ୍ୟ ୦ ପଞ୍ଚାୟତକୁ ନେଇ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶୋକ ଏବଂ ଭବପ୍ରସାଦ ସନ୍ଧ୍ୟାରାଣୀଙ୍କ ବିଜୟ ସୁନିଶ୍ଚିତ କରିବାକୁ ରଣକୌଶଳ ପ୍ରସ୍ତୁତ କରୁଥିବା ବେଳେ ସମସ୍ତ କର୍ମୀ ଏବଂ ସହଯୋଗୀଙ୍କୁ ଦଳ ପାଇଁ କାର୍ଯ୍ୟ କରିବାର ପରାମର୍ଶ ଦେଇଛନ୍ତି । ମୋଟାମୋଟି ଉପରେ ବିଜେଡ଼ି ଏକତ୍ରିତ ହୋଇ ସନ୍ଧ୍ୟାରାଣୀଙ୍କ ପାଇଁ କାର୍ଯ୍ୟ କରିବାରଦେଖିବାକୁ ମିଳିଥିବାରୁ ପ୍ରଚାର ସରଗରମ ହୋଇ ଉଠିଛି । ଜିଲା ମହିଳା ସଭାନେତ୍ରୀ ସବିତା ରାଉତ, ପ୍ରାକ୍ତନ ବ୍ୟାସନଗର ନଗରପାଳ ରସାନନ୍ଦ ମହାନ୍ତି ପ୍ରମୁଖ ଦଳର ବିଭିନ୍ନ ସ୍ତରର ନେତାଙ୍କୁ ଏକାଠି କରି ଦଳପାଇଁ କାର୍ଯ୍ୟ କରିବାର ଦେଖିବାକୁ ମିଳିଛି । ସ୍ୱର୍ଗତ ଅଶୋକ ଦାସଙ୍କବହୁ ସମର୍ଥକ କୋରେଇରେ ରହିଥିବାରୁ ସେମାନେ ମଧ୍ୟ ତତ୍ପର ହୋଇଉଠିଛନ୍ତି ।

## ପୁରୀ ସଦର ବିଧାନସଭା ଆସନ ନିମନ୍ତେ

# କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥଙ୍କ ନାମାଙ୍କନ ପତ୍ର ଦାଖଲ

ପୁରୀ,(ସବ୍ୟୁ): କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ସୋମବାର ପୁରୀ ସଦର ବିଧାନ ସଭା ଆସନ ପାଇଁ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥି ପତ୍ର ଦାଖଲ କରିଛନ୍ତି । ହଜାର ହଜାର କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ଗହଣରେ ଆସି ସେ ପ୍ରଥିପତ୍ର ଦାଖଲ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ଗୁଣ୍ଡିଚା ମନ୍ଦିର ଠାରୁ ଏକ ବିରାଟ ନାମାଙ୍କନ ଶୋଭାଯାତ୍ରା ଅଭୀନବ ଢଙ୍ଗରେ ବାହାରି ଥିଲା । ଅପରାହ୍ନ ପ୍ରାୟ ୧ ଟା ସମୟରେ ଶ୍ରୀ ରଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ । ଏହା ପରେ ସେ ପ୍ରାର୍ଥୀ ପତ୍ର ଦାଖଲ କରି ଥିଲେ । ଏହି ଅଭିନବ ଶୋଭାଯାତ୍ରାରେ ପୁରୀ ସଦର ଅଞ୍ଚଳରୁ ୨୮ ରୁ ଉର୍ଦ୍ଧ୍ୱ ଶଗଡ଼ ଗାଡ଼ି ସାମିଲ ହୋଇଥିଲା । ସେହିପରି ସହରାଞ୍ଚଳ ପାଇଁ ବହୁ ସଂଖ୍ୟାରେ ବ୍ୟାଟେରୀ ଅଟୋ ଗାଡ଼ି ମଧ୍ୟ ସାମିଲ ହୋଇଥିଲା । ନାମାଙ୍କନ ଶୋଭାଯାତ୍ରା ବଡ଼ଦାଣ୍ଡ ,ଶ୍ରୀମନ୍ଦିର, ଦୋଳମଣ୍ଡପ ସାହି



ଦେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ମହାପାତ୍ର ନିଜ ନାମାଙ୍କନ ପତ୍ର ଦାଖଲ ପାଇଁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସ୍ୱାଧୀନ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଥିବା ସୁଜମହାପାତ୍ରଙ୍କ ସମର୍ଥକଙ୍କ ମଧ୍ୟରେ ମୁହମୁହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଭଳିକି ହାତାହାତି ହେଉଥିବା ମଧ୍ୟ ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ଅତିରିକ୍ତ ଏସପି, ସିଟି ଡିଏସପି ,ବିଭିନ୍ନ ଥାନାର ଆଇଆଇସି ପହଞ୍ଚି ଉଭୟ ପଟର କର୍ମକର୍ତ୍ତାଙ୍କୁ ବୁଝାସୁଝା କରିଥିଲେ । ରବିବାର କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ ରଥ ପ୍ରଚାର କରିବା ସମୟରେ ବସଷ୍ଟାଣ୍ଡ ନିକଟରେ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁଜିତ ମହାପାତ୍ରଙ୍କୁ ପୋଲିସ ବିଳମ୍ୱିତ ରାତିରେ ଅଟକ ରଖି ଆଜି ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲେ ।


**TP SOUTHERN ODISHA DISTRIBUTION LIMITED** **TPSODL**
(Procurement Department)

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 07.05.2024

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate contract for providing power supply to new Cancer Care Center Building at MKCG Medical. | TPSODL/OT/ 2024-25/007 | 2,00,000 | 5,000 | 15.05.2024; 18:00 Hrs. |
| 2 | Rate Contract for Supply of Chequered Plate at Various Locations, TPSODL, Odisha. | TPSODL/OT/ 2024-25/009 | 50,000 | 5,000 | 17.05.2024; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**



BAJAJ FINSERV

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ୍**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ୍ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇ ପାରିବେ: https://cms-assets.bajajfinserv.in/is/content/bajajfinance/bidder-tcpdf?scl=1&fmt=pdf;
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(10-05-24) **ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍**; P596SGL6879862, 6893767, 6926195, 6912937, 6892248, 6870023, 6843221, 6843477, 7037511, 6995831. **ବାରିପଦା**; P4C7SGL6993180, 6870257, 6960526, 6936324, 6766718, 7016911. **ଭଦ୍ରକ ସାଲାଣ୍ଡି ବାଇପାସ୍**; P4C8GOL6647348, 7019642, 6782254, 6763970, 6756875, 6924135, 6777728, 6962353, 6914689, 6945622, 6830507. **କଟଣୀ - ମେନ୍ ରୋଡ୍**; PZ14SGL7001298, 6987436, 6856345, 6925753, 6994488. (11-05-24) **ଆଠଗଡ଼ - ବୀରକିଶୋରପୁର**; PZ12SGL6870586, 6935642. **ବଲାଙ୍ଗୀର**; PU39GOL5993597. **ବରଗଡ଼ ଖାରଜତୀ କାଲା**; PU43SGL7000110, 6912263, 7020096, 6426646, 7033640, 6933727, 6880959. **ଭବାନୀପାଟଣା**; PU41SGL6633868. **ଭୁବନେଶ୍ୱର**; P423SGL6895840, 7031410, 6892497, 6935949, 6957856, 6537434, 6872346, 7018819. **ନୂଆପଡ଼ା**; P86HSGL6499956, 6850489, 6706269, 6444906. (14-05-24) **ଜଗତସିଂହପୁର**; PU42SGL6866948, 6955975, 6384689, 6946977, 6870342. **ଜୟପୁର - ଏମ୍.ଜି ରୋଡ୍**; PW06SGL6975659, 6862642, 7017398, 6939121, 6957274, 6907771, 6975332, 6960934, 6911132. **କେନ୍ଦ୍ରାପଡ଼ା - କଲେଜ ସ୍କୋୟାର୍**; P4C6SGL7002442, 6946620, 7005284, 6936672, 6935965. **ନବରଙ୍ଗପୁର - ପଟେଲ ମାର୍ଗ**; PW07SGL6867608, 7004157, 6969109, 7003402, 6955828, 6990850, 6848116, 7001174, 7031998, 6971872, 7002227, 6921258, 7003011, 6859083, 6914093, 6524069, 6949257, 6972047, 6992298, 7030285. **ରାୟଗଡ଼-ପି.ଏସ୍.ଆର୍ ରୋଡ୍**; PU44SGL6867345, 7029994. **ସାଲେପୁର-ମେନ୍ ରୋଡ୍**; PW08SGL7005033, 6937652, 6845137, 6909889, 6973848. (15-05-24) **ଝାରସୁଗୁଡ଼ା - ବେହେରାମଲ**; PG62SGL6898078, 7032991, 6881830, 7002445, 6963581, 6858589, 6898191, 6879508, 7032248, 6994897, 6869509, 6911003, 6880259, 6910885. **କୁଚିଣ୍ଡା**; P93KSGL6856165, 7001295, 7017194, 6957587, 6909154, 6926403, 6856487, 7030727, 6857442. **ରାଜଗାଙ୍ଗପୁର**; P504SGL6651197, 6859838, 7017810, 6934660, 6957859, 6927221, 6650713, 6857130. **ରେଙ୍ଗାଳୀ**; PZ06GOL6182850. (16-05-24) **କଟକ - ଲିଙ୍କ ରୋଡ୍**; P4C1SGL6882877, 6915197, 6843475, 6893193, 6846210, 6881271, 6937482, 6832924, 6915444, 6846665, 6856934, 6961559, 6862471. **ପୁରୀ ଭି.ଆଇ.ପି ରୋଡ୍**; P4C4SGL6912299, 6859948, 7036706, 6921309, 6973911, 6939277, 6870211, 6913475, 6922009, 6886799. (17-05-24) **ବାଲୁଗାଁ - ମେନ୍ ରୋଡ୍**; PW02SGL7031988, 5409623, 5271266, 5195599, 5295371, 5145140, 5294697. **ବ୍ରହ୍ମପୁର - କାମାପଲ୍ଲୀ ଚକ୍**; PB63SGL7017287, 6973465. **ବୁଗୁଡ଼ା**; P09QSGL6909629, 6874508, 6945644, 6845009. **ଯୋଡ଼ା**; P92ASGL6590469, 6557886. **କେନ୍ଦୁଝର - ମାଇନିଂ ରୋଡ୍**; P4G0SGL6845668, 7001328, 6933645, 6841866, 6845362, 6843214, 7002191, 6886685, 7018220, 6860882, 6993652, 7020499, 6912049. **ଟାଙ୍ଗୀ-ମେନ୍ ରୋଡ୍**; P84HSGL6847787, 6969175, 6995569, 6870935, 7002912, 6950000. (18-05-24) **ଗୁଣପୁର**; P95ASGL6208346, 6843829, 6443303, 5567030. **କଣିହାଁ**; PV26SGL6765009, 6588521, 6847415, 7023781, 6533298, 6943879, 7029972, 6762126, 6847959, 6586559, 6545850, 6736960. **ଫୁଲବାଣୀ**; P93ASGL6959417, 6861271, 6836042, 6958478, 6861092, 6945258, 6614501, 6848026, 6404135.

**ବଜାଜ ଫାଇନାନ୍ସ ଲିମିଟେଡ୍**

# ବିଏମ୍‌ସି କମିଶନରଙ୍କ ବିରୋଧରେ ଅଭିଯୋଗ
# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,(ସବ୍ୟୁ) : ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଦଳୀୟ ଫ୍ଲେକ୍ସ, ବ୍ୟାନର ଏବଂ ପ୍ରଚାର ସାମଗ୍ରୀ ହଟାଇ ଦିଆଯାଇଛି । ମହାନଗର ନିଗମ କମିଶନର ବିଜେପିର ପ୍ରଚାର ସାମଗ୍ରୀ ହଟାଇ ନଥିବା ବେଳେ ବିଜେଡିର ପ୍ରଚାର ସାମଗ୍ରୀକୁ ହଟାଇ ଦେଇଥିବା ଅଭିଯୋଗ କରିଛି ବିଜେଡି । ଏ ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଫେରାଦ ହୋଇଛନ୍ତି ବିଜେଡିର ଏକ ପ୍ରତିନିଧି ଦଳ ।

ବିଜେଡିର ଅଭିଯୋଗ ଅନୁସାରେ ବ୍ରହ୍ମପୁର ମହାନଗର ଅଞ୍ଚଳରେ ଦଳୀୟ ପ୍ରଚାର ପାଇଁ ପୋଷ୍ଟର ଓ ବ୍ୟାନର ଲାଗିଥିଲା । ତେବେ ମହାନଗର କମିଶନର ଭବାନୀ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶରେ ବିଜେଡିର ପ୍ରଚାର ସାମଗ୍ରୀକୁ ହଟାଇ ଦିଆଯାଇଛି । ଯାହା ବେଆଇନ ଓ



ପାତରଅନ୍ତର ନୀତି ଦର୍ଶାଉଛି । ବିଜେପିର ପ୍ରାର୍ଥୀଙ୍କର ପ୍ରଚାର ସାମଗ୍ରୀକୁ କେହି ହାତ ନମାରି କେବଳ ବିଜେଡି ପ୍ରଚାର ସାମଗ୍ରୀ ହଟାଇ ଦେଇଥିବା ବିଜେଡି ଦାବିପତ୍ରରେ ଅଭିଯୋଗ କରିଛି । ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ବହୁ ନେତୃମଣ୍ଡଳୀ ସାମିଲ ଥିଲେ ।

ସେହିପରି ବିଜେପିର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ମିଶନ ଶକ୍ତି ମାଷ୍ଟର ବୁକ୍ କିପର୍ସଙ୍କୁ ଧମକାଇଥିବା ବିଜେଡି ଅଭିଯୋଗ କରିଛି । ଏ ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ବିଜେଡି ପ୍ରତିନିଧି ଦଳ ।

## ଅନୁଗୋଳ ବିଧାନସଭା ଆସନ: ବିଜେଡି ବିଧାୟିକା ପ୍ରାର୍ଥୀ ସଂଯୁକ୍ତା ସିଂହଙ୍କ ନାମାଙ୍କନପତ୍ର ଦାଖଲ

ଅନୁଗୋଳ ,(ସବ୍ୟୁ) : ଅନୁଗୋଳ ବିଧାନସଭା ଆସନ ପାଇଁ ବିଜୁ ଜନତା ଦଳ ବିଧାୟିକା ପ୍ରାର୍ଥୀନୀ ଶ୍ରୀମତୀ ସଂଯୁକ୍ତା ସିଂହ ଆଜି ପ୍ରାର୍ଥୀପତ୍ର ଦାଖଲ ଶେଷ ଦିନରେ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି । ହଜାର ହଜାର ବିଜେଡି କର୍ମୀଙ୍କ ଗ୍ରହଣରେ ବିଧାୟିକା ପାର୍ଥୀନୀ ଶ୍ରୀମତୀ ସଂଯୁକ୍ତା ସିଂହ ବନରପାଳ ସ୍ଥିତ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଅନୁଗୋଳର ଜଗନ୍ନାଥ ମନ୍ଦିର ଓ ବୁଢ଼ୀ ଠାକୁରାଣୀ ମନ୍ଦିର ଦର୍ଶନ କରି ସହର ପରିକ୍ରମା ସାରି ସିଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ନିଜର ନାମାଙ୍କନ ଦାଖଲ କରିଥିଲେ । ଶ୍ରୀମତୀ ସିଂହଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡଃ ଅବିନାଶ ସାମଲ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୋଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ରାଜ୍ୟ ବିଜେଡି ସମ୍ପାଦକ ନିର୍ମଳ ସାହୁ ,ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ବରିଷ୍ଠ ବିଜେଡି ନେତା ତଥା ଢ଼େଙ୍କାନାଳ ସଂସଦୀୟ କ୍ଷେତ୍ର ବିଜେଡି ସଂଯୋଜକ ବିପ୍ଳବ ଜେନା, ମୀନକେତନ ଅମାନ୍ତ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ, ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ନଗର ବିଜେଡି ସଭାପତି ଶ୍ରୀ ବୃନ୍ଦାବନ ସ୍ୱାଇଁ, ଅନୁଗୋଳ ନଗରପାଳ ଶ୍ରୀ ଅକ୍ଷୟ ସାମନ୍ତ, ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ବଅଁରପାଳ ବ୍ଲକ ଅଧକ୍ଷ ଶ୍ରୀ ବିଜୟ କୁମାର ନାଥ, ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଧୃର୍ବ ଚରଣ ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ସମସ୍ତ ବିଜେଡି କାଉନସିଲର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମବାୟ ନିର୍ଦ୍ଦେଶକ ଓ ବିଭିନ୍ନ ଦଳୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶାନ୍ତି ମେମୋରିଆଲ ହସ୍ପିଟାଲରେ ସଫଳ ହିପ୍ ରିପ୍ଲେସ୍‌ମେଣ୍ଟ ସର୍ଜରୀ

କଟକ, (ସ୍ୱପ୍ର) : ୩୪ ବର୍ଷୀୟ ନକୁଳ ବାରିକ୍ ଗତ ୩ ବର୍ଷ ହେବ ଯନ୍ତ୍ରଣାଦାୟକ ହିପ୍ (ନିତମ୍ବ) ସମସ୍ୟା ସହ ସଂଘର୍ଷ କରୁଥିଲେ । ଯାହା ତାଙ୍କୁ ଦୈନନ୍ଦିନ କାର୍ଯ୍ୟ କରିବା ପାଇଁ ଅକ୍ଷମ କରିବା ସହ ଶର୍ଯ୍ୟାଶାୟୀ କରିଦେଇଥିଲା। ବିଭିନ୍ନ ହସ୍ପିଟାଲ ଓ ଡାକ୍ତରଙ୍କ ଠାରୁ ଚିକିତ୍ସା ସହଯୋଗ ପାଇବା ପରେ ମଧ୍ୟ ତାଙ୍କୁ ଯନ୍ତ୍ରଣାରୁ କୌଣସି ଉପଶମ ମିଳିନଥିଲା। ତେବେ ତାଙ୍କ ପାଇଁ ଏକ ଆଶାର କିରଣ ଦେଖା ଦେଇଥିଲା ଯେତେବେଳେ ଶାନ୍ତି ମେମୋରିଆଲ ହସ୍ପିଟାଲର କନ୍‌ସଲ୍‌ଟାଣ୍ଟ ଅର୍ଥୋପେଡିକ୍ ସର୍ଜନ ଡା. ଅଜିତ କୁମାର କର ପ୍ରାୟ ଏକ ମାସ ତଳେ ତାଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ବିସ୍ତୃତ ପରୀକ୍ଷଣ ପରେ ନକୁଳ ବାରିକଙ୍କର ଆଙ୍କିଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ସହିତ ମେରୁଦଣ୍ଡରେ ସ୍ଥାୟୀ ବିକଳାଙ୍ଗତା, ଉଭୟ ହିପ୍‌ର ଓଷ୍ଟିଓଆର୍ଥ୍ରାଇଟିସ୍ ଓ ଫିକ୍ସଡ୍ ଲେଫ୍ଟ ହିପ୍ ସ୍ଥିତି ରହିଥିବା ସମ୍ପର୍କରେ ଜଣାପଡିଥିଲା। ତାଙ୍କର ସ୍ଥିତି ଓ



ଅଙ୍ଗପ୍ରତ୍ୟଙ୍ଗର ଗତିଶୀଳତାକୁ ଯାଞ୍ଚ କରିବା ପରେ ଡା. କର ତାଙ୍କର ଟୋଟାଲ ହିପ୍ ରିପ୍ଲେସ୍‌ମେଣ୍ଟ ସର୍ଜରୀ କରାଇବା ପାଇଁ ପରାମର୍ଶ ଦେଇଥିଲେ। ହିପ୍‌ର ଆଙ୍କିଲୋସିସ୍, ଆନେସ୍ଥେସିଆର ପ୍ରୟୋଗ, ପୋଷ୍ଟ ଅପରେଟିଭ ରିଭର୍ସାଲ ଓ ଅସ୍ତ୍ରୋପଚାର ସମ୍ବନ୍ଧିତ ଅନ୍ତର୍ନିହିତ ଜଟିଳତା ଭଳି ଅନେକ ସମସ୍ୟା ସୃଷ୍ଟି କରିଥାଏ। ଏକ ମାସର ପ୍ରସ୍ତୁତିମୂଳକ ଫିଜିଓଥେରାପି ପରେ ଶ୍ରୀ ବାରିକ୍‌ଙ୍କୁ ଅସ୍ତ୍ରୋପଚାର ପାଇଁ ଶାନ୍ତି ମେମୋରିଆଲ ହସ୍ପିଟାଲରେ ଆଡ୍‌ମିଟ କରାଯାଇଥିଲା । ଡା. ଅଜିତଙ୍କ ସମେତ ଡଃ ରେଖା ଦାସ ଓ ଡଃ ଆଲୋକ ସାହୁଙ୍କ ନେତୃତ୍ୱରେ ଆନେସ୍ଥେସିଓଲୋଜିଷ୍ଟଙ୍କର ଏକ ଦକ୍ଷ ଟିମ୍ ଦ୍ୱାରା ଏହି ପଦ୍ଧତିକୁ କାର୍ଯ୍ୟକାରୀ କରାଯାଇଥିଲା । ଯିଏକି ରୋଗୀଙ୍କ ପୋଜିସନିଂ, ଆସେଟାବ୍ୟୁଲମ କପ୍‌ରୁ କ୍ଷତିଗ୍ରସ୍ତ ଓ ଫିକ୍ସଡ୍ ହେଡ୍‌କୁ ବାହାର କରିବା, ଫେମର ନେକ୍ ରିସେକ୍ସନ, କନ୍‌ଷ୍ଟ୍ରିକ୍ଟେଡ ଷ୍ଟ୍ରକ୍ଚରଗୁଡିକୁ ରିଲିଜ୍ କରିବା, ଇମ୍ପ୍ଲାଂଟେଶନ ଓ ସଠିକ ସମୟରେ ଶେଷ କରିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକୁ ନିୟନ୍ତ୍ରଣ କରିଥିଲେ । ଏସମସ୍ତ କାର୍ଯ୍ୟ ୩ ଘଣ୍ଟା ସମୟ ମଧ୍ୟରେ ଶେଷ ହୋଇଥିଲା। ଅସ୍ତ୍ରୋପଚାର ପରେ ଶ୍ରୀ ବାରିକଙ୍କୁ ଗୋଟିଏ ଦିନ ପାଇଁ ଆଇସିୟୁରେ ତଦାରଖ ପାଇଁ ରଖାଯାଇଥିଲା। ଉଲ୍ଲେଖନୀୟ ଭାବେ ମାତ୍ର ୩ ଦିନ ମଧ୍ୟରେ ତାଙ୍କୁ ଡିସ୍ଚାର୍ଜ କରାଯାଇଥିଲା । ସେ ଏକ ୱାକର୍ ସହାୟତାରେ ଚାଲିବାକୁ ସକ୍ଷମ ହୋଇଥିଲେ। ଏହି ସଫଳ ଅସ୍ତ୍ରୋପଚାର ସମ୍ପର୍କରେ ଡା. କର କହିଛନ୍ତି, 'ଜଣେ ଅର୍ଥୋପେଡିକ୍ ସର୍ଜନଙ୍କ ପାଇଁ ସବୁଠାରୁ ବଡ ସନ୍ତୋଷ ହେଉଛି ନିଜର ରୋଗୀ ପୁଣିଥରେ ସ୍ୱାଧୀନତା ଫେରିପାଇବା ଓ ନିଜର ଦୈନନ୍ଦିନ କାର୍ଯ୍ୟ ପୁଣିଥରେ କରିପାରୁଥିବାର ଦେଖିବା।' ଶାନ୍ତି ମେମୋରିଆଲ ହସ୍ପିଟାଲ ଅର୍ଥୋପେଡିକ୍ କେୟାର କ୍ଷେତ୍ରରେ ଉତ୍କର୍ଷତାର ନିଜର ବିରାସତକୁ ବଜାୟ ରଖିଛି, ଯାହାକି ଜଟିଳ ଅସ୍ତ୍ରୋପଚାରଗୁଡିକର ସଫଳ କାର୍ଯ୍ୟକାରିତା, ଗତିଶୀଳତାର ପୁନରୁଦ୍ଧାର ଓ ରୋଗୀଙ୍କ ପାଇଁ ଜୀବନର ମାନକୁ ଉନ୍ନତ କରିବା ଆଦିରେ ପ୍ରଦର୍ଶିତ ହୋଇଛି।

## ଝାରସୁଗୁଡାର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ
## ବିଜେପି ସରକାର ହେଲେ ଝାରସୁଗୁଡାରେ ପାଉଁଶ ସମସ୍ୟା ଦୂର ହେବ : ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ଦୀର୍ଘ ୨୪ ବର୍ଷ ହେବ ଓଡ଼ିଶାବାସୀଙ୍କୁ ଅନେକ ସ୍ୱପ୍ନ ଦେଖାଇ ଆସୁଛନ୍ତି। ସାଧାରଣ ଜନତାଙ୍କୁ ପିଇବା ପାଇଁ ପାଣି ଦେଇ ପାରୁନାହାନ୍ତି । ଜଳସେଚନର ସୁବିଧା ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ । ଯୁବକଙ୍କୁ ଚାକିରି ନାହିଁ ବୋଲି ସୋମବାର ଝାରସୁଗୁଡାରେ ଆୟୋଜିତ ମିଶ୍ରଣ ପର୍ବରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉନାହାନ୍ତି । ବିଜେପିର ମୁଖ୍ୟମନ୍ତ୍ରୀ କିଏ ହେବ ବୋଲି ଶାସକ ଦଳ ପ୍ରଶ୍ନ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ତାହାର ଉତ୍ତର ଦେଇସାରିଛନ୍ତି । ମୁଖ୍ୟମନ୍ତ୍ରୀ ଜଣେ ଓଡ଼ିଆ ହେବ ଏବଂ ଓଡ଼ିଆ ସଂସ୍କୃତିକୁ ବୁଝୁଥିବା ଲୋକ ହେବ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିସାରିଛନ୍ତି । ହେଲେ ରାଜ୍ୟରେ ସରକାର କିଏ ଚଲାଉଛି, ତାହା ଶାସକ ଦଳର ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବେ କି ?




ଝାରସୁଗୁଡା ଭଳି ଶିଳ୍ପାଞ୍ଚଳରେ ଅନେକ କାରଖାନା ସମୂହ ଗି ଉଠିଛି । ଶିଳ୍ପ ଅନୁଷ୍ଠାନ ଥିଲେ ମଧ୍ୟ ନିରବଦ୍ରଷ୍ଟା ରାଜ୍ୟ ସରକାରଙ୍କ କାରଣରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନାହିଁ ଏବଂ ଯୁବପିଢି ବେରୋଜଗାର ଅଛନ୍ତି । ଶିଳ୍ପାନୁଷ୍ଠାନ ଏବଂ କଳକାରଖାନାର ପ୍ରଦୂଷଣ, ବର୍ଜ୍ୟବସ୍ତୁ ଓ ନିର୍ଗତ ପାଉଁଶ ଯୋଗୁଁ ଅଞ୍ଚଳରେ ଗଭୀର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଛି । ବିଜେପି ସରକାର ଆସିଲେ ଏହି ସବୁ ସମସ୍ୟାର ସମାଧାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କିରିମିରା ବ୍ଲକର ପୂର୍ବତନ ଚେୟାରମ୍ୟାନ ତେଜରାଜ ସାହୁ, ତାଙ୍କ ଧର୍ମପତ୍ନୀ ତଥା କିରିମିରା ବ୍ଲକର ଚେୟାରମ୍ୟାନ କୃଷ୍ଣପ୍ରିୟା ସାହୁ ଏବଂ ଅନେକ ସମର୍ଥକମାନେ ଦଳରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସଂଗ୍ରାମରେ ସହଯୋଗୀ ଭୂମିକାର ଦାୟିତ୍ୱ ନିର୍ବାହ କରିବା ପାଇଁ ଦଳରେ ମିଶିଥିବାରୁ ଶ୍ରୀ ପ୍ରଧାନ ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ମିଶ୍ରଣ ପର୍ବରେ ବରଗଡ ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଝାରସୁଗୁଡ଼ା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପୀନାଥ ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ



ଭୁବନେଶ୍ୱର,(ସବ୍ୟୁ):ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ତମାଣ୍ଡୋ ଜଗନ୍ନାଥ ମନ୍ଦିରରେ ୨୧୪ତମ କଥାମୃତ ଓ ଭଜନ ଓ ପ୍ରତିଷ୍ଠାତା ସଭାପତି ଦିବଂଗତ ଶ୍ରୀ ଗୋପୀନାଥ ମହାନ୍ତିଙ୍କ ତୃତୀୟଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ସଭାପତି ସଞ୍ଚିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ତମାଣ୍ଡୋ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ୨୧୪ ତମ କଥାମୃତ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦିବଂଗତ ପ୍ରତିଷ୍ଠାତା ସଭାପତି ଶ୍ରୀ ଗୋପୀନାଥ ମହାନ୍ତିଙ୍କୁ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆଜିର ଭଜନ କାର୍ଯ୍ୟକ୍ରମରେ କେ ଲକ୍ଷ୍ମୀ ନାରାୟଣ , ସୌଦାମିନୀ ପଣ୍ଡା,ଶର୍ମିଷ୍ଠା ମାମ,ବିଦ୍ୟାଧର ପଣ୍ଡା ପ୍ରମୁଖ ଭଜନ ଗାଇ ଥିଲେ ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ ଓ ଉପ ସଭାପତି ରବିନାରାୟଣ ମହାପାତ୍ର ସ୍କନ୍ଦ ପୁରାଣ ଉପରେ ସମ୍ୟକ ସୂଚନା ସମସ୍ତଙ୍କୁ ଦେଇଥିଲେ । ପଣ୍ଡିତ ଦାଶରଥି ସାମନ୍ତରାୟ ସ୍କନ୍ଦ ପୁରାଣ ବର୍ଣିତ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ପ୍ରବଚନ ଦେଇଥିଲେ । ଏହି ଅବସରରେ ଉପଦେଷ୍ଟା ବାଳକୃଷ୍ଣ ପଣ୍ଡା, ଉପ ସଭାପତି ରବି ନାରାୟଣ ମହାପାତ୍ର, ନିରଞ୍ଜନ ପଣ୍ଡା, ସମ୍ପାଦକ ଡ଼ ନାରାୟଣ ମହାପାତ୍ର କୋଷାଧକ୍ଷ ସୁରେଶ ମିଶ୍ର, ଯୁଗ୍ମ ସମ୍ପାଦକ ଅଜୟ ହରି ଚନ୍ଦନ, ଉପ କୋଷାଧକ୍ଷ ଗୌରାଙ୍ଗ ନାୟକ, ଶ୍ରୀ ହରିପଦ ଶତପଥି, ସତ୍ୟକମ ମହାନ୍ତି ଅଖିଳ ସାହୁ ,ଅକ୍ଷୟ ଉପାଧ୍ୟାୟ ଅକ୍ଷୟ ସାହୁ, ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କୋ-ବ୍ରାଣ୍ଡେଡ୍ ଏମ୍-ଟେକ୍ ପ୍ରୋଗ୍ରାମ
## କିଟ୍ ଓ କେପିଆଇଟି ଟେକ୍ନୋଲୋଜି ମଧ୍ୟରେ ବୁଝାମଣା

ଭୁବନେଶ୍ୱର,(ସବ୍ୟୁ): କୋ-ବ୍ରାଣ୍ଡେଡ୍ ଏମ୍-ଟେକ୍ ପ୍ରୋଗ୍ରାମ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଭାରତର ଅଟୋମୋଟିଭ୍ ସଫ୍ଟୱେର କ୍ଷେତ୍ରରେ ଅଗ୍ରଣୀ ଅନୁଷ୍ଠାନ କେପିଆଇଟି ଟେକ୍ନୋଲୋଜି ଲିମିଟେଡ୍ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ପରବର୍ତ୍ତୀ ପିଢ଼ି ପ୍ରାଦ୍ୟୋଗିକି ବିଶେଷଜ୍ଞ ତିଆରି କରିବା ପାଇଁ ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସ ଓ ସଫ୍ଟୱେର ଦିଗରେ ଉଭୟ ଅନୁଷ୍ଠାନର ଏହା ଏକ ଅନନ୍ୟ ପ୍ରୟାସ । ଏହି ସହଯୋଗ ଯୋଗୁଁ କେପିଆଇଟିର ଅଟୋମୋଟିଭ ଟେକ୍ନୋଲୋଜିରେ ଶିଳ୍ପ-ଅଗ୍ରଣୀ କ୍ଷମତା ଓ କିଟ୍ର ଅତ୍ୟାଧୁନିକ ଶିକ୍ଷାଙ୍କା ମିଶ୍ରଣରେ ପରବର୍ତ୍ତୀ ବିଶେଷଜ୍ଞ ତିଆରି ହୋଇପାରିବେ । ଏହି ପ୍ରୟାସକୁ ଶୁଭେଚ୍ଛା ଜଣାଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ପ୍ରତିଭା ବ୍ୟବଧାନ ଦୂରକରିବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ଡିଜିଟାଲ୍ ବୃତ୍ତିଧାରୀଙ୍କୁ ଆଗକୁ ବିବାରେ ସାହାଯ୍ୟ କରିବା ଦିଗରେ ଶିଳ୍ପ ସହିତ ସହଭାଗୀ ହେବା




ପାଇଁ ଆମ ନିକଟରେ ଯଥେଷ୍ଟ ବୌଦ୍ଧିକ ପୁଞ୍ଜି ଓ ପ୍ରତିଭା ରହିଛି ।

କେପିଆଇଟି ଟେକ୍ନୋଲୋଜି ଲିମିଟେଡର ସହ-ପ୍ରତିଷ୍ଠାତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ କିଶୋର ପାଟିଲ ଏହି ବୁଝାମଣାର ବିଭିନ୍ନ ସକାରାତ୍ମକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ଭାରତରେ କିଟ୍ ଭଳି ଅଗ୍ରଣୀ ବିଶ୍ୱବିଦ୍ୟାଳୟ ସହ ବୁଝାମଣା କରିବା କେପିଆଇଟି ପକ୍ଷରେ ଅନନ୍ୟ । ଆମେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ତାଲିମ ପ୍ରଦାନ କରି ଭବିଷ୍ୟତ ପିଢ଼ି ଅଟୋମୋଟିଭ ଟେକ୍ନୋଲୋଜି ବୃତ୍ତିଧାରୀ ତିଆରି କରିବା ନେଇ ବେଶ ଉତ୍ସାହିତ ବୋଲି ଶ୍ରୀ ପାଟିଲ କହିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏଭଳି ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଲେ, ସଂପ୍ରତି ଅଟୋମୋଟିଭ୍ ଶିଳ୍ପ ଓ ସଫ୍ଟୱେର ଟେକ୍ନୋଲୋଜି ବିଶ୍ୱର ରୂପ ପରିବର୍ତ୍ତନ କରିଦେଇଛି । ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମିଳିତ ଭାବେ ଏହି କାର୍ଯ୍ୟ କଲେ ଉତ୍ତମ ପ୍ରତିଭା ସୃଷ୍ଟି ହୋଇପାରିବେ ବୋଲି ସେ କହିଥିଲେ ।

## ଅକ୍ଷୟ ତୃତୀୟା ପାଇଁ ପ୍ଲାଟିନମ ଗହଣା ସହିତ ଶାଶ୍ୱତ ଆଶୀର୍ବାଦ

ଭୁବନେଶ୍ୱର,(ସବ୍ୟୁ): ହିନ୍ଦୁ ସଂସ୍କୃତିରେ ଅନତମ ସର୍ବାଧିକ ପବିତ୍ର ଉତ୍ସବ ଭାବରେ ପାଳନ କରାଯାଉଥିବା ଅକ୍ଷୟ ତୃତୀୟା ଏକ ନୂତନ ଆରମ୍ଭ, ସମୃଦ୍ଧି ଏବଂ ସୌଭାଗର ଦିବସ ଭାବରେ ବିବେଚନା କରାଯାଏ। ଏହା ନୂତନ ପ୍ରୟାସ, ସମୃଦ୍ଧି ଏବଂ ଅସୀମିତ ଆଶୀର୍ବାଦର ଶୁଭାରମ୍ଭର ପ୍ରତୀକ ଭାବରେ ପରିଗଣିତ ହେଉଛି । ଚଳିତ ବର୍ଷ ଏହି ପର୍ବ ୨୦୨୪ ମେ ୧୦ ତାରିଖରେ ପାଳନ କରାଯିବ। ଅକ୍ଷୟ ତୃତୀୟାକୁ ନେଇ ଉତ୍ସବ ପାଳନ ଆରମ୍ଭ ହେବାକୁ ଯାଉଥିବାବେଳେ 'ବାସ୍ତବ ସଫେଦ' (ଟ୍ରୁ ହ୍ୱାଇଟ) କ୍ରୟ କରିବାର ଗୁରୁତ୍ୱ ତାହାର ବୃହତ ଯଥାର୍ଥତା ନିରନ୍ତର ବଜାୟ ରଖିଛି କାରଣ ଏହା ଶୁଦ୍ଧତା ଓ ପବିତ୍ରତାର ପ୍ରତୀକ ହୋଇଛି। ଅତି ନିଖୁଣ ଭାବରେ ସଫେଦ ହେବା ସହିତ ପ୍ଲାଟିନମ ଗହଣା। ତାହାର ୯୫% ଶୁଦ୍ଧତା ଏବଂ ଚିରନ୍ତନ ଆବେଗ ସହିତ ଏହି ଉତ୍ସବ ପାଳନର ମନୋଭାବକୁ ସମ୍ପୂର୍ଣ୍ଣ ସଠିକ ଭାବରେ ଧରି ରଖୁଛି । ପ୍ଲାଟିନମ ଗହଣା ସହିତ ଅକ୍ଷୟ ତୃତୀୟା ପାଳନ କରିବାକୁ ଆଗ୍ରହ ରଖୁଥିବା ଗ୍ରାହକମାନେ ପସନ୍ଦ କରିବାକୁ ବହୁବିଧ ବର୍ଗମାଳା ରହିଛି। ରହିଥିବା ବିକଳ୍ପଗୁଡିକ ମଧ୍ୟରେ ମହିଳାମାନଙ୍କ ପାଇଁ ପ୍ଲାଟିନମ ଇଭାରା ଭଳି ସମକାଳୀନ ପିସ, ମେନ ଅଫ ପ୍ଲାଟିନମ ଅଧୀନରେ ପୁରୁଷଙ୍କ ପାଇଁ ଅନନ୍ୟ ଅଭିବ୍ୟକ୍ତି ପ୍ରଦାନ କରୁଥିବା ଅଳଙ୍କାର ଏବଂ ଦମ୍ପତିଙ୍କ ପାଇଁ ଲଭ ବାଣ୍ଡ ଭାବରେ ପରିଚିତ ଅତି ନିଖୁଣ ଭାବରେ ପ୍ରସ୍ତୁତ ପ୍ଲାଟିନମ ଲଭ ବାଣ୍ଡସ ଆଦି ଅନ୍ତର୍ଭୁକ୍ତ । ପ୍ଲାଟିନମ ଗହଣା, ତାହାର ମିଶ୍ରଣ ପରମ୍ପରା ଏବଂ ଆଧୁନିକତାକୁ ନେଇ ପିଢି ପରେ ପିଢି ଚିରସ୍ଥାୟୀ ସମୃଦ୍ଧି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ହୋଇଆସିଛି। ପ୍ରତେକଟି ଅଳଙ୍କାରେ ଖୋଦିତ ହୋଇଥିବା 'ପିଟି ୯୫୦' ସର୍ବୋଚ୍ଚ ଶୁଦ୍ଧତା ସମ୍ପର୍କରେ ଉଲ୍ଲେଖ କରିଥାଏ, ଯାହା ଉକ୍ତ ଗହଣାକୁ ଅକ୍ଷୟ ତୃତୀୟା ଉତ୍ସବ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ସଠିକ ପସନ୍ଦ କରି ଗଢିତୋଳୁଛି । ରାଜେଶ କଲାଣରମଣ, ଏକଜିକ୍ୟୁଟିଭ ଡାଇରେକ୍ଟର, କଲାଣ ଜୁଏଲର୍ସ କହିଛନ୍ତି, 'କଲ୍ୟାଣ ଜୁଏଲର୍ସରେ ଆମେ ଆମ ଗ୍ରାହକଙ୍କର ପରିବର୍ତ୍ତନଶୀଳ ପସନ୍ଦ ଚାହିଦା ପୂରଣ କରିବାକୁ ବହୁବିଧ ବର୍ଗରେ ବିବିଧ ବର୍ଗର ଗହଣା ଯୋଗାଇଦେବାକୁ ଅଗ୍ରାଧିକାର ଦେଉଛୁ। ଅକ୍ଷୟ ତୃତୀୟା ଭଳି ପବିତ୍ର ଉତ୍ସବ ଅବସରରେ ପ୍ଲାଟିନମ ଗହଣା କେନ୍ଦ୍ର ସ୍ଥାନ ନେଉଛି, କାରଣ ଜନସାଧାରଣ ବହୁମୂଲ ଗହଣା କ୍ରୟ କରିବା ପାଇଁ ଏହାକୁ ଏକ ସୌଭାଗର ସମୟ ଭାବରେ ବିବେଚନା କରନ୍ତି । ଜୟ ଆଲୁକ୍କାସ, ଚେୟାରମାନ ଏବଂ ମାନେଜିଂ ଡାଇରେକ୍ଟର, ଜୟାଲୁକ୍କାସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଆଲୋକପାତ କରି କହିଛନ୍ତି, 'ସମ୍ପଦ, ସୌଭାଗ ଏବଂ ସମୃଦ୍ଧି ସହିତ ଯୋଡି ହୋଇଥିବା ନେଇ ସୁପରିଚିତ ଅକ୍ଷୟ ତୃତୀୟା ବହୁମୂଲ ଗହଣା କ୍ରୟ ନିମନ୍ତେ ଏକ ପବିତ୍ର ଅବସର ହୋଇଛି ।



## ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଭରିଲେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର

କଟକ,(ସବ୍ୟୁ): ବାରବାଟୀ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ଟିକେଟ ପାଇଥିବା ସୁନାମଧନ୍ୟ ପ୍ରସୁତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଆଜି ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସକାଳ ୮ ଟାରୁ ସେ ଏକ ଶୋଭାଯାତ୍ରାରେ ନିଜ ଦଳୀୟ କର୍ମକର୍ତ୍ତା ମାନଙ୍କ ସହ ସଡିଏ ରୁ ବାହାରି ଚଣ୍ଡି ମନ୍ଦିର ପାଖରେ ପହଞ୍ଚିଥିଲେ ।ସେଠାରୁ ଏକ ବିରାଟ ମଟର ସାଇକେଲ ରାଲିରେ ସମର୍ଥକ ମାନଙ୍କ ଗହଣରେ ମିଶନ ରୋଡ ସମାଜ ଅଫିସ ଦେଇ ବକ୍ସି ବଜାର ଛକରେ ପହଞ୍ଚିଥିଲେ ।ପରେ ତିନିକୋଣିଆ ବଜାର ,କଦମ ରସୁଲ ,ଚୌଧୁରୀ ବଜାର, ନୟାସଡକ ଛକ, ନିମଚୌଡି ଛକ,ହାଇକୋର୍ଟ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ପ୍ରାର୍ଥୀପତ୍ର ଦାଖଲ କରଥିଲେ । ତାଙ୍କର ପ୍ରାର୍ଥୀପତ୍ରରେ ନଗର ବିଜେପି ସଭାପତି ଲଲାଟେନ୍ଦୁ ବସ୍ତୁ, ଡାକ୍ତର ଇନ୍ଦୁଭୂଷଣ କର ,ଗୌର କୈଳାସ,ପ୍ରଦୀପ



ପଟ୍ଟନାୟକ ଓ ହେମନ୍ତ ଅଗ୍ରୱାଲଙ୍କୁ ମିଶାଇ ମୋଟ ୫ ଜଣ ପ୍ରସ୍ତାବକ ରହିଛନ୍ତି । ନିର୍ବାଚନକୁ ଆଉମାତ୍ର ୧୮ ଦିନ ରହିଥିଲା ବେଳେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଓଡିଶା ଓ ବିକଶିତ ଭାରତ ନାରାକୁ ପାଥେୟ କରି ସେ ନିର୍ବାଚନ ଜିତିବେ ବୋଲି କହିଛନ୍ତି । ସେ ଦୀର୍ଘ ୪୦ ବର୍ଷ ଧରି କଟକ ସହରରେ ଡାକ୍ତରୀ ପେଶାରେ ରହିଥିବା ବେଳେ ୩୦ ବର୍ଷଧରି ସହରରେ ଗଳିକନ୍ଦି ସହିତ ମୁଁ ଅବଗତ ତେଣୁ ଲୋକଙ୍କ ପାଖରେ ପହଞ୍ଚିବା ମୋତେ କଷ୍ଟ ହେବନି ବୋଲି ସେ କହିଛନ୍ତି ।

## ପ୍ରକାଶିତ ସମ୍ବାଦର ପ୍ରତିବାଦ

ଏପ୍ରିଲ୍ ୨୮ ତାରିଖରେ ଦୈନିକ ଖବର କାଗଜ 'ସମୟ'ରେ ପ୍ରକାଶିତ 'ଡିଏମ୍ ପବ୍ଲିକ୍ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର' ଅଧ୍ୟକ୍ଷଙ୍କ ନାମରେ ଥାନାରେ ମାମଲା ଶୀର୍ଷକ ସମ୍ବାଦକୁ ସ୍କୁଲର ଅଧ୍ୟକ୍ଷ ଖଣ୍ଡନ କରିଛନ୍ତି । ଏକ ପ୍ରତିବାଦ ପତ୍ର ଦେଇ ସେ ଉଲ୍ଲେଖ କରିଛନ୍ତି ଯେ, ଥାନାରେ ଏତଲା ଦେଇଥିବା ଶିକ୍ଷୟିତ୍ରୀଙ୍କୁ ସମ୍ପୃକ୍ତ ସ୍କୁଲରେ ଓଡ଼ିଆ ଶିକ୍ଷୟିତ୍ରୀ ଭାବେ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କର ପାଠ ପଢ଼ାଇବା ଶୈଳୀ ଓ ପଦ୍ଧତି ଠିକ୍ ନଥିଲା। ଯାହା ଫଳରେ ଅଭିଭାବକ ମାନେ ସ୍କୁଲ ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ବାରମ୍ବାର ତାଗିଦ ସତ୍ତ୍ୱେ ସେ ପାଠପଢ଼ା ଶୈଳୀର ପରିବର୍ତ୍ତନ କରିନଥିଲେ। ତେଣୁ ତାଙ୍କୁ ବିଦ୍ୟାଳୟ ଛାଡିବା ପାଇଁ ନୋଟିସ୍ କରାଯାଇଥିଲା। ତାଙ୍କୁ ସ୍କୁଲରୁ ବହିଷ୍କାର କରାଯିବାରୁ ସେ ଏପରି ଏତଲା ଦାୟର କରିଛନ୍ତି ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

## ଚୌଦ୍ୱାର କଟକରୁ ସ୍ୱାଧୀନ ପ୍ରାର୍ଥୀ ହେଲେ ରୂପାଲି,ବିପ୍ଳବ,ଦିପୁ ବାରିକ

କଟକ,(ସବ୍ୟୁ): ସବୁ କଳ୍ପନା ଜଳ୍ପନାର ଘଟିଛି ଅନ୍ତ ।ସାଧାରଣରେ ଯାହା ଚର୍ଚ୍ଚା ହେଉଥିଲା ଶେଷରେ ସେହିଆ ଘଟିଛି। ଚୌଦ୍ୱାର ଅଞ୍ଚଳର ଶ୍ରମିକ ନେତା ଦୀପକ ବାରିକ(ଦିପୁ) ଆଜି ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥି ପତ୍ର ଦାଖଲ କରିଛନ୍ତି ।ଏକଦା ସେ ସ୍ୱାଧୀନ ଭାବେ ଲଢ଼ି ଜାତୀୟ କଂଗ୍ରେସ ଦଳ ଠାରୁ ମଧ୍ୟ ଅଧିକ ଭୋଟ ହାତେଇଥିଲେ ।ସେହିପରି ବିଜେଡି ଦଳ କର୍ମୀ ମାନଙ୍କୁ ନେଇ ସଂଗଠନ କରୁଥିବା ଯୁବନେତା ଲୋକନାଥ ଲେଙ୍କାଙ୍କ ପତ୍ନୀ ରୂପାଲୀ ଲେଙ୍କା ଆଜି ତାଙ୍କ ସମର୍ଥକଙ୍କ ଗହଣରେ ଯାଇ ମଧ୍ୟ ନାମାଙ୍କନ ଭରିଛନ୍ତି ।ସେ ଦାଖଲ କରିଥିବା ପ୍ରାର୍ଥିପତ୍ରରେ ୧୦ ଜଣ ସମର୍ଥକ ମାନଙ୍କ ମଧ୍ୟରେ ହିମାଂଶୁ କିରଣ ସାହୁ,ଅଭୟ ଗୌରବ ସାହୁ,ବିକ୍ରମ କେଶରୀ ସାହୁ,ଅମର ବାରିକ,ଲୋକନାଥ ଲେଙ୍କା, ଦେବ ପ୍ରକାଶ ଆଚାର୍ଯ୍ୟ,ସନ୍ତୋଷ କୁମାର ସାହୁ,ରୀନା ବାରିକ, ନଳିନୀ ବାରିକ, ପ୍ରଫୁଲ୍ଲ କୁମାର ନାୟକ ରହିଛନ୍ତି। ସେହିପରି ବିପ୍ଳବ ନନ୍ଦ ମଧ୍ୟ ସ୍ୱାଧୀନ ପ୍ରାର୍ଥି ଭାବେ ତାଙ୍କ ବାପ ମା ଭାଇ ବନ୍ଧୁ ପରିଜନଙ୍କ ସହ ଆସି ନାମାଙ୍କନ ଭରିଛନ୍ତି । ଏମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ଦଳୀୟ ପ୍ରାର୍ଥୀ ମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବାଟା ଥୟ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

# ବୁଗୁଡ଼ା ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ



ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କରଚୁଲି ପଞ୍ଚାୟତ ଓ ପୋଲସରା ଏନଏସି ୧୧ ନଂ ୱାର୍ଡର ଯୁବକ ମାନେ ବିଜେଡି ଛାଡି ବିଜେପିରେ ଯୋଗଦେଇ ଥିବା ଜଣାପଡିଛି । ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୋଲସରା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଜିତେଇବା ପାଇଁ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଥିବା ସେମାନେ କହିଛନ୍ତି। ପୋଲସରା ବିଜେପି ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜେପିରେ ସାମିଲ କରିଥିଲେ । ମିଶ୍ରଣ ପର୍ବରେ ଜିଲ୍ଲା ବିଜେପି ଉପସଭାପତି ପ୍ରଭାକର ପଣ୍ଡା, ଧୋବା ପ୍ରଧାନ, ସୁନୀଲ ପାଢ଼ୀ, ବବଲୁ ନାୟକ, ହରେକୃଷ୍ଣ ସାହୁ, କେଦାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଚିକଲଖଣ୍ଡି, ଅଗସ୍ତିନୂଆଗାଁ ପଞ୍ଚାୟତରେ ପ୍ରଚାର କଲେ ଓଲିଉଡ ସୁପରଷ୍ଟାର ବାବୁସାନ୍, ଏଲିନା



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ସୋମବାର ଛତ୍ରପୁର ବ୍ଲକ୍ ଚିକଲଖଣ୍ଡିଓ ଅଗସ୍ତିନୂଆଗାଁ ପଞ୍ଚାୟତରେ ପ୍ରଚାର କରିଛନ୍ତି । ବିଭିନ୍ନ ଘରକୁ ଘର ବୁଲି ଜନସାଧାରଣଙ୍କୁ ଭୋଟ୍ ଭିକ୍ଷା କରିବା ସହ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଦୁଇଟି ପଞ୍ଚାୟତରେ ବିଧାୟକଙ୍କୁ ବିପୁଳ ସମର୍ଥନ ଜଣାଇବା ସହିତ ବିଭିନ୍ନ ଙ୍ଗରେ ସ୍ୱାଗତ ଜଣାଇଥିଲେ। ସେହିପରି ଓଲିଉଡ୍ ସୁପରଷ୍ଟାର ବାବୁସାନ୍ ଓ ଏଲିନା ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ସୁବାସଙ୍କ ପାଇଁ ଶଙ୍ଖ ଚିହ୍ନଟରେ ଭୋଟ ଦେବାକୁ ନିମନ୍ତେ ଲୋକଙ୍କୁ ଅନୁରୋଧ କରିଥିଲେ । ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଭିଏଁ ସଙ୍କଳ୍ପ ନେବାକୁ ଆହ୍ୱାନ୍ ଦେଇଥିଲେ। ଏହାସହ ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଜାୟ ରଖିବାକୁ ସହଯୋଗ କାମନା କରିଥିଲେ। ୨୦ନଂ ଜିଲ୍ଲା ପରିଷଦ ସଭ୍ୟ ଏମ୍.ଧନଞ୍ଜୟ ରେଡ୍ଡୀ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ଭବାନୀକାନ୍ତ ସାହୁ, ଶ୍ରୀରାମ ଚନ୍ଦ୍ରପୁର ସମିତିସଭ୍ୟ ଏସ୍.ଚକ୍ରପାଣି ରେଡ୍ଡୀ, ଛତ୍ରପୁର ପୌରପରିଷଦ ଉପାଧକ୍ଷ ଜି.ପାପା ରାଓ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ୍.କିଶୋର ଚନ୍ଦ୍ର ରେଡ୍ଡୀ,ପୂର୍ବତନ ସମିତିସଭ୍ୟ ଜ୍ୟୋତିରଞ୍ଜନ ସାହୁ, ଏସ୍.କାନ୍ତେୟା ରେଡ୍ଡୀ, ଅଭିରାମ ପ୍ରଧାନ, ସନ୍ତୋଷ ବେହେରା, ଏସ୍.ପଦ୍ମନାଭ ରେଡ୍ଡୀ, ଜଗନ୍ନାଥ ସାହୁ, ଶିବ ବେହେରା, ଅକ୍ଷୟ ସ୍ୱାଇଁ, ନିବାସୀ ଗୌଡ, ଯୁବ ବିଜେଡି ଛତ୍ରପୁର ନିର୍ବାଚନମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଛତ୍ରପୁର ନଗର ବିଜେଡି ଉପସଭାପତି ଅଟଳବିହାରୀ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ ।

# ମୟୂରଭଞ୍ଜ ଲୋକସଭା, ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ନାମାଙ୍କନପତ୍ର ଦାଖଲ ଆରମ୍ଭ

ବାରିପଦା, (ସବ୍ୟୁ) : ସମଗ୍ର ଦେଶରେ ବିଭିନ୍ନ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଚାଲିଥିବା ବେଳେ ମୟୂରଭଞ୍ଜରେ ଷଷ୍ଠ ପର୍ଯ୍ୟାୟ ନିର୍ବାଚନ କରଞ୍ଜିଆ ବିଧାନସଭା ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଏହି ପରିପ୍ରେକ୍ଷୀରେ ୭ମ ତଥା ଶେଷ ପର୍ଯ୍ୟାୟରେ ମୟୂରଭଞ୍ଜର ଗୋଟିଏ ସଂସଦୀୟ ନିର୍ବାଚନ ମଣ୍ଡଳୀ ଓ ଅନ୍ୟ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳି ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଯାଉଛି । ଏଣୁ ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ, ନିଜ ନିଜ କ୍ଷେତ୍ର ଅନୁଯାୟୀ ସମ୍ପୃକ୍ତ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ନିକଟରେ ନିଜ ନିଜ ନାମାଙ୍କନ ପତ୍ର ଦାଖଲ କରିପାରିବେ। ସୂଚନା ଥାଉକି ୦୫-ମୟୂରଭଞ୍ଜ ସଂସଦୀୟ ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମୟୂରଭଞ୍ଜ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ଦାୟିତ୍ୱରେ ଥିବାବେଳେ ଅନ୍ୟାନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଯଥାକ୍ରମେ ୨୬-ଯଶିପୁର ପାଇଁ ଉପଜିଲ୍ଲାପାଳ କରଞ୍ଜିଆ ପ୍ରେମାଂଶୁ ଚାନ୍ଦ, ୨୭-ସାରସକଣା ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଦୌଲତ ଚାନ୍ଦ୍ରକାର, ୨୮-ରାଇରଙ୍ଗପୁର ପାଇଁ ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ୨୯-ବାଙ୍ଗିରିପୋଷି ପାଇଁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମୟୂରଭଞ୍ଜ ନେତ୍ରାନନ୍ଦ ମଲ୍ଲିକ, ୩୧-ଉଦଳା ପାଇଁ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍, ୩୨-ବଡ଼ସାହି, ୩୪-ମୋରଡ଼ା ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୟୂରଭଞ୍ଜ ବିଭୂତି ଭୂଷଣ ନାୟକ ଏବଂ ୩୧-ବାରିପଦା ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ରିଟର୍ଣ୍ଣିଙ୍ଗ ଅଫିସର ଭାବେ ଦାୟିତ୍ୱରେ ଅଛନ୍ତି। ସମସ୍ତ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ ସମ୍ପୃକ୍ତ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ନିକଟରେ ନିଜ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିପାରିବେ। ପ୍ରକାଶ ଥାଉକି, ଷଷ୍ଠ ଓ ୭ମ ପର୍ଯ୍ୟାୟ ମତଦାନ ପାଇଁ ମଇ ୨୫ତାରିଖ ଓ ଜୁନ ୧ ତାରିଖ ନିର୍ବାଚନ କମିଶନଙ୍କ ପକ୍ଷରୁ ଘୋଷଣା କରାଯାଇଛି ।

# ପ୍ରାର୍ଥୀ ଆପଣାଉଛନ୍ତି ଡିଜିଟାଲ୍ ପ୍ଲାଟ୍‌ଫର୍ମ, ସୋସିଆଲ ମିଡ଼ିଆରେ ବୋହୁଛି ନିର୍ବାଚନ ହାୱା

ବୁଗୁଡ଼ା, (ସବ୍ୟୁ) : ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ଆସ୍କା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟ ଗ୍ରହଣ ଆସନ୍ତା ମେ ୨୦ ତାରିଖରେ ହେବଛ ଏଥିପାଇଁ ଗାଁ ଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ବାତାବରଣ ଉଷ୍ମ ହୋଇଉଠିଛି। ଚଳିତ ନିର୍ବାଚନରେ ସୋସିଆଲ ମିଡିଆ ତଥା ଡିଜିଟାଲ୍ ପ୍ଲାଟଫର୍ମ ଉପରେ ବିଭିନ୍ନ ଦଳ ଓ ପ୍ରାର୍ଥୀମାନେ ଗୁରୁ ଦେଉଥିବା ଦେଖିବାକୁ ମିଳୁଛି । ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବ, ହ୍ୱାଟ୍ସଆପ ଆଦି ସୋସିଆଲ ମିଡିଆ ଖୋଲୁ ଖୋଲୁ ଆସୁଛି ନିର୍ବାଚନୀ ହାୱା । ବିରୋଧାଭାସଠୁ ଆରମ୍ଭ କରି ପ୍ରଚାର, ଘନଘନ ମିଶ୍ରଣ ପର୍ବ ଏବଂ ଭୋଟର କାହାକୁ ଭୋଟ ଦେବେ, କେଉଁ ଦଳର ପ୍ରଭାବ କେମିତି ରହିଛି ତାହା ଦେଖିବାକୁ ମିଳୁଛି । ଏହିଥର ନିର୍ବାଚନରେ ଡିଜିଟାଲ ପ୍ଲାଟଫର୍ମ ନେତାଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଭଲ ମାଧ୍ୟମ ହୋଇଛି। ଏହା ଉପରେ ନେତାମାନେ ଭରସା କରି ଜନ ସମର୍ଥନ ହାତେଇବା ପାଇଁ ବ୍ୟଗ୍ର ହୋଇ ପଡିଛନ୍ତି। ଆୟୋଜିତ ଦଳୀୟ କାର୍ଯ୍ୟକ୍ରମ ଗୁଡିକୁ ଡିଜିଟାଲ ପ୍ଲାଟଫର୍ମରେ ଛାଡ଼ିବା ପାଇଁ ବ୍ୟାକୁଳ ହେଉଛନ୍ତି । ଯୁବବର୍ଗ ଡିଜିଟାଲ ପ୍ଲାଟଫର୍ମରେ ଅଭ୍ୟସ୍ତ ହୋଇଥିବା ବେଳେ ସେମାନଙ୍କୁ ସବୁ ଦଳ ଆକୃଷ୍ଟ କରିବାକୁ ପ୍ରୟାସ କରୁଛନ୍ତି। ଏପରକି ବିଭିନ୍ନ ଦଳ ପକ୍ଷରୁ ଫୋନ କଲ ବି ଆସୁଛି । ଲୋକଙ୍କୁ ନାନା ପ୍ରତିଶ୍ରୁତି ଦେଇ ଦଳୀୟ ପ୍ରାର୍ଥୀମାନେ ଭୋଟଭିକ୍ଷା କରୁଛନ୍ତି। ଯେ କୌଣସି କାର୍ଯ୍ୟକ୍ରମ ଦେଖିଲେ ସେଥିରେ ମାଳ ମାଳ ଦଳୀୟ ବିଜ୍ଞାପନ ଆସୁଛି । ନିର୍ବାଚନ ମୈଦାନରେ କାହାର କେତେ ଦମ୍ ଅଛି ତାହାକୁ ଦର୍ଶାଯାଉଛି । ଯୁବପିଢ଼ିଙ୍କୁ ଆଲୋଚନାର ଖୋରାକ ଯୋଗାଇବା ପାଇଁ ଏହା ଏକ ମାଧ୍ୟମ ପାଲଟିଛି । ସୋସିଆଲ ମିଡିଆରେ ଲୋକଙ୍କ ନିକଟତର ହେବା ସହଜ ହୋଇଥିବାରୁ ବିଭିନ୍ନ ଦଳର ନେତା ଏହାକୁ ଆପଣାଇ ନେଇ ଫେସବୁକ, ୟୁଟ୍ୟୁବ୍ ଚ୍ୟାନେଲ, ଟ୍ୱିଟର୍ ଆକାଉଣ୍ଟ ମାଧ୍ୟମରେ ଲୋକଙ୍କ ସହ ଯୋଡି ହେଉଛନ୍ତି। ପ୍ରାର୍ଥୀମାନେ ନିଜ ନିଜର ପ୍ରଚାର ସହିତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଦାରେ ପକାଇବା ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ମୋବାଇଲରେ ନିର୍ବାଚନୀ ଖବର ଲୋକେ ପାଇପାରୁଥିବା ବେଳେ ସମ୍ପ୍ରତି ଡିଜିଟାଲ୍ ପ୍ଲାଟଫର୍ମର ଗୁରୁତ୍ୱ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି ।

## ପୋଲକୁ ପିଟିହେଲା କାର : ଚାଳକ ମୃତ

ଛତ୍ରପୁର, (ସବ୍ୟୁ): ଚମାଖଣ୍ଡି ଥାନା ଅନ୍ତର୍ଗତ ଟାଟା ଗେଟ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପୋଲକୁ ପିଟି ହେଲା କାର। ଫଳରେ କାର ଚାଳକ ଙ୍କ ମୃତ୍ୟୁ ଘଟିଛି । ମୃତ ଚାଳକ ଜଣକ ହେଲେ ରଘୁନାଥପୁର ଗ୍ରାମର ଜି. ନାଗେଶ୍ୱର ରେଡ୍ଡୀ (୪୩)। ମିଳିଥିବା ସୂଚନା ମୁତାବକ ନାଗେଶ୍ୱର ସୋମବାର ପୂର୍ବାହ୍ଣରେ ଓଡ଼ି ୦୭ କ୍ୟୁ ୧୦୦୨ ନମ୍ବର ବିଶିଷ୍ଟ ଏକ କାର ଯୋଗେ ଭୁବନେଶ୍ୱରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ କାରଟି ଏକ ପୋଲକୁ ପିଟି ହୋଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ଖବର ପାଇ ଚମାଖଣ୍ଡି ଥାନା ଏସଆଇ ଅଭିଜିତ ସାମଲ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲକୁ ଶବ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଅନ୍ୟପଟେ ଚମାଖଣ୍ଡି ଥାନାରେ ୧୮୨/୨୦୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

# ରାଜନୈତିକ ଦଳୀୟ ବୈଠକରେ ଯୋଗ ଦେଇ ଶିକ୍ଷକ ନିଲମ୍ବିତ

ବାରିପଦା, (ସବ୍ୟୁ) : ଆଦର୍ଶ ଆଚରଣ ସଂହିତା ଉଲଂଘନ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ବେଶ୍ ସଫଳତାର ସହିତ କଡାକଡି ଭାବେ ଯାଞ୍ଚ କରିବା ସହିତ ଉଲଙ୍ଘନକାରି ମାନଙ୍କୁ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ମଧ୍ୟ କରଯାଉଛି। ଏହି ପରିପ୍ରେକ୍ଷୀରେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଉଦଳା ଅଞ୍ଚଳର ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ନିଲମ୍ବନ ଆଦେଶ ଦିଆଯାଇଛି। ସୂଚନା ଅନୁସାରେ, ଶିକ୍ଷକ ଜଣକ ହେଉଛନ୍ତି ମଠସାହି ପ୍ରାଥମିକ ବିଦ୍ୟାଳୟର ସତ୍ୟେନ୍ଦୁ କୁମାର ଜେନା। ସେ କିଛିଦିନ ତଳେ ଜିଲ୍ଲାରେ କାର୍ଯ୍ୟରତ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦ୍ୱାରା ସି ଭିଜିଲ ଆପ୍ ସହାୟତାରେ, ଏକ ଦଳୀୟ ସଭାରେ ଯୋଗଦେଇଥିବା ସୂଚନା ମିଳିବା ପରେ, ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯୋଗକୁ ଭିତ୍ତି କରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆଦେଶ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ନିଲମ୍ବିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ଜେନା ମଧ୍ୟ ଏକ ଉପଜିଲ୍ଲାପାଳଙ୍କୁ ଦରଖାସ୍ତ ମାଧ୍ୟମରେ ନିଜ ନିର୍ଦ୍ଦୋଷତା ସାବ୍ୟସ୍ତ କରିବା ପାଇଁ ଚେଷ୍ଟା କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ଜେନା ଏହି ନିଲମ୍ବନ ସମୟରେ ଓଡ଼ିଶା ସର୍ଭିସ୍ କୋଡ୍ ନିୟମ ୯୦ ଅନୁସାରେ ମୁଖ୍ୟାଳୟ ଛାଡ଼ି ପାରିବେନି, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ ଏବଂ ନିଲମ୍ବନ ପ୍ରାପ୍ୟ ମଧ୍ୟ ପାଇବେ।

# କଂଗ୍ରେସ ପ୍ରାର୍ଥୀ ଫକୀରଙ୍କ ନାମାଙ୍କନପତ୍ର ଦାଖଲ

ପାଲଲହଡା, (ସବ୍ୟୁ) : ବିଜେଡି, ବିଜେପି ବିଧାୟକ ପ୍ରାର୍ଥୀ ଗତ ଦୁଇଦିନ ଶକ୍ତିପ୍ରଦର୍ଶନ କରି ଭୋଟରଙ୍କୁ ଆକୃଷ୍ଟ କରିଥିଲାବେଳେ ଆଜି କଂଗ୍ରେସ ର ବର୍ଷିଆନ ନେତା ଫକୀର ମୋହନ ସାମଲଙ୍କର ଥିଲା ଶକ୍ତି ପ୍ରଦର୍ଶନ । ଗତ ଗୁରୁବାର ଦିନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଔପଚାରିକ ଭାବେ ନାମାଙ୍କନ ପତ୍ର ଭରିସାରିଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ ଶୋଭାଯାତ୍ରା ର ଅନୁମତି ଆଜି ମିଳିଥିବାରୁ ବିଧିବଦ୍ଧ ଭାବେ ଶ୍ରୀ ସାମଲ ନାମାଙ୍କନ ପତ୍ର ଭରିଛନ୍ତି । ଶ୍ରୀ ସାମଲ ନିଜର ପ୍ରାୟ ଦୁଇହଜାରରୁ ଅଧିକ ସମର୍ଥକଙ୍କ ଗହଣରେ ବାଜା, ବାଣ ରୋଷଣୀରେ ସ୍ଥାନୀୟ ଶିବମନ୍ଦିର ଠାରୁ ପୂଜାର୍ଚ୍ଚନା କରି ବସ ଷ୍ଟାଣ୍ଡ ବଜାର ଦେଇ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨ ସେଟ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ଶ୍ରୀ ସାମଲଙ୍କ ସହିତ ତାଙ୍କ ପୁଅ ତଥା କଣିହାଁ ବ୍ଲକ ଯୁବ କଂଗ୍ରେସ ସଭାପତି ନିଶିକାନ୍ତ ସାମଲ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ, ପାଲଲହଡା ବ୍ଲକ କଂଗ୍ରେସ ସଭାପତି ଦୋଳଗୋବିନ୍ଦ ସାହୁ, ମିହିର କୁମାର ପାଳ, ପ୍ରାକ୍ତନ ପଂଚାୟତ ସମିତି ଉପାଧ୍ୟକ୍ଷ ସତ୍ୟନାରାୟଣ ବୋଷ, ପୂର୍ଣଚନ୍ଦ୍ର ବେହେରା, ଟେମ୍ପେ ଜିତ ପ୍ରମୁଖ ବହୁ କଂଗ୍ରେସ ନେତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ପତ୍ନୀଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ) : ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର ଲଳିତା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ସୁରେଶ ପ୍ରଧାନ ଏକ ଠେଙ୍ଗା ରେ ଆକ୍ରମଣ କରିଥିବା ଲଳିତା ରବିବାର ଦିନ ଠାକୁରଗଡ଼ ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ନମ୍ବର ୧୧୩/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଲଳିତା କେନ୍ଦୁପତ୍ର ତୋଳିବା ଘରକୁ ଆସୁଥିବା ବେଳେ ବିନା କାରଣ ରେ କୁଆଡେ ଯାଇଛୁ କହି ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ।

## ଯୁବକଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ) : ଠାକୁରଗଡ଼ ଥାନା ବରହମ ଗ୍ରାମର ପଳଉ ସାହୁ ଙ୍କୁ ସେହି ଗ୍ରାମ ମଧୁସୂଦନ ବେହେରା ମାଡ଼ ମାରିଥିବା ରବିବାର ଦିନ ପଳଉ ଠାକୁରଗଡ଼ ଥାନା ରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତ୍ତି କରି ପୋଲିସ ନମ୍ବର ୧୧୨/୨୪ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଗ୍ରାମ ବୈଠକ ବସିଥିବା ବେଳେ ମଧୁସୂଦନ କୌଣସି କାରଣ ରୁ ଉତକ୍ଷିପ୍ତ ହୋଇ ପଳଉ ଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ର ରେ ଦର୍ଶାଯାଇଛି ।

# ଯାଞ୍ଚ ହେଉନି ଖାଦ୍ୟର ମାନ, ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଅଭିଯୋଗ

ତାଳଚେର, (ସବ୍ୟୁ) : ତାଳଚେର ଅଂଚଳରେ ଛତୁ ଫୁଟିଲା ଭଳି ହୋଟେଲ, ଢ଼ାବା ଠାରୁ ଆରମ୍ଭ କରି ଖୋଲାମେଲାରେ ଫାଷ୍ଟଫୁଡ୍, ଦହିବରା, ଗୁପଚୁପ୍, ଫଳରସ ଓ ପାଟିକୁ ସ୍ୱାଦିଷ୍ଟ କଳାଭଳି ଖାଦ୍ୟ ଖୋଲିଥିଲେ ମଧ୍ୟ ଏହାର ମାନ ଯାଂଚ ହେଉନଥିବାକୁ ନେଇ ଅଭିଯୋଗ ପରେ ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ କେହି ହେଲେ କର୍ଣ୍ଣପାତ କରୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। କେମିକାଲ ଯୁକ୍ତ ଖାଦ୍ୟ ପାଟିକୁ ସୁଆଦିଆ କରୁଥିବା ବେଳେ ଏହା ସ୍ୱାସ୍ଥ୍ୟ ଉପରେ ସାଘାଂତିକ ପ୍ରଭାବ ପକାଉଥିବା ଅଭିଯୋଗ ହେଉଛି। ଆଜି କାଲି ଶସ୍ତା ଦାମରେ ଲଙ୍କା, ହଳଦୀ, ଜିରା, ଗୋଲମରିଚ ଗୁଣ୍ଡ, ଚାଇନା ସଲ୍ଟ ଇତ୍ୟାଦି ଭେଜାଲ ସାମଗ୍ରୀରେ ଦୋକାନୀମାନେ ଏହି ଖାଦ୍ୟ ଜିନିଷ ପ୍ରସ୍ତୁତ କରି ଗ୍ରାହକମାନଙ୍କୁ ପରିବେଷଣ କରୁଛନ୍ତି ଏବଂ ଅତି ଆନନ୍ଦର ସହକାରେ ଗ୍ରାହକମାନେ ଏହା ଭୋଜନ କରୁଛନ୍ତି। କୁଆଡ଼େ ପୋଡ଼ା ମୋବିଲରୁ ତେଲ ପ୍ରସ୍ତୁତ କରି ଦୋକାନମାନେ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭ ଆଶା ରଖି ଏହି ନିମ୍ନମାନର ତେଲରେ ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହେଉଥିବା ବେଳେ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହେଉଛନ୍ତି ଗ୍ରାହାକମାନେ ବୋଲି କୁହାଯାଉଛି। ଏତିକି ନୁହଁ ଅସ୍ୱାସ୍ଥ୍ୟକର ପରିବେଶ ଓ ପ୍ରଦ୍ୟୁଷିତ ଜଳରେ ସମସ୍ତ ଖାଦ୍ୟ ପ୍ରସ୍ତୁତ କରୁଥିବାକୁ ଦେଖିଲେ ଖାଇବା ତ ଦୂରର କଥା ଉକ୍ତ ସାମଗ୍ରୀକୁ ଦେଖିଲେ ଘୃଣାଭାବ ଆସିଥାଏ। ଏଠାରେ ଖାଦ୍ୟ ନିରାପଦ ବିଭାଗ ପକ୍ଷରୁ ନିୟମିତ ଭାବେ ଖାଦ୍ୟ ଯାଂଚ କାହିଁକି ଯେ, କରାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ? ତେବେ ଏମାନେ ସମ୍ଭବତଃ ହାତଗୁଞ୍ଜା ନେଇ ଚୁପ୍ ହୋଇ ବସି ପଡୁଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଯଦି ଉପରୋକ୍ତ ଅଧିକାରୀମାନେ ଏହାର ତର୍ଜମା କରନ୍ତି ତେବେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ୨ ବିଜେପି ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ଦୁଇ ପ୍ରମୁଖ ବିଧାନସଭା କ୍ଷେତ୍ର କାମାକ୍ଷାନଗର ଓ ପରଜଙ୍ଗ ପାଇଁ ନାମାଙ୍କନ ଦାଖଲ କରିଛନ୍ତି ଦୁଇ ବିଜେପି ପ୍ରାର୍ଥୀ । କାମାକ୍ଷାନଗର ବିଧାନସଭା ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଓ ପରଜଙ୍ଗ ବିଧାନସଭା ଆସନ ପାଇଁ ବିଭୁତି ପ୍ରଧାନ କାମାକ୍ଷାନଗର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ନାମାଙ୍କନ ଦାଖଲ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରପ୍ରଧାନଙ୍କ ସହ ଦୁଇ ବିଧାୟକ ପ୍ରାର୍ଥୀ ଏକ ବିଶାଳ ଶୋଭାଯାତ୍ରା ରେ ଆସି ନାମାଙ୍କନ ଦାଖଲ କରିଛନ୍ତି । ହଜାର ହଜାର ସମର୍ଥକ ଙ୍କ ସହ ଉଭୟ ପ୍ରାର୍ଥୀ ଏକ ଶୋଭାଯାତ୍ରା ରେ ପହଞ୍ଚିଥିଲେ । ୫୭ ନମ୍ବର କାମାକ୍ଷାନଗର ବିଧାନସଭା ଆସନ ପାଇଁ ଶତ୍ରୁଘ୍ନ ଜେନା ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଙ୍କୁ ନାମାଙ୍କନ ଦାଖଲ କରିଥିବା ବେଳେ ୫୮ ନମ୍ବର ପରଜଙ୍ଗ ବିଧାନସଭା ଆସନ ପାଇଁ ବିଭୁତି ପ୍ରଧାନ ପରଜଙ୍ଗ ବିଧାନସଭା ପାଇଁ ର୍ନିବାଚନ ଅଧିକାରିଣୀ ଥିବା ଅନିତା ପାତ୍ର ଙ୍କୁ ନାମାଙ୍କନ ଦାଖଲ କରିଥିଲେ ।

# ଶେଷଦିନରେ ନାମାଙ୍କନପତ୍ର ଭରିଲେ ୩ ପ୍ରାର୍ଥୀ

ତାଳଚେର, (ସବ୍ୟୁ) : ତାଳଚେର ଅଂଚଳର ବିକାଶକୁ ନେଇ ଆଜି ସ୍ୱାଧୀନ ପ୍ରାର୍ଥିଭାବେ ତାଳଚେର ବ୍ଲକ ଅନ୍ତର୍ଗତ ଚାଳଗଡ଼ ଗ୍ରାମର ଭୂପେନ ଥମ୍ବ ସ୍ୱାଧୀନଭାବେ ତାଙ୍କର ସମର୍ଥକଙ୍କ ସହ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ପ୍ରଥମେ ଶିବ ଓ ଜଗନ୍ନାଥଙ୍କ ମନ୍ଦିର ଦର୍ଶନ କରି ସାରିବା ପରେ ସହର ପରିକ୍ରମା କରି ଉପଜିଲ୍ଲାପଳଙ୍କ କାର୍ଯ୍ୟାଳୟରେ ପଂହଚିଥିଲେ। ତାଳଚେର ଅଂଚଳର ସାମଗ୍ରୀକ ବିକାଶ ଯଥା- ମେଡ଼ିକାଲ କଲେଜ, ଜାତୀୟରାଜପଥ ସମ୍ପ୍ରସାରଣ, ପ୍ରଦ୍ୟୁଷଣ, ଖଣି, କଳକାରଖାନାରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପ୍ରଜାଙ୍କ ଥଇଥାନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଇତ୍ୟାଦି ମୌଳିକ ଅଧିକାରକୁ ନେଇ ବାରମ୍ବାର ସ୍ୱର ଉଥାପନକରି ବିବାଦ ଘେରରେ ରହି ଆସିଛନ୍ତି। ସେ ଏସବୁ ପ୍ରସଙ୍ଗ ଉପରେ ପ୍ରାଧାନ୍ୟ ଦେଇ ଆଜି ନିର୍ବାଚନ ମଇଦାନକୁ ଲୋକଙ୍କ ସ୍ୱାର୍ଥ ନିମନ୍ତେ ଓହ୍ଲାଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେହିଭଳି କଣିହାଁ ବ୍ଲକ ଅନ୍ତର୍ଗତ ବିଜୁଗୋଳ ଗ୍ରାମର ରୂପକ କୁମାର ପାଣି ସ୍ୱାଧୀନ ପ୍ରାର୍ଥିଭାବେ ତାଳଚେର ବିଧାନସଭା କ୍ଷେତ୍ର ପାଇଁ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୁନଶ୍ଚ ଆମ୍ବେଦକର ଆଇଟିଇ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ତାଳଚେର ବ୍ଲକ ଅନ୍ତର୍ଗତ ଏକଡ଼ାଳ ଗ୍ରାମର ଆର୍ତତ୍ରାଣ ନାଏକ ତାଙ୍କର ସମର୍ଥକଙ୍କ ସହ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଂହଚି ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି। ତେବେ ଆଜି ଶେଷ ଦିବସରେ ବିଜେଡ଼ି, ବିଜେପି, କଂଗ୍ରେସ୍ ଓ ସ୍ୱାଧୀନ ସମେତ ଅନ୍ୟାନ୍ୟ ଦଳ ଗୁଡ଼ିକ ପକ୍ଷରୁ ସର୍ବମୋଟ ୧୦ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଖଣି ଖଦାନ ଶିଳ୍ପବହୁଳ ସମସ୍ୟା ଭିତିକ ଅଂଚଳରେ କେଉଁ ପ୍ରାର୍ଥି ଏବେ ଜିତାପଟ ମାରୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି।

## ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ସ୍ଥାପନ

କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଅଞ୍ଚଳ ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ବାଇଧର ସ୍ୱାଇଁ ଏବଂ ତାଙ୍କ ଧର୍ମପତ୍ନୀ ଜାନକୀ ଦେବୀଙ୍କ ପ୍ରତିମୁର୍ତ୍ତୀ ବାଲିଗୋରଡ ସ୍ଥିତ ନିଜ ବାସ ଭବନରେ ସ୍ଥାପନା କରାଯାଇଛି । କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସ୍ଥାନୀୟ କଲ୍ୟାଣ ମଣ୍ଡପ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକ ଅଂଶ ଗ୍ରହଣ କରିଥିଲେ । ଅନ୍ୟ ନିମନ୍ତ୍ରିତ ଅତିଥି ଭାବେ କାମାକ୍ଷାନଗର ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ପ୍ରେମାନନ୍ଦ ସାହୁ,ଲିଗୋରଡ ସରପଞ୍ଚ ଦିପ୍ତିମୟୀ ସାହୁ, ଗ୍ରାମ ର ସଭାପତି ଅଲେଖ ଚରଣ ଖୁଣ୍ଟିଆ ଅଂଶ ଗ୍ରହଣ କରିଥିଲେ । ସ୍ମୃତି ପରିଷଦ ଅଧକ୍ଷ ବିଜୟ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେଛ ବରିଷ୍ଠ ଓକିଲ ଦିଲ୍ଲୀପ୍ କୁମାର ବରାଳ ସମସ୍ତ ଅତିଥି ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକର ବିକାଶ କେବଳ କରିଛି ବିଜେଡ଼ି

ଭଦ୍ରକ, (ସବ୍ୟୁ): ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦ୍ରୁତ ବିକାଶ ହୋଇଥିବା ବେଳେଭଦ୍ରକରେ ରାଜ୍ୟ ସରକାରଙ୍କ ଦ୍ୱାରା ସବୁ କ୍ଷେତ୍ରରେ ବିକାଶ କରାଯାଇଛି। ଚାଷୀ ଠାରୁ ଆରମ୍ଭ କରି ଛାତ୍ର, ଯୁବକ, ମହିଳା ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ରାଜ୍ୟ ସରକାର ପ୍ରଣୟନ କରିଥିବା ବେଳେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। ଓଡ଼ିଶା ବାସୀ ପୁଣିଥରେ ବିଜେଡ଼ିକୁ କ୍ଷମତାସୀନ କରାଇବେ ବୋଲି ଭଦ୍ରକ ଗାନ୍ଧୀପଡ଼ିଆରେ ଭଦ୍ରକରେ ରାଜ୍ୟ ସରକାରଙ୍କ ଦ୍ୱାରା ସବୁ କ୍ଷେତ୍ରରେ ବିକାଶ କରାଯାଇଛି। ଅନୁଷ୍ଠିତ କର୍ମୀ ସମାବେଶରେ ଭଦ୍ରକ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ବକ୍ତବ୍ୟରେ କହିଥିଲେ। ଭଦ୍ରକ ପୌରପାଳିକାର ୧ ରୁ ୧୫ ନଂ ୱାର୍ଡ଼ର କର୍ମୀ ମାନଙ୍କୁ ନେଇ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ପୌରାଧକ୍ଷା ଗୁଲମକ୍କୀ ହବିବ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ ମଂଚାସିନ ଥିଲେ। ପ୍ରଣୟ ଦାସଙ୍କ ସଂଚାଳନରେ ଜିଲା ସାଧାରଣ ସମ୍ପାଦକ ପ୍ରବୀର ଜେନା, ନଗର ସଭାପତି ତାହେର ମହମ୍ମଦ, ଯୁବନେତା ଜାହିଦ ହବିବ, ରାକେଶ ପଣ୍ଡା ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋକପାତ କରିବା ସହ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହି ସମାବେଶରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଉପସ୍ଥିତ ଥିଲେ।

# ଶେଷ ଦିନରେ ନାମାଙ୍କନପତ୍ର ଦାଖଲ କଲେ ବିଜେପି, କଂଗ୍ରେସ ପ୍ରାର୍ଥୀ





ହିନ୍ଦୋଳ, (ସବ୍ୟୁ) : ଆଗାମୀ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସରେ ଉଭୟ ବିଜେପି ଓ କଂଗ୍ରେସର ପ୍ରାର୍ଥୀ ପ୍ରାର୍ଥୀନୀ ନିଜ ନିଜର ସମର୍ଥକଙ୍କ ଗହଣରେ ହିନ୍ଦୋଳ ଉପଜିଲ୍ଲାପାଳ ତଥା ର୍ନିବାଚନ ଅଧିକାରୀଙ୍କ ନିକଟରେ ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେପି ପକ୍ଷରୁ ପ୍ରାର୍ଥୀନୀ ଭାବେ ସିମାରାଣି ନାୟକ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଦଳିୟ ସମର୍ଥକ କର୍ମୀ ଓ କାର୍ଯ୍ୟ କର୍ତ୍ତାଙ୍କ ଗହଣରେ ଏକ ବିରାଟ ଶୋଭାଯତ୍ରାରେ ସ୍ଥାନୀୟ ନ୍ଦରାଶୁଣି ଛକ ଠାରୁ ବାହାରି ବନମାଳୀ ପୁର, ନୂତନ ପାଟଣା, ମେଡିକାଲ ଛକ ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ପ୍ରାର୍ଥୀନୀ ଶ୍ରୀମତୀ ନାୟକ ଓ ଲୋକସଭା ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ସେଠାରୁ ସିଧା ସଳଖ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ୪ ସେଟ୍ ସମ୍ବଳିତ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ପ୍ରାର୍ଥୀ ପତ୍ର ଦାଖଲ ବେଳେ ସାଂସଦ ପ୍ରାର୍ଥୀ ଶ୍ରୀ ପାଣିଙ୍କ ସମେତ ବିଜେପି ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ହିନ୍ଦୋଳ ର୍ନିବାଚନ ମଣ୍ଡଳୀ ପ୍ରଭାରୀ ସୁନିଲ ଶର୍ମା, ଜିଲ୍ଲାର ସମସ୍ତ କମିଟି ସଭ୍ୟ, ମଣ୍ଡଳ ସଭାପତି, ବିଜେପି ନେତା ପ୍ରକାଶ ମଙ୍ଗରାଜ, ସଞ୍ଜୟ ନାୟକ, ଭାସ୍କର ଚନ୍ଦ୍ର ନାୟକ, ଅଜୟ ଦାସ, ସୋମନାଥ ସେଠି, ତରୁଣ ସାମଲ, ରିନା ବେହେରା, ସୁନୀତା ନାଥ, ସଭାଗିନି ପ୍ରଧାନ ପ୍ରମୁଖ ବହୁ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ । କଂଗ୍ରେସ ଦଳ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ମଣ୍ଡପ ଠାରୁ ଏକ ଶୋଭାଯାତ୍ରା ବାହାରି କଚେରୀ ଛକ ଠାରେ ପହଞ୍ଚିବା ପରେ ସେଠାରେ ଦଳୀୟ ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଶେଖର ନାୟକ ନିଜ ପ୍ରସ୍ତାବକ ଓ ସମର୍ଥକଙ୍କ ଗହଣରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ପ୍ରାର୍ଥୀ ପତ୍ର ଦାଖଲ ବେଳେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁନିଲ ଦାସ, ବ୍ଲକ କଂଗ୍ରେସ କମିଟି ସଭାପତି ଛବି ରାଜ ବିଶ୍ୱାଳ, ଜିଲ୍ଲା କଂଗ୍ରେସ ସେବା ଦଳ ଅଧକ୍ଷ ସୁବାସ ଚନ୍ଦ୍ର ପାଳ, ସକ୍ରିୟ ସଭ୍ୟ ସ । ଦ୍ ଖାଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଦଳୀୟ ପ୍ରାର୍ଥୀ ଶ୍ରୀ ନାୟକ ରାହୁଲ ଗାନ୍ଧୀ ଘୋଷଣା କରିଥିବା ୫ ଗ୍ୟାରେଣ୍ଟିକୁ ଲୋକ ଲୋଚନକୁ ଆଣିବା ପାଇଁ ର୍ନିବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି ପ୍ରଚାର ଚଳାଇ ଥିବା ପ୍ରକାଶ କରିଛନ୍ତି ।

# ତନିସ୍କର ରିଭା କଲେକ୍ସନ ଉନ୍ମୋଚିତ



ଅନୁଗୋଳ, (ସବ୍ୟୁ) : ଟାଟା ଉତ୍ପାଦକ ତନିସ୍କ ଅନୁଗୋଳ ପକ୍ଷରୁ ଅକ୍ଷୟ ତୃତୀୟା ଓ ବିବାହ ଋତୁ ପାଇଁ ଏକ ସ୍ୱତନ୍ତ୍ର ଗହଣା କଲେକ୍ସନ ରିଭା ଉନ୍ମୋଚନ ହୋଇଯାଇଛ । ଅନୁଗୋଳର ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ତନିଷ୍କର ବିଜିନେସ ଆସୋସିଏଟ ମାନିକ ହଂସ, ଏରିଆ ବିଜିନେସ ମ୍ୟାନେଜର ଅରିୟନ୍ଦୁ ବୁନ୍ଦେଲ ମିଳିତ ଭାବେ ଯୋଗ ଦେଇ ଏହି ଗହଣାର ଉନ୍ମୋଚନ କରିଥିଲେ । ରିଭା କଲେକ୍ସନରେ କନ୍ୟା ମାନଙ୍କ ବ୍ରାଇଡାଲ ଲୁକକୁ ବଢାଇ ଥାଏ । ଏଥି ସହ ଆଞ୍ଚଳିକ ଡିଜାଇନ ମଧ୍ୟ ରିଭାରେ ପ୍ରତିଫଳିନ ହୋଇଥାଏ । ସୁନା, ହୀରା, ଗ୍ଲାସ କୁନ୍ଦନ ନେଇ ରିଭା ଗହଣା ସମ୍ଭାର ଗ୍ରାହକ ମାନଙ୍କ ନିକଟରେ ପରଷିଥାଏ, ଯାହାକି ବାହାଘର ସମୟରେ କନ୍ୟା ମାନଙ୍କ ସୌନ୍ଦର୍ଯ୍ୟ ବାଇଥାଏ । ଏହି ଅବସରରେ ଓଡିଶାରେ ତନିସ୍କର ୧୬ଟି ଷ୍ଟୋର ଥିବାବେଳେ ଏହା ଗ୍ରାହକଙ୍କ ପ୍ରାଥମିକତାକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଛ । ଅକ୍ଷୟ ତୃତୀୟାରେ ଓଡିଶାରେ ସୁନା ଗହଣା କିଣିବାର ପରମ୍ପରା ଥିବାରୁ ଗ୍ରାହକଙ୍କ ଆବଶ୍ୟକତା ଦୃଷ୍ଟିରେ ରକ୍ଷି ବହୁ ସ୍ୱତନ୍ତ୍ର ଅଫର ମଧ୍ୟ ଦିଆଯାଉଛି । ଗହଣାର ତିଆରି ମୂଲ୍ୟରେ ୨୦ ପ୍ରତିଶତ ରିହାତି ରହିଛି । ଅସ୍ଥିର ସୁନା ଦର ପାଇଁ ଗୋଲଡ଼ ଏକ୍ସଚେଞ୍ଜ ପ୍ରୋଗ୍ରାମ କାର୍ଯ୍ୟକାରି ହେଉଛି । ଏହା ଗ୍ରାହକମାନଙ୍କୁ ସେମାନେଙ୍କ ସୁନା ସମ୍ପତି ପାଇଁ ସର୍ବୋତ୍ତମ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରିଥାଏ । ଗ୍ରାହକମାନେ ୨୨ କ୍ୟାରେଟ ଓ ପୁରୁଣା ସୁନା ଗହଣାରେ ୧୦୦ ପ୍ରତିଶତ ମୂଲ୍ୟ ପାଇପାରିବେ । ଗ୍ରାହକ ମାନେ ଯେଉଁଠାରେ ଚାହିଁବେ ସୁନା କିମ୍ବା ହୀରା କିଣିଲେ ସେମାନେଙ୍କୁ ସମାନ ସୁବିଧା ମିଳିବ ବୋଲି ତନିସ୍କର ବିଜିନେସ ଆସୋସିଏଟ ମାନିକ ହଂସ ପ୍ରକାଶ କରିଥିଲେ ।

# ବିଶ୍ୱମ୍ଭର ବହିଦାରଙ୍କ ସ୍ମୃତିରେ ରକ୍ତଦାନ ଶିବିର, ୧୧୨ ୟୁନିଟ ସଂଗ୍ରହ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଠାରେ ବିଶିଷ୍ଟ କ୍ରୀଡ଼ା ସଂଗଠକ ବିଶ୍ୱମ୍ଭର ବହିଦାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ଓ ବରିଷ୍ଠ ଆଇନଜୀବୀ ପ୍ରଦୀପ ବହିଦାର ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନ ସ୍ୱାଭିମାନ ପକ୍ଷରୁ ଅନୁଷ୍ଠିତ ଶିବିରରେ ମୋଟ ୧୧୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ଲୋକପ୍ରିୟ ସମ୍ବଲପୁରୀ କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ, ବିଶ୍ୱମ୍ଭର ବହିଦାର ସମ୍ବଲପୁରର ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ । ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟରେ ସ୍ଥାନୀୟ ନାଗରିକ ବିଶେଷତଃ ଯୁବବର୍ଗଙ୍କ ନିଃସ୍ୱାର୍ଥପର ଯୋଗଦାନ ପ୍ରଶଂସନୀୟ । ମାନବ ସମାଜରେ ସ୍ୱାଭିମାନ ସହ ସେବା ମନୋଭାବ ତିଆରି କରିବାରେ ସ୍ୱାଭିମାନ ସମ୍ବଲପୁର ପ୍ରେରଣାର ସ୍ରୋତ ହେଉ । ଶେଷରେ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦେଇ ଉତ୍ସାହିତ କରିଥିଲେ। ଉଦ୍ଘାଟନୀ ସଭାକୁ ସୁଧୀର ବହିଦାର ପରିଚାଳନା କରିଥିଲେ । ଏଥିରେ ଶିଶିର ବହିଦାର, ସମୀର ହୋତା, ଦେବନ୍ତ ବେହେରା, କୁନାଲ ପ୍ରଧାନ, ଉପେନ୍ଦ୍ର ରାଉତ, ଆକାଶ ସାହୁ, ସଞ୍ଜୀବ କଂସାରି, ବିକାଶ ମେହେର ପ୍ରମୁଖ ପରିଚାଳନା କରିଥିଲେ । ପ୍ରଫୁଲ୍ଲ ହୋତା, ରାଜୀବ ଶତପଥୀଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

# ୩୯ ବେଆଇନ୍ ବନ୍ଧୁକ ସହିତ ୨୧ ଗିରଫ, ୩୯ ଲକ୍ଷ ଟଙ୍କା ଜବତ



ସମ୍ବଲପୁର,(ସବ୍ୟୁ): ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ଏବଂ ସମାନ୍ତରାଳ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗତକାଲି ସୁଦ୍ଧା ଚଳିତ ବର୍ଷ ୧୨୫ ଦିନରେ ସମ୍ବଲପୁର ଜିଲ୍ଲା ପୋଲିସ ପକ୍ଷରୁ ୩୬୪ଟି ଜାମିନ୍‌ବିହୀନ ପରୱାନା କାର୍ଯ୍ୟକାରୀ କରାଯାଇଥିବା ବେଳେ ୫୯୭ଟି ଖାରଜ କରାଯାଇଛି। ୨୮୦୮ ଜଣଙ୍କ ଉପରେ ଆଇପିସିର ଧାରା ୧୦୭ ସିଆରପିସି ଏବଂ ୧୮୭ ଜଣଙ୍କ ଉପରେ ସିଆରପିସିର ଧାରା ୧୧୦ ଆଧାରରେ ପଦକ୍ଷେପ ନିଆଯାଇଛି ବୋଲି ଅତିରିକ୍ତ ଏସ୍‌ପି ହରେଶଚନ୍ଦ୍ର ପାଣ୍ଡେ ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୮୮୩.୨୯୫ କିଲୋଗ୍ରାମ ଅର୍ଥାତ୍ ୮୮, ୩୨, ୯୫୦ ଟଙ୍କାର ଚୋରା ଗଞ୍ଜେଇ ଜବତ କରାଯାଇ ୧୬ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୨୦୩୪ ଲିଟର ପରିମାଣର ୨୦୩୪୦ ବୋଟଲ ୩୬, ୬୧, ୨୦୦ ଟଙ୍କାର ନିଶା ସିରାପ୍ ସହିତ ୫୯ ଜଣଙ୍କୁ ଗିରଫ କରାଯାଇଛି। ୩୯ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ୨୧ ଜଣ ଗିରଫ ହୋଇଛନ୍ତି। ୨୫୬୬୬.୫୧୫ ଲିଟର ବିଦେଶୀ ମଦ, ୩୩୬ ଲିଟର ଓ.ସ୍ପିରିଟ, ୫୪୩୭ ଲିଟର ଆଇଡି ଜବତ କରାଯାଇ ୪୫ ଜଣଙ୍କୁ ଗିରଫ କରାଯାଇଛି। ଜିଲ୍ଲା ପୋଲିସ ପକ୍ଷରୁ ଚାଲିଥିବା ନାକାବନ୍ଦୀ ଏବଂ ଗାଡ଼ି ମୋଟର ଯାଞ୍ଚ ସମୟରେ ୩୮ ଲକ୍ଷ ୪୫ ହଜାର ୨୦ ଟଙ୍କା ଉଦ୍ଧାର କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ବଲପୁର ମହାନଗରର ୨୦ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଲିସ ଚେକ୍‌ପୋଷ୍ଟ କାର୍ଯ୍ୟକାରୀ କରାଯାଉଛି। ତନ୍ମଧ୍ୟରୁ ବିଭିନ୍ନ ଥାନା ଭିତରୁ ଅଇଁଠାପାଲିର ଆଦର୍ଶମାର୍ଗ, କ୍ଷେତରାଜପୁରର ଲକ୍ଷ୍ମୀ ଡୁଙ୍ଗୁରୀ ଓ କ୍ଷେତରାଜପୁର, ଧନୁପାଲିର ମୋତିଝରଣ, ଜିଲ୍ଲାସ୍କୁଲ ଛକ, ସରଲାକାନୀ ଛକ, ଧନୁପାଲିଛକ ଓ ସିଟି ରେଳଷ୍ଟେସନ ଛକ, ସଦର ଥାନା ମାନେଶ୍ୱର ଓ ଧନକଉଡ଼ା ଛକ, ଟାଉନ୍ ଥାନାର ପୀରବାବା ଛକ ଓ ଫ୍ଲାଇଓଭର, ବୁର୍ଲାର ପଥର ଗେଟ୍, ଚାଉଁରପୁର ଓ ପିସି ବ୍ରିଜ୍ ଏବଂ ହୀରାକୁଦର ବିହାରୀ ପଡ଼ା ସହିତ ଦୁଇଟି ଜାଗାରେ ଏହି ଚେକ୍‌ପୋଷ୍ଟ କରାଯାଇଛି। ଏହି ଚେକ୍‌ପୋଷ୍ଟମାନଙ୍କରେ ସ୍ୱତନ୍ତ୍ର କେବିନ୍‌ରେ ପୁଲିସ ଅଧିକାରୀ ଏବଂ କର୍ମଚାରୀମାନେ ୨୪ ଘଣ୍ଟିଆ ପହରା ଦେଉଛନ୍ତି। ଏହି ସ୍ଥାନମାନଙ୍କରେ ସହରକୁ ଯା’ ଆସ କରୁଥିବା ଲୋକ ଏବଂ ଗାଡ଼ି ମୋଟର ଯାଞ୍ଚ କରାଯାଉଛି। ସିସିଟିଭି ସର୍ଭିଲେନ୍ସ ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ସମ୍ବଲପୁର ସହର କୁଚିଣ୍ଡା, ବୁର୍ଲା, ରେଢ଼ାଖୋଲ ଓ ରେଙ୍ଗାଲି ଅଞ୍ଚଳରେ ଜିଲ୍ଲା ପୋଲିସ ଏବଂ ସିଆରପିଏଫ୍ ପକ୍ଷରୁ ନିୟମିତ ବ୍ୟବଧାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

# ଦେଓଗାଁରେ କଂଗ୍ରେସର ମେଗା ମିଶ୍ରଣ ପର୍ବ



ବଲାଙ୍ଗିର(ସବ୍ୟୁ): ରବିବାର ଦେଓଗାଁ ବ୍ଲକ ଗାଇବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝୁଲ୍ଲାକାନି ପ୍ରକଳ୍ପ ଖେଳ ପଡିଆରେ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ଯାଇଛି । ମିଶ୍ରଣ ପର୍ବକୁ ଦେଓଗାଁ ଅଂଚଳର କଂଗ୍ରେସ ନେତା ଟିଙ୍କୁ ଅଗ୍ରୱାଲ, ସଂଜୟ ହୋତା, ପ୍ରମୋଦ ରଣା, କେଶବ ରଣା, ସୁବଲ ରଣା, ରାଜ କିଶୋର ସାହୁ, ଅଜୟ ସିଂ ପ୍ରଧାନ, ଜିତେନ୍ଦ୍ର ରଣା, କେଶବ ରଣା ପ୍ରମୁଖଙ୍କ ନେତୃତ୍ୱରେ ଦେଓଗାଁ ବ୍ଲକର ବିଭିନ୍ନ ପଂଚାୟତ ଯଥା ଗାଇବାହାଲ, ଉଡାର, ସାରସମାଲ ଓ ଦେଓଗାଁ ପଂଚାୟତରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ବଲାଙ୍ଗିର ନିର୍ବାଚନ ମଣ୍ଡଳିର କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ କଂଗ୍ରେସ ଦଳରେ ଯୋଗଦେଇଥିଲେ । କଂଗ୍ରେସ ଦଳରେ ଯୋଗ ଦେଇଥିବା ବ୍ୟକ୍ତିମାନେ ନିଜ ବକ୍ତବ୍ୟରେ କହିଛନ୍ତି ଯେ ୨୦୧୪ ମସିହା ପରେ ନରସିଂହ ମିଶ୍ର ବଲାଙ୍ଗିର ବିଧାୟକ ହେଲା ପରେ ସାମଗ୍ରିକ ବିକାଶ ସମ୍ଭବପର ହୋଇପାରିଛି । ତେଣୁ ଏହି ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ହେଲେ ବଲାଙ୍ଗିରରେ କଂଗ୍ରେସ ଦଳକୁ ସମର୍ଥନ ପୂର୍ବକ ଆମ୍ଭେ କଂଗ୍ରେସ ଦଳରେ ଯୋଗ ଦେଲୁ ବୋଲି କହିଥିଲେ । ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ଯୋଗ ଦେଇଥିବା ସମସ୍ତ ସଦସ୍ୟଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିବା ସହ ସେମାନଙ୍କ ଯୋଗଦାନ ଫଳରେ ଦେଓଗାଁ ଅଂଚଳରେ କଂଗ୍ରେସ ଦଳ ଆହୁରି ମଜବୁତ ହୋଇ ଲୋକଙ୍କ ସେବା କରିବ ବୃ ସହ ଏ ଅଂଚଳର ସାମଗ୍ରିକ ବିକାଶ ଦିଗରେ ସହାୟକ ହେବ ବୋଲି କହିଥିଲେ । ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ କାନ୍ତେଶ୍ୱର ପ୍ରଧାନ, ବିରେନ୍ଦ୍ର ମିଶ୍ର, ମାନସ ମହାନ୍ତି, ଟିଟୁ ରଣା, ଅନ୍ତ ବେହେରା, ସଂଜିବ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଞ୍ଚଳର ବିକାଶ ମୋର ପ୍ରାଥମିକତା : ଟୁକୁନି



ସଇନ୍ତଳା,(ସବ୍ୟୁ): ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ଗୁଡଭେଲା ବ୍ଲକର ବିଭିନ୍ନ ଗ୍ରାମରେ ବିଜେଡ଼ି ବିଧାୟୀକା ପ୍ରାର୍ଥୀ ଟୁକୁନୀ ସାହୁ ଓ ସର୍ମର୍ଥକଙ୍କ ପ୍ରଚାର ଜୋରଦାର୍ ଚାଲିଥିଲା । ଗୁଡଭେଲା ଅଞ୍ଚଳରେ ଜଳସେଚନ ପାଇଁ ୪୫୦ କୋଟିର ଦୁଇଗୋଟି ଦୁଇଟି ନଦୀ ଉପରେ ଦୁଇଟି ବ୍ୟାରେଜର ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ରାହୁଲ ନଦୀର ବ୍ୟାରେଜ କାମ ସରିବା ଉପରେ ରହିଛି । ଅନ୍ୟ ପଟେ ଆଉ ଗୋଟେ ତେଲ ନଦୀ ଉପରେ ବ୍ୟାରେଜ ପାଇଁ ସରକାର ଅନୁମୋଦନ କରିଛନ୍ତି । ବଡଙ୍ଗୋମୁଣ୍ଡା ଓ ସମରା ଅଂଚଳର ରୋଡରାସ୍ତା, ଜଳ ସେଚନ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଉନ୍ନତି ହୋଇଛି । ସେହିପରି ୩୩/୧୧ କେଭିର ଗ୍ରୀଡ୍ କାମ, ଆଇଏସଏସ ପ୍ରୋଜେଟ କୁକେଡମାଲଠାରେ ରାହୁଲ ନଦି ଉପରେ ବେରେଜ ନିର୍ମାଣ ଏମିତି ଅନେକ ଉନ୍ନ୍ ମୂଳକ କାର୍ଯ୍ୟର ହୋଇଛି । ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି, ଶିକ୍ଷାପାଇଁ ଅନେକ ଆଦର୍ଶ ବିଦ୍ୟାଳୟ, ମହିଳା ମାନଙ୍କ ପାଇଁ ଅନେକ ଯୋଜନା, ବିଭିନ୍ନ ପଞ୍ଚାୟତ ବା ଗାଁ ମାନଙ୍କରୁ ବ୍ଲକକୁ ଯିବାପାଇଁ ଲକ୍ଷ୍ମୀ ବସର ଯୋଜନା ୫-ଟି ମାଧମରେ ଗୁଡଭେଲା ଅଂଚଳର ଅନେକ ସ୍କୁଲକୁ ନୂତନ ରୂପାନ୍ତରୀଣ, ଏହି ଭଳି ଅନେ ଯୋଜନା ବା ଉନ୍ନତି ମୂଳକ କାର୍ଯ୍ୟ ହୋଇଆସିଥିବାର କହିଛନ୍ତି ବିଧାୟିକା ପ୍ରାର୍ଥୀ ଶ୍ରମତୀ ସାହୁ । ଗାଁ ମାନଙ୍କରେ ସାଧାରଣ ସଭା ସହ ସମସ୍ତ ଭୋଟର ମାଁ, ଭାଇ ଭଉଣୀମାନଙ୍କୁ ସାକ୍ଷାତ କରି ଏହି ଅଞ୍ଚଳର ବିକାଶ ମୋର ପ୍ରଥମ କର୍ତ୍ତବ୍ୟ ବୋଲି କହି ଭୋଟ ଭିକ୍ଷା କରିଛନ୍ତି ।

# ଦଳ ଛାଡିଲେ ଜିଲ୍ଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗ

ରାୟଗଡା,(ସବ୍ୟୁ): ଦଳ ଛାଡିଲେ ରାୟଗଡା ଜିଲ୍ଲା କଂଗ୍ରେସ ସଭାପତି ବିଜୟ କୁମାର ଗମାଙ୍ଗ। ସୂଚନା ଥାଉ କି ବିଜୟ ଗମାଙ୍ଗ ଏବଂ ପୁଅ ଅବିନାଶ ଗମାଙ୍ଗ ଉଭୟ କଂଗ୍ରେସ ଟିକଟରେ ଲଢିବାକୁ ଆଶାୟୀ ଥିଲେ । କିନ୍ତୁ ଦଳ ତାଙ୍କୁ ଟିକେଟ ଦେଇନଥିଲା କିମ୍ବା ତାଙ୍କ ସମର୍ଥକଙ୍କୁ ମଧ ଟିକେଟରୁ ବଞ୍ଚିତ କରିଥିଲା। ଟିକେଟ ଘୋଷଣା ହେବା ଦିନ ଠାରୁ ସେ ନିଜକୁ ଦଳୀୟ କାର୍ଯ୍ୟକ୍ରମରୁ ଦୁରେଇ ରଖୁଥିଲେ । ନିଜ ସମର୍ଥକ ଭାସ୍କର ଜାଗାରଙ୍ଗା ଗୁଣୁପୁର ବିଧାନସଭା ପାଇଁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରିବାରେ ସମର୍ଥନ ଦେଇଥିଲେ । ଦଳ ବିରୋଧୀ କାର୍ଯ୍ୟ ପାଇଁ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ କାରଣ ଦର୍ଶାଓ ନୋଟିସ କରିଥିଲେ । ବହୁଥର ପିସିସି ଓ ଜିଲ୍ଲାସ୍ତରୀୟ ଦଳୀୟ ନେତା ଅଣଦେଖା କରିଥିବା। କୌଣସି କାର୍ଯ୍ୟକ୍ରମକୁ ସୂଚନା ଦେଉ ନଥିବା ଅଭିଯୋଗ କରି ଆତ୍ମସମ୍ମାନ ଦୃଷ୍ଟିରୁ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଥିବା କହିଛନ୍ତି । ଇସ୍ତଫା ପତ୍ର ପିସିସି ସଭାପତି ଓ ରାଜ୍ୟ ପର୍ଯ୍ୟବେକ୍ଷକଙ୍କୁ ପଠାଇ ଥିବା ବିଜୟ ଗମାଙ୍ଗୋ ସୂଚନା ଦେଇଛନ୍ତି । ପୂର୍ବରୁ ମଧ୍ୟ ଦଳ ବିଧାନସଭା ପ୍ରାର୍ଥୀ ନାମ ଘୋଷଣା କରିବା ପରେ ଅସନ୍ତୋଷ ହୋଇ ଯୁବ କଂଗ୍ରେସ ବ୍ଲକ ସଭାପତି , ଏସଟି ମୋର୍ଚ୍ଚା, ଏସସି ମୋର୍ଚ୍ଚା ସଭାପତି, ଯୁବ କଂଗ୍ରେସ ରାଜ୍ୟ ପ୍ରବକ୍ତା, ପିସିସି ସଦସ୍ୟ ଦଳ ଛାଡିଥିଲେ ଭୋଟ ଗ୍ରହଣ ଆଉ ଦିନ କେଇଟା ଥିବା ବେଳେ ଜିଲ୍ଲା ସଭାପତି ଦଳ ଛାଡିବା ସମସ୍ୟା ସୃଷ୍ଟି କରିବ ବୋଲି ରାଜନୈତିକ ସମିକ୍ଷକ ମତ ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି ତାଙ୍କ ଇସ୍ତଫା ଦଳ ପାଇଁ କୌଣସି କ୍ଷତି ହେବନାହିଁ। ସେ ତାଙ୍କ ପୁଅଙ୍କୁ ଟିକେଟ ଆଶାୟୀ ଥିଲେ। ଟିକେଟ ନପାଇବାରୁ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେଲେ ନାହିଁଛ ଯାହା ଗୁଣପୁର ଠାରେ ପ୍ରାର୍ଥୀ ପତ୍ର ଦାଖଲ କରିବା ସମୟରେ ମଧ ଉପସ୍ଥିତ ହେଲେ ନାହିଁ। ତେଣୁ କାରଣ ଦର୍ଶାଓ ନୋଟିସ କରିବା ପରେ ନିଜ ତରଫରୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ଠିକ ସେହିପରି କଂଗ୍ରେସର ଭାସ୍କର ଜାଗାରଙ୍ଗା , ଅଭିନାଶ ଗମାଙ୍ଗ, ଚନ୍ଦ୍ରଶେଖର ବେହେରା, ଅଶୋକ ଆଚାର୍ଯ୍ୟ, ନୀଳମାଧବ ଉଲ୍ଲାକା, ରାମାଇ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମାଝୀ ଏବଂ ରାଜେନ୍ଦ୍ର ନାୟକଙ୍କୁ ଦଳବିରୋଧୀ କାର୍ଯ୍ୟ କରୁଥିବା ହେତୁ ପାଞ୍ଚ ବର୍ଷ ପାଇଁ କଂଗ୍ରେସ ଦଳରୁ ବହିଷ୍କାର କରିଛନ୍ତି ପିସିସି ସଭାପତି ସରତ ପଟ୍ଟନାୟକ ।

# ବାଇକ ସହ କଫ ସିରଫ ଜବତ, ଯୁବକ ଗିରଫ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଅବକାରୀ ବିଭାଗ ଶାସନ ଥାନା ଅନ୍ତର୍ଗତ ତାଲବ ବସଷ୍ଟାଣ୍ଡରୁ ୧୧୦ ବୋତଲ କଫସିରଫ ଜବତ କରିଛି । ଏଥିସହ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏନେଇ ୬୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ମୋବାଇଲ ଟିମ ତାଲବ ବସଷ୍ଟାଣ୍ଡ ଠାରେ ଚଢ଼ଉ କରିଥିଲା । ବେଆଇନ କଫସିରଫ ଚୋରା ଚାଲାଣ ବେଳେ ମାଝିପାଲି ଗ୍ରାମର ଉପେନ୍ଦ୍ର ରଣବେଢ଼ା(୨୪)ଙ୍କୁ ଗିରଫ କରିଛି । ଏଥିସହ ବ୍ୟବହୃତ ବାଇକ ଓ ଉପରୋକ୍ତ କଫସିରଫ ଜବତ ହୋଇଛି ।

# ସୁରକ୍ଷା କର୍ମୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି

ସୁନ୍ଦରଗଡ଼,(ସବ୍ୟୁ): ବ୍ୟାଙ୍କରେ ସୁରକ୍ଷାକର୍ମୀଙ୍କ ବନ୍ଧୁକରୁ ଗୁଳି ଫୁଟିଲା । ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଡେଲିମାର୍କେଟ ନିକଟରେ ଥିବା ଆଇସିଆଇସିଆଇ ବ୍ୟାଙ୍କରେ ଏହି ଘଟଣା ଘଟିଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ପୁଲିସ ଏହି ଘଟଣାରେ ସୁରକ୍ଷା କର୍ମୀଙ୍କୁ ଅଟକ ରଖି ପଚରାଉଚରା କରୁଛି । ସକାଳେ ରାଉରକେଲା ଆଇସିଆଇସିଆଇ ବ୍ୟାଙ୍କରୁ ଟଙ୍କା ଭ୍ୟାନରେ ରାଜଗାଙ୍ଗପୁର ଡେଲିମାର୍କେଟ ନିକଟରେ ଥିବା ଆଇସିଆଇସିଆଇ ବ୍ୟାଙ୍କକୁ ଆସିଥିଲା। ଟଙ୍କା ଭ୍ୟାନ ସହ ଜଣେ ସୁରକ୍ଷା କର୍ମୀ ଆସିଥିଲେ। ଭ୍ୟାନଟି ବ୍ୟାଙ୍କରେ ପହଞ୍ଚିବା ପରେ ସୁରକ୍ଷାକର୍ମୀ ଜଣଙ୍କ ନିଜ ବନ୍ଧୁକରେ ଗୁଳି ଲୋଡ଼ କରୁଥିଲେ। ଏହି ସମୟରେ ହଠାତ୍ ଫାୟାରିଂ ହୋଇଥିଲା। ଗୁଳି ଫୁଟିବା ସମୟରେ ଆଖପାଖରେ କେହି ନଥିଲେ। ପୁଲିସ ସୁରକ୍ଷାକର୍ମୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ବାଇକ୍ ଦୁର୍ଘଟଣା, ଦୁଇ ଯୁବକ ଗୁରୁତର

କଲମପୁର,(ସବ୍ୟୁ): ସୋମବାର ଅପରାହ୍ନରେ ବାଇକ ଯୋଗେ କଲମପୁର ଜୁନାଗଡ଼ ମୁଖ୍ୟ ରାସ୍ତାରେ କରଲାପଡା ବ୍ରିଜ ପାଖରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ଯେ ଏକ ବାଇକ ଯୋଗେ ଖୁରସାଲିଗୁଡ ର ଦୀନବନ୍ଧୁ ତାଣ୍ଡି (୨୭) ଏବଂ ମାଲପଡା ଗାଁ ପ୍ରକାଶ ବନ୍ଧିଛୋଡ (୨୮) କଲମପୁର ପଟୁ ତାଙ୍କ ଗାଁ କୁ ଫେରୁଥିଲେ । ଗୋଟିଏ ପଟେ ପ୍ରଚଣ୍ଡ ଖରା ହେଉଥିବା ବେଳେ ଅଚାନକ କରଲାପଡା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକ ତଥା ନବକିଶୋର ନାଗ ୧୧୨ କୁ ଫୋନ କରିଥିଲେ। କଲମପୁର ଅଗ୍ନିଶମ ବାହିନୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଆହତ ଦୁଇ ଯୁବକଙ୍କୁ କଲମପୁର ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ।

# କଣ୍ଟାବାଞ୍ଜିକୁ ରାଜସ୍ୱ ଜିଲ୍ଲା ମାନ୍ୟତା ଦାବି

କଣ୍ଟାବାଞ୍ଜି,(ସବ୍ୟୁ) କଣ୍ଟାବାଞ୍ଜି ଜିଲ୍ଲା ସଂଘର୍ଷ ସମିତି ପକ୍ଷରୁ ସ୍ଥାନୀୟ ହରିଭବନ ଠାରେ ସନ୍ଧ୍ୟା ୮ଟା ରେ ଏକେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘର୍ଷ ସମିତି ଅନେକ ସଂଘର୍ଷ କରି ସାରିଛି । ଏହାରି ଭିତରେ ଅନେକ ଥର ଆନ୍ଦୋଳନ କରିବା, ଧାରଣା ଦେବା, ଭୌଗଳିକ ସ୍ଥିତିକୁ ପ୍ରଶାସନକୁ ଜଣାଇ ଦେବା ସହ ଲୋକେ ଗାଁରୁ ସହର ସମସ୍ତ କଣ୍ଟାବାଞ୍ଜିକୁ ଜିଲ୍ଲା ଦାବି କରି ଆସିଛନ୍ତି । ଏବେ କିନ୍ତୁ ଏହି ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳରୁ ବିଧାୟକ ପ୍ରାର୍ଥୀ ଭାବେ ରହୁଛନ୍ତି । ତେବେ ଏବେ ଆମ ଅଞ୍ଚଳରେ ସେ ବିଜୟ ହାସଲ କରିବା ପାଇଁ ମଧ ଜଣାପଡୁଛି । ଆଗାମୀ ଦିନରେ ଯଦି ସେ ଏହି ନିର୍ବାଚନ ମଣ୍ଡଳୀର ବିଧାୟକ ହେଉଛନ୍ତି ତେବେ ଜିଲ୍ଲା ସଂଘର୍ଷ ସମିତି ପକ୍ଷରୁ କଣ ସବୁ ଦାବି ରହିବ ସେ ନେଇ ଆଲୋଚନା ଆରମ୍ଭ ହୋଇଥିଲା । ମୁଖ୍ୟମନ୍ତ୍ରୀ ଯେହେତୁ ଏହି ନିର୍ବାଚନ ମଣ୍ଡଳୀ ରେ ପ୍ରାର୍ଥୀ ରହିଛନ୍ତି ତେବେ କଣ୍ଟାବାଞ୍ଜିକୁ ଜିଲ୍ଲା ଘୋଷଣା କରିବେ ବୋଲି ଅଞ୍ଚଳ ବାସୀ ଉତ୍ସାହିତ ହେଉଛନ୍ତି । ଜିଲ୍ଲା ଦାବିକୁ ଗୁରୁତ୍ୱ ଦେଇ ଆଗାମୀ ଦିନରେ ଜିଲ୍ଲା ସଂଘର୍ଷ ସମିତି ପକ୍ଷରୁ ଦାବି ରଖାଯିବା ପାଇଁ ଆଲୋଚନା ହୋଇଛି । ବୈଠକ ରେ ଜିଲ୍ଲା ସଂଘର୍ଷ ସମିତିର କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ ଜିଲ୍ଲା ଦାବିକୁ ଗୁରୁତ୍ୱ ଦିଆଯାଇ ଆଗାମୀ ଦିନ ରେ ମୁଖ୍ୟମନ୍ତ୍ରୀ ଏହାକୁ ଗରୁତ୍ୱ କିଭଳି ଭାବେ ଦେବେ ସେନେଇ ସଂଘର୍ଷ ସମିତି ଲିଖିତ ଜଣାଇବା ସହ ଘୋଷଣା ପତ୍ର ଦେଇ ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀ ବାସୀଙ୍କୁ ପ୍ରତିଶ୍ରୁତି ଦିଅନ୍ତୁ ବୋଲି କହିଥିଲେ । ଜିଲ୍ଲା ଦାବି ଏବେ ତେଜିବ ଏବଂ ପ୍ରତ୍ୟେକ ଗାଁ ଗଳି କନ୍ଦିରେ 'କଣ୍ଟାବାଞ୍ଜି ଜିଲ୍ଲା ଆମ ଦାବି' ବ୍ୟାନର ପୋଷ୍ଟର ଲଗାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସେହିପରି ଜିଲ୍ଲା ସଂଘର୍ଷ ସମିତି ସମ୍ପାଦକ ଶେଷ ଦେବ ପୁଟେଲ, ଦୁଃଖୀ ଶ୍ୟାମ ଗୁରୁ, ବିଦେଶୀ ବେହେରା, ଏନଏସି ଅଧକ୍ଷ ବରିୟାମ ସିଂହ ସାଲୁଜା, ସଞ୍ଜୟ ଗାନ୍ଧୀ, କୈଳାଶ ଦୀପ, କୁଞ୍ଜ ବିହାରୀ ବେହେରା, ବେଦବ୍ୟାସ ନାଗ, ଶୈଳେନ୍ଦ୍ର ନାରାୟଣ ବେହେରା, ସୁରଥ ବେହେରା, ଦାମୋଦର ସାହୁ , ଘନଶ୍ୟାମ ଗହୀର, ଅଜୟ ଅଗ୍ରୱାଲ, ପ୍ରଦୀପ ବାଗ, ରାଜେନ୍ଦ୍ର ବେହେରା ସମେତ ଅନେକ ସଦସ୍ୟ ସାମିଲ ରହି ନିଜ ନିଜ ମତ ରଖି ଥିଲେ।

# ଟିକେଟ କଟିବା ପରେ ଅରୁନ୍ଧତୀଙ୍କ କ୍ଷୋଭ

ଦେବଗଡ଼,(ସବ୍ୟୁ): ଦେବଗଡ଼ ବିଧାନସଭା ଆସନରେ ପ୍ରଥମେ ସମ୍ବଲପୁର ସାଂସଦଙ୍କ ପତ୍ନୀ ଅରୁନ୍ଧତୀ ଦେବୀଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ଅରୁନ୍ଧତୀ ଦେବୀଙ୍କ ଟିକେଟ କାଟିଦେଇଥିଲା। ତାଙ୍କ ବଦଳରେ ବିଜେଡି ରାଜ୍ୟ ସଂପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ପୁଣିଥରେ ଭରସା କରି ଦଳ ପ୍ରାର୍ଥୀ କରିଛି। ଟିକେଟ କଟିବା ପରେ ଅରୁନ୍ଧତୀ ଦେବୀ ଗଣମାଧମ ସମ୍ମୁଖରେ ମୁହଁ ଖୋଲୁ ନାହାନ୍ତି। କିନ୍ତୁ ସେ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଶାସକ ବିଜେଡିକୁ ଇଙ୍ଗିତ କରି ଏକ ପୋଷ୍ଟ କରି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ନିଜ ସାମାଜିକ ଗଣମାଧମ(ଫେସବୁକ)ରେ 'ସୀତା ମାତା ଗଲା ବେଳେ ଗୋଟିଏ ସତ କଥା କହିଥିଲେ, ଏ ସଂସାରରେ ନାରୀର କେଣସି ସମ୍ମାନ ନାହିଁ' କହି ଅଭିମାନଭରା ପୋଷ୍ଟ କରିଛନ୍ତି।

ଉକ୍ତ ପୋଷ୍ଟରେ ସୀତାଙ୍କ ଏକ କ୍ରନ୍ଦନ ଫଟୋ ମଧ ରହିଛି। ପୋଷ୍ଟକୁ ଅନୁଧ୍ୟାନ କଲେ ଟିକେଟ କଟିବା ପରେ ଅରୁନ୍ଧତୀ ଦେବୀ ବ୍ୟଥିତ ଥିବା ଜଣାପଡୁଛି। ଏହା ସହିତ ଅରୁନ୍ଧତୀ ଦେବୀ ତାଙ୍କର ସାମାଜିକ ଗଣମାଧମରେ 'ଯଦି ତୁମକୁ ହରାଇବା ପାଇଁ ପରିଶ୍ରମ ଓ ପ୍ରୟାସ ନକରି ଆପଣଙ୍କ ପଛ ପଟେ ଯଦି କିଏ ଷଡଯନ୍ତ୍ର କରୁଛନ୍ତି, ତେବେ ଆପଣଙ୍କର ବର୍ଷର ପରିଶ୍ରମ ସଫଳ ହୋଇଛି ବୋଲି' ଏକ ଭିଡିଓ ମଧ ପୋଷ୍ଟ କରିଛନ୍ତି। ଆଗାମୀ ନିର୍ବାଚନରେ ଅରୁନ୍ଧତୀଙ୍କ ଭୂମିକା କ'ଣ ରହିବ ସେନେଇ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ରୋମାଞ୍ଚ ରଞ୍ଜନଙ୍କୁ ପୁନର୍ବାର ଟିକେଟ ପ୍ରଦାନ କରାଯିବା ପରେ ବିଜେଡିରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇ ହାରିଥିବା ଶ୍ରୀ ବିଶ୍ୱାଳଙ୍କୁ ଯଦି ଦଳ ପକ୍ଷରୁ ପୁନର୍ବାର ଟିକେଟ ଦିଆଯାଏ, ତେବେ ସମସ୍ତ ବିଜେଡି କର୍ମୀ ସମୂହ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଥିଲେ। ଏହି କ୍ରମରେ ଗତ ୩ ତାରିଖ ଦିନ ଜିଲ୍ଲା ବିଜେଡି କମିଟିରୁ ୧୩ଜଣ ସଦସ୍ୟ ଇସ୍ତଫା ଦେଇଥିଲେ।

# ପ୍ରାର୍ଥିପତ୍ର ଦାଖଲ ଶେଷ : ଆଜି ଯାଞ୍ଚ ପ୍ରକ୍ରିୟା



ସମ୍ବଲପୁର,(ସବ୍ୟୁ): ଚଳିତ ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ମତଦାନ ପରିପ୍ରେକ୍ଷୀରେ ସୋମବାର ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ଶେଷ ହୋଇଯାଇଛି । ଶେଷ ଦିନରେ ବିଏସପି, ସମାଜବାଦୀ ପାର୍ଟି, କୋଶଳ ବାଦୀ ସଂଗଠନ ସମେତ ବହୁ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ବିଏସପି ସମ୍ବଲପୁର ଲୋକସଭା ପ୍ରାର୍ଥୀ ସଦାନନ୍ଦ ରଣବିଡା, କୋଶଳ ବାଦୀ ନେତା ଜ୍ଞାନେନ୍ଦ୍ର ବେହେରା, ସ୍ୱାଧୀନ ପ୍ରାର୍ଥୀ ଆତ୍ମାରାମ ସୁପକାରଙ୍କ ସମେତ ବହୁ ପ୍ରାର୍ଥୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲୋକସଭା ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଏହାସହ ରେଙ୍ଗାଲି ବିଧାନସଭା ପାଇଁ ବିଏସଏପି ପ୍ରାର୍ଥୀନୀ ଆନନ୍ଦିନୀ ବେସନ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ କୈବର୍ତ୍ତ ସମାଜ ପକ୍ଷରୁ ସୁଶାନ୍ତ ତନସନା ନିଜର ପ୍ରାର୍ଥୀପତ୍ର ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଠାରେ ଦାଖଲ କରିଥିଲେ । ସେହିପରି ସମ୍ବଲପୁର ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଭାବେ ବିଏସପି ପକ୍ଷରୁ ଅନିଲ ସୁନା, ସମାଜବାଦୀ ପାର୍ଟିର ଅନିଲ ଯାଦବ ପ୍ରମୁଖ ନିଜର ସମର୍ଥକ ଓ ଶୁଭେଚ୍ଛୁ ମାନଙ୍କ ସହ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସମ୍ବଲପୁର ଜିଲ୍ଲାରେ ପ୍ରାର୍ଥୀପତ୍ର ଦାଖଲ ଶେଷ ଦିବସ ହୋଇଥିବା ବେଳେ ସବୁ ପ୍ରାର୍ଥୀ ଓ ସମର୍ଥକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା । ଆସନ୍ତା କାଲି ପ୍ରାର୍ଥୀପତ୍ର ଯାଞ୍ଚ ହେବ । ଆସନ୍ତା ୯ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସହ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ତେବେ ଆଜି ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିବା ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନେ ସମ୍ବଲପୁର ଅଞ୍ଚଳର ବିକାଶ କାର୍ଯ୍ୟ ଏତେ ବର୍ଷ ନହେବା ପ୍ରସଙ୍ଗରେ ସରକାରଙ୍କୁ ଟାର୍ଗେଟ କରିଥିଲେ । ଏହାସହ ପ୍ରାର୍ଥୀମାନେ ବିଜୟୀ ହେଲେ ସମ୍ବଲପୁର କ୍ଷେତ୍ରର ସାମଗ୍ରିକ ବିକାଶ କରିବା ସେମାନଙ୍କ ମୁଖ୍ୟ ପ୍ରାଥମିକତା ହେବ ବୋଲି ପ୍ରାର୍ଥୀମାନେ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

# ସୀମାନ୍ତ ଗାଁରେ ମାଓପୋଷ୍ଟର ଜବତ

ସୁନ୍ଦରଗଡ଼,(ସବ୍ୟୁ): ନିର୍ବାଚନ ଭଣ୍ଡୁର କରିବାକୁ ସୀମାନ୍ତରେ ମାତିଲେଣି ମାଓବାଦୀ। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଗାଁରେ ମାଓବାଦୀଙ୍କ ପୋଷ୍ଟର ଲଗାଇ ଉଭୟ ଭୋଟର ଓ ପ୍ରତିଦ୍ୱନ୍ଦିତା କରୁଥିବା ନେତାଙ୍କୁ ଭୟଭୀତ କରୁଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲା ବଣାଇ ଉପଖଣ୍ଡ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଗାଁରେ ବିଭିନ୍ନ ଜାଗାରେ ମାଓବାଦୀମାନେ ମାଓପୋଷ୍ଟର ଲଗାଇ ଭୋଟ ବର୍ଜନ ଧମକ ଦେଇଛନ୍ତି। ବଡ ବାଲିଜୋର, ସୋୟମ୍ବା, ରେଞ୍ଜଡ଼ା ଅଞ୍ଚଳରୁ ପୁଲିସ ବିପୁଳ ମାଓପୋଷ୍ଟର ଜବତ କରିଛି। ପୋଷ୍ଟରରେ ଭୋଟ ମାଗି ଆସୁଥିବା ନେତାଙ୍କୁ ମାଡ଼ମାରି ଗାଁରୁ ତଡିଦେବାକୁ ଭୋଟରମାନଙ୍କୁ ଧମକ ଦିଆଯାଇଛି। ଏଥିସହ ଯେଉଁମାନେ ଭୋଟଦେବାକୁ ସୀମାନ୍ତଗାଁର ଲୋକମାନଙ୍କୁ ସଚେତନତା କରାଉଛନ୍ତି, ସେମାନଙ୍କୁ ପ୍ରଜାକୋର୍ଟରେ ଉଚିତ ଦଣ୍ଡ ଦିଆଯିବାକୁ ମଧ ପୋଷ୍ଟରରେ ଧମକ ଦିଆଯାଇଛି। ମାଓପୋଷ୍ଟର ମରାଯିବା ପରେ ସୀମାନ୍ତ ଗାଁଗୁଡ଼ିକରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ଥାନୀୟ ପୁଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। କେ. ବଲାଙ୍ଗ ଥାନା ଅଞ୍ଚଳ ନୁହେଁ ଓଡ଼ିଶା-ଝାଡ଼ଖଣ୍ଡ ସରଣ୍ଡା ଓ କୋହ୍ଲାଣ ଜଙ୍ଗଲରେ ମାଓ ସଙ୍ଗଠନର ନେତୃତ୍ୱ ନେଉଛନ୍ତି ଦୁର୍ଦ୍ଦାନ୍ତ ମାଓ ନେତା ମିସ୍ରି ବେଶ୍ରା ଓ ତାଙ୍କ ଘନିଷ୍ଠ ସହଯୋଗୀ।

ସୀମାନ୍ତ ବିଶ୍ରା ଥାନା ନିକଟରୁ ସିଆର୍‌ପିଏଫ୍ କ୍ୟାମ୍ପ୍ ହଟିଯିବା ପରେ ସ୍ଥାନୀୟ ଅଞ୍ଚଳରେ ନକ୍ସଲ ସଙ୍ଗଠନର ଗତିବିଧି ପୂର୍ବ ଅପେକ୍ଷା ବେଶ ବଢ଼ିଯାଇଛି। ସରଣ୍ଡା ଓ କୋହ୍ଲାଣ ଜଙ୍ଗଲକୁ ବାଦ୍ ଦେଲେ ଭାଲୁଲତା, ଜରେଇକେଲାସ୍ଥ କୋପସିଂହା ସାପ୍ତାହିକ ହାଟ, ଅନ୍ୟ ବଜାରରେ ଝାଡ଼ଖଣ୍ଡର ନକ୍ସଲନେତା ଓ ତାଙ୍କର ସମର୍ଥକମାନେ ଏକାଠି ହେଉଛନ୍ତି। ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ନିର୍ବାଚନକୁ ଭଣ୍ଡୁର କରିବାକୁ ବ୍ଲୁ'ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ଯୋଜନାକୁ ବାସ୍ତବରୂପ ଦେବାକୁ ନକ୍ସଲ ନେତା ମିସ୍ରି ତାଙ୍କ ଘନିଷ୍ଠ ସହଯୋଗୀଙ୍କୁ ଦାୟିତ୍ୱ ଦେଉଛନ୍ତି। ନିର୍ବାଚନ ଖର୍ଚ୍ଚ ପାଇଁ ନେତାମାନଙ୍କୁ ଯେତିକି ଟଙ୍କା ଦେଉଛନ୍ତି, ସେତିକି ଟଙ୍କା ନକ୍ସଲ ସଙ୍ଗଠନକୁ ବି ଦେବାକୁ ବ୍ୟବସାୟୀ ଓ ଠିକାଦାରଙ୍କୁ ଧମକଚମକ ଦେଉଛନ୍ତି। ଯେଉଁମାନେ ଦାବିମୁତବାକ ଚାନ୍ଦା ଦେଉ ନାହାନ୍ତି, ସେମାନଙ୍କୁ ଟାର୍ଗେଟରେ ରଖୁଛନ୍ତି। ଗତ ୭ ମାସ ମଧ୍ୟରେ ଯବାନ ଓ ନକ୍ସଲ ଗୁଳିବିନିମୟରେ ୧୦ରୁ ଅଧିକ ସିଆରପିଏଫ୍ ଯବାନ ସହିଦ ହୋଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ମତଦାନ ସାରିବାକୁ ସୀମାନ୍ତରେ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ ପକ୍ଷରୁ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

## ମହିମା ଡଙ୍ଗରର ନିଆଁକୁ ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ



କୋକସରା,(ସବ୍ୟୁ): କୋକସରା ବ୍ଲକ ଟେମରା ଓ ମହିମା ପଞ୍ଚାୟତକୁ ଲାଗି ରହିଥିବା ମହିମା ଡଙ୍ଗରରେ କୌଣସି କାରଣ ବଶତଃ ନିଆଁ ଲାଗି ଯାଇଥିଲା । ଗ୍ରାମବାସୀ ମାନେ ଏନେଇ ବେହେରା ଫରେଷ୍ଟ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବେହେରା ଫରେଷ୍ଟ ବିଭାଗ କୋକସରା ଅଗ୍ନିଶମ ବିଭାଗଙ୍କୁ ନିଆଁ ଲିଭାଇବା ପାଇଁ ଖବର ଦେଇଥିଲେ। ପରେ କୋକସରା ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ସହ କର୍ମଚାରୀ ମାନେ ମହିମା ଡଙ୍ଗରରେ ପହଞ୍ଚି ଦୀର୍ଘ ସମୟ ଧରି ଜଙ୍ଗଲରେ ବ୍ୟାପିଥିବା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଏହି ନିଆଁ ଲିଭାଇବା କାର୍ଯ୍ୟରେ ଅଗ୍ନିଶମ ବିଭାଗର କର୍ମଚାରୀ ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନୀ, ଶ୍ୟାମଲାଲ ଗଣ୍ଡ, ଗିରିଧାରୀ ଦଣ୍ଡସେନା ପ୍ରମୁଖ ସାମିଲ ଥିଲେ।

## ପଟୁଆପାଲି ରାସ୍ତାର ଶାଖା କେନାଲ ପୋଲ କାମ ନିମ୍ନମାନର ଅଭିଯୋଗ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଗଲପୁର (ଡୁଡୁକା ) ବ୍ଲକ କୁଟାସିଂହା -ପଟୁଆପାଲି ରାସ୍ତାର ଶାଖା କେନାଲ ପୋଲ ନିହାତି ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ଗାଇଡଲାଇନ ଅନୁସାରେ ଯେତିକି ସିମେଣ୍ଟ, ବାଲି, ଗେଟି ପୂଣି ଖରାଦିନ ହୋଇଥିବାରୁ ଆବଶ୍ୟକ ପାଣି ଦେଇନଥିବାରୁ ଭଲ କାମ ହୋଇନାହିଁ ଫଳରେ କଂକ୍ରିଟ ଭାଙ୍ଗି ରାସ୍ତା ଦବି ଯାଇଥିବାରୁ ଲୋକେ ଦୁର୍ଘଟଣା ର ଶିକାର ହେଉଛନ୍ତି ସୂଚନା ଅନୁସାରେ ୪୦ ବର୍ଷ ପୂର୍ବେ କେନାଲ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ ହୋଇଥିଲା । ତାହା ପୁରୁଣା ହୋଇ ଦୁର୍ବଳ ହୋଇ ପଡିବାରୁ ଆର ଡି ପକ୍ଷରୁ ପୂଣି ନୁଆଁ ପୋଲ ମାସେ ହେବ ନିର୍ମାଣ ହୋଇଛି । ଯାହା ନିମ୍ନମାନର କାମ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି । ଯାହା ସପ୍ତାହେ ନ ପୂରୁଣୁ ଦବି ଯାଇଛି ବିଭାଗୀୟ ଜେ ଇ ଙ୍କୁ ଯୋଗାଯୋଗ କରାଯିବାରୁ ତାଙ୍କ ଫୋନ ସୁଇଚ ଅପ ଥିଲା । ଏ ସଂପର୍କରେ ସମ୍ପୃକ୍ତ ଠିକାଦାର ନିରଞ୍ଜନ ସାହୁ ଙ୍କୁ ପଚରାଯିବାରୁ ନିମ୍ନମାନର କାମ ହୋଇନାହିଁ ଉଭୟ ପାର୍ଶ୍ୱ ମାଟି ଖୋଲି କଂକ୍ରିଟ ହୋଇଥିବାରୁ ଦବି ଯାଇଛି, ତାହା କରିଦେବି ବୋଲି କହିଥିଲେ । ବଲାଙ୍ଗୀର ଓ ସୋନପୁର ଉଭୟ ଜିଲ୍ଲାକୁ ସଂଯୋଗ କରୁଥିବା ବାଇପାସ ରାସ୍ତା ଭାବେ ଜଣାଶୁଣା ଏହି ରାସ୍ତାରେ ଦୈନିକ ଛୋଟ ବଡ଼ ଯାନବାହାନ ସମେତ ଭାରି ଯାନ ମଧ୍ୟ ଯିବାଆସିବା କରୁଥିବାରୁ ଧନ ଜୀବନ ହାନୀ ହେବା ଆଶଙ୍କା ରହିଛି । ଉପାନ୍ତ ତଥା ଜଙ୍ଗଲ ଅଞ୍ଚଳ ହୋଇଥିବାରୁ ବିଭାଗୀୟ ଅଧିକାରୀ କାର୍ଯ୍ୟର ମାନ ପରଖି ବାକୁ ଆସନ୍ତି ନାହିଁ ଫଳରେ ଠିକାଦାର ନିଜ ମନମାନିରେ କାମ କରିଥାନ୍ତି । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ନିମ୍ନମାନର କାର୍ଯ୍ୟ ତଦାରଖ କରାଯିବାକୁ ଦାବି ହେଉଛି ।

## ଲକ୍ଷେଘର ଗଣ୍ଡା ସମାଜର କାର୍ଯ୍ୟକର୍ତ୍ତା ଚୟନ

ଏସ୍ -ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର କେନାଲ କଲୋନୀ ଆଇ. ଭି. ରେ ଜୀବର୍ଦ୍ଧନ ଜଗଦଳାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇ ଲକ୍ଷେ ଘର ଗଣ୍ଡା ସମାଜର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇ ଯାଇଛି । ସଭାପତି ଭାବେ ରଥ କୁମ୍ଭାର, କାର୍ଯ୍ୟକାରୀ ସଭାପତି ଭାବେ ଭକ୍ତ ନନ୍ଦ, ଉପ ସଭାପତି ଭାବେ ସର୍ଜନ ବାରିକ, ଯଶୋବନ୍ତ ଛତର ଓ ସମ୍ପାଦକ ଭାବେ ନିଧି ନନ୍ଦଙ୍କୁ ମନୋନୀତ କରାଯାଇଛି । ଜୀବର୍ଦ୍ଧନ ଜଗଦଳା, କୃଷ୍ଣଚନ୍ଦ୍ର ଭରାସାଗର, ଦର୍ଶନ ତାଣ୍ଡି, ପ୍ରକାଶ କୁମ୍ଭାର, ଜେହେରୁ ବାଘ, ଅନିରୁଦ୍ଧ ଦୀପ ଓ କାନ୍ତିଲାଲ ଶିଖାଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଗଲା । ଏସ. ସି. କଲ୍ୟାଣ ସଂଘର ସଭାପତି ଭାବେ ଖଗେଶ୍ୱର କୁମ୍ଭାର ଓ ଉପ ସଭାପତି ଭାବେ ଡୁଲେଶ୍ୱର ମୁଖୀଙ୍କୁ ମନୋନୀତ କରାଗଲା। ସଭାରେ ଫଗୁନୁ ଦୀପ, ଅଜିତ ଭରାସାଗର, ଯୋଗେଶ କୁମ୍ଭାର, ଭକ୍ତ ନନ୍ଦ, ଝୁକୁଡୁ ତାଣ୍ଡି, ବୀରେନ୍ଦ୍ର ଦୀପ, ମଣିରାମ ଦୀପ, ନବଘନ ନିହାଲ, ବିଶ୍ୱଭୂଷଣ ଜଗଦଳା, ଅନ୍ତ, ଫକୀର, ରାଜୁ, ଦିଲ୍ଲୀପ ଙ୍କ ସମେତ ଡୁଙ୍ଗୁରିପାଲି ବ୍ଲକର ସମସ୍ତ ପଞ୍ଚାୟତରୁ ବହୁ ସଂଖ୍ୟାରେ ଲକ୍ଷେ ଘର ଗଣ୍ଡା ସମାଜର ବନ୍ଧୁମାନେ ଯୋଗଦାନ କରିଥିଲେ ।

## ବଲାଙ୍ଗିର ରାମଲୀଳା : କୁମ୍ଭକର୍ଣ୍ଣ ସହ ଇନ୍ଦ୍ରଜିତ ବଧ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ରାମଜୀ ନାଟକ ସଂସଦ ର ରାମଲୀଳା ନାଟକରେ ଲଙ୍କାକାଣ୍ଡ ଦ୍ୱିତୀୟ ଦିବସରେ ନାଗଫାଶ ଓ କୁମ୍ଭକର୍ଣ୍ଣ ବଧ ମଞ୍ଚସ୍ଥ ହୋଇଛି ଏବଂ ରବିବାର ଦିନ ଶ୍ରୀ ରାମ ଲକ୍ଷ୍ମଣଙ୍କ ଇନ୍ଦ୍ରଜିତ ମୋହ ମୟାସିତାକୁ ବଧ ପରେ ଲକ୍ଷ୍ମଣ ଇନ୍ଦ୍ରିତକୁ ବଧ ମଞ୍ଚସ୍ଥ ହୋଇଛି । ସୋମବାର ଦିନ ଲକ୍ଷ୍ମଣ ଶକ୍ତିଭେଦ ପରେ ଭରତ ଓ ହନୁଙ୍କ ଭେଟ ଏବଂ କାଳନେମି ରାକ୍ଷାସ ବଧ ମଞ୍ଚସ୍ତ ହେବ । କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନକୁ ମୋହିତ କରୁଛି । ରାମଲୀଳାର ବନ୍ଦନାରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇ ଭଗବାନଙ୍କ ଦ୍ଧନାକୁ ଉପଭୋଗ କରୁଥିବା କଥା ଦର୍ଶକଙ୍କ ମୁଖରୁ ଶୁଣିବାକୁ ମିଳୁଛି । ଦର୍ଶକ ନାଟକ ସରିବାର ପର୍ଯ୍ୟନ୍ତ ନାଟକ ଦେଖୁଛନ୍ତି । ଆସନ୍ତା କାଲି ମଙ୍ଗଳବାର ଦିନ ରାବଣ ବଧ ମଞ୍ଚସ୍ଥ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

### ସମ୍ପୂର୍ଣ୍ଣ ହୋଇନି ୧୦ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

## ପାନୀୟ ଜଳ ସଙ୍କଟରେ ଗ୍ରାମାଞ୍ଚଳ



ମାଲକାନଗିରି,(ସବ୍ୟୁ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ମାଲକାନଗିରି ଜିଲ୍ଲାର ବଣ ପାହାଡରୁ ନିର୍ଗତ ସମସ୍ତ ଝରଣା ବା ଜଳ ସ୍ରୋତ ଗୁଡ଼ିକ ଶୁଷ୍କ ନଦୀ,ଗାଡିଆ ତଥା ପୋଖରୀରେ ଜଳ ଶୂନ୍ୟ। ପଶୁ ପକ୍ଷୀ ମଧ୍ୟ ଜଳ ଉତ୍କଟ ଜଳ ସଙ୍କଟ ସମ୍ମୁଖୀନ। ପାନୀୟ ଜଳ ପାଇଁ ସର୍ବତ୍ର ହାହାକାର ପରିସ୍ଥିତି ଉତ୍ପନ୍ନଛ ଏହି ପରିସ୍ଥିତିରେ ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଦ୍ୱାରା ନିର୍ମାଣଧୀନ ୧୦ ଗୋଟି ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ମନ୍ଥର ଯୋଗୁଁ ପାନୀୟ ଜଳ ଯୋଗାଣରେ ଚରମ ପ୍ରତିବନ୍ଧକ ଉଦ୍ରେକ ହୋଇଛି।

ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ୧୦ ଗୋଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଚାଲିଛି। ତେବେ ଏହି କାର୍ଯ୍ୟାଦେଶ ଯେଉଁ କମ୍ପାନୀମାନେ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟାରମ୍ଭ କରିଛନ୍ତି। ସେମାନଙ୍କ କାର୍ଯ୍ୟ କରିବା ନିର୍ଦ୍ଧାରିତ ସମୟସୀମା ସମାପ୍ତ ହୋଇଯାଇଥିଲେ ମଧ୍ୟ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଅଧପନ୍ତରିଆ ରହିଯାଇଛି। କାଲିମେଳା ବ୍ଲକର ୫ଟି ପଞ୍ଚାୟତକୁ ନେଇ ମେଗା ପାଇପ୍ ୱାଟର ସପ୍ଲାଇ ପ୍ରକଳ୍ପ ପାଇଁ ମୋଟ ୪୬.୦୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଶେଷ ହୋଇ ନାହିଁ। ଏହି କାର୍ଯ୍ୟ ସମାପ୍ତ ହେଲେ ୫ଟି ପଞ୍ଚାୟତ ର ୨୧ ଗୋଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇ ପାରିବେ ।

ସେହିପରି ମାଲକାନଗିରି ଓ କାଲିମେଳା ବ୍ଲକର ୫ଟି ପଞ୍ଚାୟତ ପାଇଁ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୬୫.୭୩ କୋଟି ବ୍ୟୟ ଅଟକଳ ରଖାଯାଇଥିଲା ବେଳେ ଏହି କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ ଜେଏମସି-ଜେଡବ୍ଲୁଆଇଏଲ କମ୍ପାନୀ ହାତକୁ ନେଇଛି । ଏହି କାମ ପରିସାମପ୍ତି ନାହିଁ। ଏହି କାର୍ଯ୍ୟ ଶେଷ ହେଲେ ୩୩ ଗୋଟି ଗ୍ରାମବାସୀ ପାନୀୟ ଜଳ ପାଇପାରିବେ। କୋରୁକୋଣ୍ଡା ବ୍ଲକର ୧୧ଟି ପଞ୍ଚାୟତର ୮୯ ଗୋଟି ଗ୍ରାମବାସୀ ପାନୀୟ ଜଳ ପାଇବା ପାଇଁ ୧୨୨.୭୪ କୋଟି ଟଙ୍କା ବ୍ୟୟ ଅଟକଳେ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଲାଗି ଟେଣ୍ଡର ସରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟ ସମାପ୍ତି ହୋଇନାହିଁ। ପଡିଆ ବ୍ଲକର ୮ଟି ପଞ୍ଚାୟତ ପାଇଁ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଲାଗି ୧୦୪.୮୯ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା ବେଳେ ଏହି କାମ କରିବା ପାଇଁ କେଇସି କାବେରୀ ମୁମ୍ବାଇ କମ୍ପାନୀ ହାତକୁ ନେଇଛି। ମାତ୍ର ଏହି କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହୋଇନାହିଁ। ଏହି କାମ ଶେଷ ହେଲେ ୪୮ ଗୋଟି ଗ୍ରାମବାସୀ ପାନୀୟ ଜଳ ପାଇ ପାରିବେ। ସେହିପରି ଚିତ୍ରକୋଣ୍ଡା ବ୍ଲକ ର ଅଣ୍ଡ୍ରାପଲ୍ଲୀ, ଯନ୍ତ୍ରୀ,ଯୋଡାମ୍ବ ଓ ପଣସପୁଟ ଆଦି ୪ଟି ପଞ୍ଚାୟତ ୫୮ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଲାଗି ୪୩.୧୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ଏହି କାର୍ଯ୍ୟକୁ ଏମ/ଏସ ୟୁନିକର୍ନ ଇଣ୍ଡିଆ ଲିମିଟେଡ ଟେଣ୍ଡର ନେଇଛି। ବର୍ତ୍ତମାନ ସୁଦ୍ଧା କାମର ସମାପ୍ତ ହୋଇ ନାହିଁ। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ୫୮ ଗାଁ ଲୋକେ ପାନୀୟ ଜଳ ଉପଯୋଗ କରିପାରିବେ । ସେହିପରି ଚିତ୍ରକୋଣ୍ଡା ବ୍ଲକର ବଡପଦର ଓ ଚିତ୍ରକୋଣ୍ଡା ପଞ୍ଚାୟତ ପାଇଁ ମେଗା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସକାଶେ ୨୯.୫୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା । ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ହେଲେ ୨୧ ଗୋଟି ଗାଁ ଲୋକେ ପାନୀୟ ଜଳ ପାଇପାରିବେ। ମାତ୍ର ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇ ନାହିଁ। କାଲିମେଳା ବ୍ଲକର ବିଭିନ୍ନ ଗ୍ରାମକୁ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସକାଶେ ୮୨.୧୬ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା ।ଏହି ପ୍ରକଳ୍ପ ଶେଷ ହେଲେ ୩୩ ଗୋଟି ଗାଁ କୁ ପାନୀୟ ଜଳ ଯୋଗାଣ ହୋଇ ପାରିବ। ଏହି ପ୍ରକଳ୍ପ ଶେଷ ହେଲେ ୮୬ଗୋଟି ଗାଁ ଲୋକେ ପାନୀୟ ଜଳ ପାଇ ପାରିବେ। ତେବେ ଏହି ଦୁଇଟି ପ୍ରକଳ୍ପ ୧୫ ୨.୨୦୨୩ରେ କାର୍ଯ୍ୟ ହାତକୁ ନେଇଛି। ସେହିପରି ମାଲକାନଗିରି ଓ ମାଥିଲି ବ୍ଲକର ୧୮ଟି ପଞ୍ଚାୟତ ୧୨୧ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଟେଣ୍ଡର ସରିଛି। ଅନ୍ୟପକ୍ଷରେ ଖଇରପୁଟ, ମାଥିଲି, ମାଲକାନଗିରି ବ୍ଲକର ୨୬ଟି ପଞ୍ଚାୟତ ପାଇଁ ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସକାଶେ ୩୦୯.୦୭କୋଟି ବ୍ୟୟ ଅଟକଳରେ ଟେଣ୍ଡର ସରିଛି। ଏହି ପ୍ରକଳ୍ପ ଶେଷ ହେଲେ ୨୧୦ଗୋଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇ ପାରିବ। କାର୍ଯ୍ୟ ଚାଲୁ ରହିଥିବା କୁହାଯାଉଛି। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକଳ୍ପର ସମାପ୍ତି ହୋଇ ନଥିବା ବେଳେ ଗ୍ରାମାଞ୍ଚଳରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଯାଇଛି।

## ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଓ କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ନର୍ବାଚନ ଖର୍ଚ୍ଚ ତଦାରଖ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ଏନ,କେ. ମିଶ୍ର ଓ ପ୍ରବୀଣ କୁମାର ବୌଦ୍ଧ ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ପର୍ଯ୍ୟବେକ୍ଷକ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ଜିଲ୍ଲାରେ ଶାନ୍ତି ଶୃଙ୍ଖଳାରେ ପରିଚାଳନା କରାଯିବାକୁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ଆକାଉଣ୍ଟିଙ୍ଗ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାଡ, ଷ୍ଟାଟିକ୍ ସର୍ଭିଲେନସ, ଭିଡିଓ ସର୍ଭିଲେନସ, ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ, ଏମସି ଏମସି, ଅଭିଯୋଗ ମନିଟରିଙ୍ଗ କଣ୍ଟ୍ରୋଲରୁମ,କଲସେଣ୍ଟର ଏବଂ କେନ୍ଦ୍ରୀୟ ତଥା ରାଜ୍ୟ ଏନଫୋରସମେଣ୍ଟ ଏଜେନସି ର କାର୍ଯ୍ୟ ସଂପର୍କରେ ଉଭୟ ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ବିଭିନ୍ନ ଟିମ୍ ର ନୋଡାଲ ଅଧିକାରୀମାନେ ସେମାନଙ୍କ କାର୍ଯ୍ୟର ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ଟିମ୍ ର ସଦସ୍ୟ ସଦସ୍ୟାମାନେ ସେମାନଙ୍କ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇବାକୁ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେବା ସହିତ ସମସ୍ୟାର ସମାଧାନ ପାଇଁ ସେମାନଙ୍କର ତ୍ୱରିତ ପଦକ୍ଷେପ ଏବଂ ସହଯୋଗ ରହିବ ବୋଲି କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ,କନ୍ଧମାଳ ନିର୍ବାଚନ ମଣ୍ଡଳୀ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର,ବୌଦ୍ଧ ନିର୍ବାଚନ ମଣ୍ଡଳୀ ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ସମେତ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୂର୍ତ୍ତ ବିଭାଗ ରାସ୍ତା ଉପରେ ପାଚେରୀ ନିର୍ମାଣ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ -ହରଭଙ୍ଗା ପୂର୍ତ୍ତ ବିଭାଗ ରାସ୍ତାର ଛତ୍ରଙ୍ଗ ଠାରେ ଥିବା ବିଦ୍ୟୁତ ବିଭାଗର ଛତ୍ରଙ୍ଗ ଫିଡର ରେ ଚାଲିଥିବା ନିର୍ମାଣାଧିନ ପାଚେରୀ କାର୍ଯ୍ୟ ପୂର୍ତ୍ତ ବିଭାଗ ରାସ୍ତାକୁ ଅକ୍ତିଆର କରି ନିର୍ମାଣ କରୁଥିବା ଅଭିଯୋଗ ହୋଇଛି । ଏହି ନିର୍ମାଣକୁ ନେଇ ଜନ ଅସନ୍ତୋଷ ଦେଖାଦେଉଛି । ଟାଟା କମ୍ପାନୀର ଜୋର ଜବରଦସ୍ତି କାର୍ଯ୍ୟ ନେଇ ସମାଲୋଚନା ହୋଇଥିବା ଜଣା ପଡିଛି । ସୂଚନା ମତେ ଟାଟା ଇଲେକଟ୍ରିକ କମ୍ପାନୀ ଛତ୍ରଙ୍ଗ ଫିଡରର ସୁରକ୍ଷା ଦୃଷ୍ଟିରୁ ଟାଟା କମ୍ପାନୀ ପକ୍ଷରୁ ପାଚେରୀ ନିର୍ମାଣ କରାଯାଉଛି। ପାଚେରିଟି ବଳପୂର୍ବକ ପୂର୍ତ୍ତବିଭାଗ ରାସ୍ତା ଉପରେ ନିର୍ମାଣ କରାଯାଉଛି । ବାରଣ କଲେ ମଧ୍ୟ ଜବର୍ ଦସ୍ତି ପାଚେରୀ ନିର୍ମାଣ କରୁଥିବା ଛତ୍ରଙ୍ଗ ବାସିନ୍ଦା ପ୍ରକାଶ କରିଛନ୍ତି । ପୂର୍ତ୍ତ ବିଭାଗ ର ସୂଚନା ଅନୁଯାଇ ରାସ୍ତାର ପିଚୁ ଠାରୁ ଦଶ ଫୁଟ ଛାଡ଼ି ପାଚେରୀ ନିର୍ମାଣ କରିବା କଥା । କିନ୍ତୁ ପୂର୍ତ୍ତ ବିଭାଗର ଅନୁମତି ନ ନେଇ ଟାଟା ବଳ ପୂର୍ବକ ପାଚେରୀ କାମ ଚାଲୁ ରଖିଛି । ନିର୍ମାଣାଧୀନ କାର୍ଯ୍ୟକୁ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁଙ୍କୁ ଯୋଗାଯୋଗ କରିବାରୁ ପୂର୍ତ୍ତ ବିଭାଗ ବିନା ଅନୁମତିରେ ଏହି କାର୍ଯ୍ୟ ହେଉଥିବା ଓ ଯଦି ନିର୍ମାଣ କାର୍ଯ୍ୟ ପୂର୍ତ୍ତ ରାସ୍ତାରେ ବଳ ପୂର୍ବକ ଟାଟା କମ୍ପାନୀ କରୁଛି ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ସୂଚନା ଦେଇଛନ୍ତି ।

## ଦଳ ବିରୋଧୀ କାର୍ଯ୍ୟ ପାଇଁ କଂଗ୍ରେସ ଦଳରୁ ବହିଷ୍କୃତ

ରାୟଗଡ଼ା/କୋରାପୁଟ,(ସବ୍ୟୁ): ଦଳୀୟ ଶୃଙ୍ଖଳା ଭଙ୍ଗକରି ଦଳ ବିରୋଧି କାର୍ଯ୍ୟ କରିଥିବା ନିମ୍ନଲିଖିତ ଜିଲ୍ଲାର କଂଗ୍ରେସ ନେତା ମାନଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ୬ବର୍ଷ ପାଇଁ କଂଗ୍ରେସ ଦଳରୁ ବହିଷ୍କାର କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧକ୍ଷ ଶ୍ରୀ ସନ୍ତୋଷ ସିଂ ସାଲୁଜା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଯେଉଁ ନେତାମାନେ କଂଗ୍ରେସ ଦଳରୁ ବହିଷ୍କୃତ ହୋଇଛନ୍ତି ସେମାନେ ହେଲେ ନୂଆପଡ଼ା ଜିଲ୍ଲାର ଘାସିରାମ ମାଝୀ ଓ ଉଜଳା ଗୁପ୍ତା,ରାୟଗଡ଼ା ଜିଲ୍ଲାର -ନୀଳମାଧବ ଉଲ୍ଲାକା, ଭାସ୍କର ଜାଗରଙ୍ଗା, ଅବିନାଶ ଗମାଙ୍ଗ,ଚନ୍ଦ୍ରଶେଖର ବେହେରା, ଅଶୋକ ଆଚାର୍ଯ୍ୟ, ରମାଇ ତିପତି, ପୂର୍ଣ୍ଣଚନ୍ଦ୍ର ମାଝୀ, ରାଜେନ୍ଦ୍ର ନାୟକ। ସେହିପରି କୋରାପୁଟ ଜିଲ୍ଲାର ପ୍ରିତିଶ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା -ଭି. ଚନ୍ଦ୍ରଶେଖର ନାଇଡୁ । ଏନେଇ ପିସିସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ଖୁଣ୍ଟିଆ ଓ ମୋଟେର ପଞ୍ଚାୟତରେ ବିଜେଡିର ମାରାଥନ ପ୍ରଚାର

କୋକସରା,(ସବ୍ୟୁ): ନିର୍ବାଚନ ପାଇଁ ଆଉ ମାତ୍ର କେତେ ଦିନ ବାକି ରହିଥିବା ବେଳେ ଧର୍ମଗଡ ବିଧାନସଭା କ୍ଷେତ୍ରରେ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାଣମୂର୍ଚ୍ଛା ପ୍ରଚାର ଦିନରାତି ଜାରି ରହିଛି। ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ନିଜ ସମର୍ଥକଙ୍କ ସହ ପ୍ରଚାର ଜୋରଦାର କରି ଜନ ସମର୍ଥନରେ ଲାଗି ପଡିଥିବା ବେଳେ କୋକସରା ବ୍ଲକର ଖୁଣ୍ଟିଆ ଓ ମୋଟେର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରବଳ ଜନ ସମର୍ଥନ ମଧରେ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ପ୍ରଚାର କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ସ୍ୱଚ୍ଛ ଶାସନରେ ବିଗତ ବର୍ଷରେ ଧର୍ମଗଡ ନିର୍ବାଚନ ମଣ୍ଡଳୀରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଚାଲିଛି। ସବୁ ବର୍ଗର ଜନ ସାଧାରଣଙ୍କ ପାଇଁ ବିଜେଡି ସରକାର ଯୋଜନା କରିଛନ୍ତି। ନବୀନ ଓଡିଶା ଆମ ଓଡ଼ିଶାର ଅଧକ୍ଷ ଭିକେ ପାଣ୍ଡିଆନ ୫-ଟି ଯୋଜନାରେ ଓଡିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ଧର୍ମାନୁଷ୍ଠାନ, ପର୍ଯ୍ୟଟନ ସ୍ଥଳୀର ରୂପାନ୍ତରିତ ରୂପରେଖ ଆଜି ଓଡିଶାକୁ ଏକ ବିକଶିତ ରାଜ୍ୟର ରୂପ ଦେଇଛି, ଏହି ଧାରା ଆଗକୁ ମଧ ଜାରି ରହିବ ଏଣୁ ନବୀନ ପଟ୍ଟନାୟକଙ୍କ ସେନାପତି ମାନଙ୍କୁ ନିର୍ବାଚିତ କରିବାକୁ ଜନ ସାଧାରଣଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଅନୁରୋଧ କରିଛନ୍ତି। ପ୍ରଚାରରେ ବିଜେଡିର କର୍ମକର୍ତ୍ତା ମାନସ ରଞ୍ଜନ ବାଗ, ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟା ବୈଜୟନ୍ତି ପୁଝାରି, ମୂଷାପାଲି ସମିତି ସଭ୍ୟା ଅଞ୍ଜନା ଦୁର୍ଗା, କାଉଡୋଳା ସମିତି ସଭ୍ୟା ବୈଦେହୀ ବେଶ୍ରା, ଟେମରା ସମିତି ସଭ୍ୟା ଅନୁସୂୟା ମାଝୀ, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ମୋଟେର ସରପଞ୍ଚ ବାସନ୍ତୀ ନାଏକ, ସମିତି ସଭ୍ୟା ଉଆଁସି ପାନ, ବରାଡୋଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ରେଙ୍ଗାଲପାଲି ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକ, ପୋଡ଼ାଗୁଡା ସମିତି ସଭ୍ୟ ରାଜୀବ ଖମାରି, ପଞ୍ଚାୟତ ସଭାପତି କୁମୁଦ ଚନ୍ଦ୍ର ବେହେରା, ମୋଟେର ପୂର୍ବତନ ସରପଞ୍ଚ ବଙ୍କିମ ଚନ୍ଦ୍ର ଦାସ, ବିଦ୍ଧୁ ଭୂଷଣ ପାଟ୍ଟଯୋଷୀ, ଦୁଷ୍ମନ୍ତ ପାଟ୍ଟଯୋଷୀ, ମହେଶ୍ୱର ସରାଫ, ହୃଷିକେଶ ଦାସଙ୍କ ସହ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଏମପି ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି ।

## ରାୟଗଡ଼ା ଜିଲ୍ଲା କଂଗ୍ରେସର ଆଡହକ ସଭାପତି, ଉପସଭାପତି ନିଯୁକ୍ତ

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ ତଥା କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟିର ଆଡହକ ସଭାପତି ଭାବେ ଶଙ୍କର ଜିଲାକାରା ଓ ଆଡହକ ଉପସଭାପତି ଭାବେ ଶଙ୍କର୍ଷଣ ମଙ୍ଗରାଜଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

### ଆନ୍ତଃ ଜିଲ୍ଲା ପେନଚାକ୍ ସିଲାଟ ଚାମ୍ପିୟନସିପ୍

## ୧୪ ଜିଲ୍ଲାର ୧୮୦ ପ୍ରତିଯୋଗୀ ସାମିଲ




ଝାରସୁଗୁଡ଼ା,(ସବ୍ୟୁ): ଉତ୍କଳ ଜ୍ୟୋତି ଠାରେ ୭ମ ଆନ୍ତଃ ଜିଲ୍ଲା ପେନଚାକ୍ ସିଲାଟ ସିନିୟର ଚାମ୍ପିୟନସିପ ସୋମବାର ଉଦ୍ଘାଟିତ ହୋଇଛି । ଏହି ପ୍ରତିଯୋଗିତାରେ ୧୪ଟି ଜିଲ୍ଲାର ପ୍ରାୟ ୧୮୦ ଜଣ ବାଳକ, ବାଳିକା ଖେଳାଳି ୩୨ଟି ବିଭାଗରେ ଅଂଶ କରିଛନ୍ତି। ଏହି ପ୍ରତିଯୋଗିତାକୁ ପରିଚାଳନା ପାଇଁ ୨୫ ଜଣ ରେଫରି ଓ ଖେଳାଳି ମନୋୟନ ପାଇଁ ୮ ଜଣ ସଭ୍ୟ ରହିଛନ୍ତି।

ମୁଖ୍ୟ ଅତିଥି ଭାବରେ ହକି ଆସୋସିଏସନ ଓଡିଶାର ଉପ-ସଭାପତି ଜୀବନ ମହାନ୍ତ , ସମ୍ମାନିୟ ଅତିଥି ଭାବରେ ଓଡିଶା ପେନଚାକ ସିଲାଟ ଆସୋସିଏସନ ରାଜ୍ୟ ସଭାପତି ତାପସ ରାୟ ଚୌଧୁରୀ, ରାଜ୍ୟ ଉପ-ସଭାପତି ମନୋରଞ୍ଜନ ଭଞ୍ଜ ଓ ଝାରସୁଗୁଡ଼ା ଜିଲ୍ଲା କ୍ରୀକେଟ ସଂଘର ସମ୍ପାଦକ ମହେତାପ ଖାଁନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ପେନଚାକ ସିଲାଟ ଆସୋସିଏସନର ରାଜ୍ୟ ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ବିବରଣୀ ପାଠ କରିବା ସହିତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରି ଥିଲେ। ଅତିଥିମାନେ ପ୍ରତିଯୋଗୀ ମାନଙ୍କୁ ଆସନ୍ତା ଆନ୍ତଃ ରାଜ୍ୟ ପ୍ରତିଯୋଗିତାରେ ପଦକ ଲାଭ କରି ଓଡିଶାର ସୁନାମ ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ।

ପ୍ରତିଯୋଗିତାରୁ ୬୪ଜଣ ସଫଳ ପ୍ରତିଯୋଗୀ ଆସନ୍ତା ଜୁନ ୧୦ ତାରିଖରୁ ୧୩ ପର୍ଯ୍ୟନ୍ତ ଭୁବନେଶ୍ୱରର କିଟସ୍ ଠାରେ ହେବାକୁ ଥିବା ଆନ୍ତଃ-ରାଜ୍ୟ ପେନଚାକ ସିଲାଟ ପ୍ରତିଯୋଗିତାରେ ଓଡିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ପେନଚାକ ସିଲାଟ ଆସୋସିଏସନର ସମ୍ପାଦକ ପ୍ରେମସିଂହ ଥାପା ସୂଚନା ଦେଇଛନ୍ତି।

## ଗରିବ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗ୍ରାମବାସୀଙ୍କ ଆର୍ଥିକ ସହଯୋଗ

ମାଲକାନଗିରି,(ସବ୍ୟୁ): ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ ପ୍ରଚାର ସମୟରେ ଦେଖିଥିଲୁ ନିଆରା ଚିତ୍ର। ଏଠାରେ ସ୍ୱାଧୀନ ପ୍ରାର୍ଥୀ ଘେନୁ ମୁଦୁଲିଙ୍କୁ ପ୍ରଚାର ପାଇଁ ଅର୍ଥ ବାଧକ ସାଜୁଥିବା ବେଳେ ସହାୟତାର ହାତ ବଢାଇଛନ୍ତି ଗ୍ରାମବାସୀ। ଗଂଗଲାଗୁଡା ଗାଁରେ ଘେନୁ ମୁଦୁଲି ତୃତୀୟ ଥର ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଏଭଳି ସହଯୋଗ ମିଳିଛି। ଚଳିତ ଥର ଘେନୁ ମୁଦୁଲି ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆ ତରଫରୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଟିକଟ ଆସିନପାରିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନରେ ଓହ୍ଲାଇଛନ୍ତି। ୨୦୧୪ ଓ ୨୦୧୯ରେ ସେ ସମତା କ୍ରାନ୍ତି ଦଳର ଟିକଟ ପାଇ ଲଢେଇ କରିଥିଲେ। ଘେନୁଙ୍କ ନିଜ ଘର କୋରକୋଣ୍ଡା ବ୍ଲକର ତାଲରାକୋଟା ପଞ୍ଚାୟତର ମହୁଲପୁଟ ଗ୍ରାମ। ପିଲାଟି ଦିନରୁ ସେ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିଛନ୍ତି। ଜଣେ ଆଦିବାସୀ ନେତା ଭାବେ ଜିଲ୍ଲାରେ ବେଶ ପରିଚିତ। ପୂର୍ବରୁ ସେ ଆଦିବାସୀ ମହାସଂଘର ସଭାପତି ରହିଥିଲେ। ଏବେ ମହାସଂଘର ଉପଦେଷ୍ଟା ଭାବେ ରହିଛନ୍ତି। ଆଦିବାସୀ ସମାଜ ତାଂକୁ ଏଥର ନିଶ୍ଚିତ ଭାବେ ଭୋଟ ଦେଇ ଜୟଯୁକ୍ତ କରାଇବେ ବୋଲି ସେ ଆଶା ପ୍ରକଟ କରିଛନ୍ତି।

ଗାଁ ଗାଁ ବୁଲି ନିଜେ ନିଜର ଭୋଟ ଭିକ୍ଷା କରୁଥିବା ବେଳେ ଗାଁର ଲୋକେ ତାଂକୁ ଆର୍ଥିକ ସହାୟତା ଦେଇ ଆଗକୁ ବଢିବାକୁ ସହଯୋଗ କରୁଛନ୍ତି। ବିଭିନ୍ନ ରାଜନୈତିକ ଦଳ ପ୍ରଚାର ପାଇଁ କୋଟି କୋଟି ଟଂକା ଖର୍ଚ୍ଚ କରୁଥିବା ବେଳେ ଘେନୁ ମୁଦୁଲି କିନ୍ତୁ ଲୋକଙ୍କ ଟଂକାରେ ଲଢେଇ କରୁଛନ୍ତି। ଲୋକଙ୍କ ପାଇଁ ସେ ଅହରହ କାମ କରୁଥିବାରୁ ଲୋକେ ମଧ ତାଂକୁ ନିଜର ସାମର୍ଥ୍ୟ ଦେଖି ଟଙ୍କା ଦେଉଥିବା ଦେଖିବାକୁ ମିଳିଛି। ନିଜର ଅଳ୍ପ ସମର୍ଥକଙ୍କୁ ନେଇ ସେ ଦିନରାତି ଏକ କରି ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି। ସେ ୨୦୧୪ରେ ୨୬୨୯ ଖଣ୍ଡ ଭୋଟ ପାଇଥିବା ବେଳେ ୨୦୧୯ରେ ୫୪୩୯ ଖଣ୍ଡ ଭୋଟ ପାଇଥିଲେ। ଏଥର ମଧ ସେ ଭଲ ଭୋଟ ପାଇବେ ବୋଲି କହିଛନ୍ତି।

ଘେନୁ ଗ୍ରାମବାସୀଙ୍କ ନିକଟରେ ଭୋଟ ଭିକ୍ଷା ସହ ଆର୍ଥିକ ସହଯୋଗ କରିବା ପାଇଁ ମଧ ନେହୁରା ହେଉଛନ୍ତି। ଲୋକେ କୌଣସି ଦଳ ଅପେକ୍ଷା ତାଙ୍କୁ ଭଲ ପାଉଥିବା ସେ କହନ୍ତି। ଲୋକଙ୍କ ସହ ଜଡିତ ଥିବାରୁ ସେ ଏଥର ନିଶ୍ଚୟ ବିଜୟ ହେବେ ବୋଲି କହନ୍ତି। ତିନି ପ୍ରମୁଖ ଦଳର ପାରଂପାରିକ ଭୋଟକୁ ସେ ହାତେଇ ନେବେ ବୋଲି ଚର୍ଚ୍ଚା ହେଉଛି। ଘେନୁ ନିର୍ବାଚନରେ ବିଜୟ ହୁଅନ୍ତୁ ବା ନହୁଅନ୍ତୁ କିନ୍ତୁ କୌଣସି ପ୍ରମୁଖ ଦଳକୁ ହରାଇବାରେ ବଡ ଭୂମିକା ଗ୍ରହଣ କରିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

(ଶ୍ରୀମଦ୍ଭଗବଦ୍ ଗୀତା ୫/୨୩)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)
ଶକ୍ନୋତୀହୈବ ଯଃ ପ୍ରାକ୍ ଶରୀରବିମୋକ୍ଷଣାତ୍ ।
କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ॥୨୩॥
ପ୍ରାଣ ଗଲା ଉତ୍ତାରୁ ଦେହ ଯେପରି ସୁଖ ଓ ଦୁଃଖ ଅନୁଭବ କରିବାରେ ନାହିଁ, ଯେ ପ୍ରାଣ ଥିଲାବେଳେ ମଧ୍ୟ ସେହିପରି ରହିପାରେ, ସେ କୈବଲ୍ୟାଶ୍ରମରେ ବାସ କରେ ॥୨୨॥

## ସମ୍ପାଦକୀୟ

# କାଶ୍ମୀର ନିର୍ବାଚନ

ଜାମ୍ମୁ-କାଶ୍ମୀର ନିର୍ବାଚନ ମତଦାନ ହାର ଓ ଫଳାଫଳ ଦେଶପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଜାମ୍ମୁ-କାଶ୍ମୀର ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଭାବରେ ବିଭକ୍ତ ହେବା ପରେ ଏବଂ ଧାରା ୩୭୦ ରଦ୍ଦ ହେବା ପରେ, ପ୍ରଥମଥର ପାଇଁ ନିର୍ବାଚନ ହେଉଛି । ୫ ବର୍ଷଠୁ ଊର୍ଦ୍ଧ୍ୱ ସମୟଧରି, ଜାମ୍ମୁ-କାଶ୍ମୀର କେନ୍ଦ୍ରୀୟ ଶାସନ ଅଧୀନରେ ରହିଆସିଛି । ପ୍ରାୟ ୧୦ ବର୍ଷ ତଳେ ଏଠାରେ ବିଧାନସଭା ନିର୍ବାଚନ ହେଇଥିଲା । ଏଠାକାର ରାଜନୈତିକ ଦଳଗୁଡିକ ଉଭୟ ଧାରା ୩୭୦ ରଦ୍ଦ, ରାଜ୍ୟ ଭାବରେ ମାନ୍ୟତା ଏବଂ ବିଧାନସଭା ନିର୍ବାଚନ କରାଇବା ନେଇ ଦାବି କରି ଆସୁଛନ୍ତି । କେନ୍ଦ୍ର ସରକାର, ଏହି ଅଞ୍ଚଳର ବିକାଶ ପାଇଁ ପୂର୍ଣ୍ଣ ମାତ୍ରାରେ ଚେଷ୍ଟା ଚଳାଇଛନ୍ତି । ବିକାଶ ହିଁ ଲୋକଙ୍କୁ ଆମ ଦେଶ ପାଇଁ ଭଲପାଇବା ବଢାଇବ ଏବଂ ସେମାନଙ୍କ ମନରେ ଆଉ 'କିନ୍ତୁ' ରହିବ ନାହିଁ ବୋଲି ଆଶା କରାଯାଉଛି । ଏହାରି ମଧ୍ୟରେ, ଏଠାରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ଜାମ୍ମୁ ନିର୍ବାଚନ ମଣ୍ଡଳୀରେ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଦାନ ସରିଥିବା ବେଳେ ଅନନ୍ତନାଗ-ରାଜୌରୀ ନିର୍ବାଚନମଣ୍ଡଳୀରେ ନିର୍ବାଚନ ତାରିଖ ପରିବର୍ତ୍ତନ ହେଇଛି । ଉଦ୍ଧମପୁର ହେଉଛି ଏକମାତ୍ର ଲୋକସଭା ନିର୍ବାଚନମଣ୍ଡଳୀ ଯାହାକି ଲୋକସଭା ନିର୍ବାଚନ ୨୦୨୪ ର ପ୍ରଥମ ପର୍ଯ୍ୟାୟରେ ମତଦାନକୁ ଯାଇଥିଲା । ଏଠାରେ ଭୋଟ ହାର ପାଖାପାଖି ୬୮ ପ୍ରତିଶତ ହେଇଛି । ଅର୍ଥାତ୍ ମତଦାନ ହାର ଊଣାଅଧିକେ ଗତଥର ପରି ହେଇଛି । ୨୦୧୯ରେ ଏଠାରେ ମତଦାନ ହାର ୭୦.୧୫ ଥିବାବେଳେ ୨୦୧୪ ରେ ୭୦.୯୫ ଥିଲା । ଜମ୍ମୁରେ ଯଦିଓ ମତଦାନ ଗତଥର ଅପେକ୍ଷା ଟିକେ କମ୍ ଥିଲା , ତଥାପି ୭୨.୨୨ ପ୍ରତିଶତ ପଞ୍ଜିକୃତ ଭୋଟର ଏଠାରେ ମତଦାନ କରିଛନ୍ତି ଯାହା ନିଶ୍ଚୟ ଭାବରେ ଉତ୍ସାହଜନକ । ଯଦି କାଶ୍ମୀରରେ ମତଦାନ ହାର ଭଲହୁଏ ତେବେ ଗଣତନ୍ତ୍ର ପାଇଁ ଗୋଟିଏ ବଡ ସଫଳତା ହେବ । ୨୦୧୯ରେ ଉପତ୍ୟକା ଶ୍ରୀନଗର (୧୪.୪୩%), ଅନନ୍ତନାଗ (୮.୪୯%) ଏବଂ ବାରାମୁଲ୍ଲା (୩୪.୬%) ପାଇଁ ମତଦାନ ସଂଖ୍ୟା ଦେଶର ସର୍ବନିମ୍ନତମ ଥିଲା । ଏହା ମୁଖ୍ୟତଃ ପୂର୍ବ ରାଜ୍ୟ ବିଧାନସଭା ଭଙ୍ଗକୁ ନେଇ ଚୟନକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷର କାରଣ ହେଇପାରେ ବୋଲି କୁହାଗଲା । ୨୦୧୯ ପରଠାରୁ, ଉପତ୍ୟକା କ୍ରମାଗତ କେନ୍ଦ୍ରୀୟ ନିୟମ ଅଧୀନରେ ରହିଆସିଛି ଏବଂ ସ୍ୱତନ୍ତ୍ର ସ୍ଥିତିର ରଦ୍ଦ ହେବା ପରେ ପ୍ରଥମଥର ପାଇଁ ସେଠାରେ ନିର୍ବାଚନ ହେଉଛି ଯେଉଁଥିପାଇଁ ସେଠାକାର ମତଦାନ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି ମତଦାନ ଭୋଟରଙ୍କ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିପାରିବ ଯାହା ଏକ ନିର୍ଣ୍ଣାୟକ ଆଦେଶ ଆକାରରେ ସେମାନେ ସେମାନଙ୍କ ମତାମତକୁ ପ୍ରକାଶ କରିପାରିବେ । ଅନନ୍ତନାଗ-ରାଜୌରୀରେ ମତଦାନ ତାରିଖ ଘୁଞ୍ଚାଯାଇଛି । ପାଣିପାଗ ଏବଂ ଅନ୍ୟାନ୍ୟ କେତେକ କାରଣ ଦେଖାଇ ବିଜେପି, ଜେ ଆଣ୍ଡ କେ ପିପୁଲ୍ସ କନଫରେନ୍ସ, ଜେ ଆଣ୍ଡ କେ ଆପ୍ନି ପାର୍ଟି ଏବଂ ଅନ୍ୟ କେତେକ ଦଳ ଅନନ୍ତନାଗ-ରାଜୌରୀ ଲୋକସଭା ନିର୍ବାଚନମଣ୍ଡଳୀରେ ମତଦାନ ତାରିଖ ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ । ଗୁଲାମ ନବୀ ଆଜାଦଙ୍କ ନେତୃତ୍ୱରେ ଡେମୋକ୍ରାଟିକ୍ ପ୍ରଗତିଶୀଳ ଆଜାଦ ପାର୍ଟି ମଧ୍ୟ ମତଦାନ ଘୁଞ୍ଚାଇବାକୁ ନିର୍ବାଚନ ଆୟୋଗକୁ ପୃଥକ ଭାବରେ ଅନୁରୋଧ କରିଥିଲେ । ଉପତ୍ୟକାରେ ଏନସି ଏବଂ ପିଡିପି ସେମାନଙ୍କର ରାଜନୈତିକ ଶତ୍ରୁତାକୁ ପୁନର୍ଜୀବିତ କରିଛନ୍ତି ଏନସି ଇଣ୍ଡିଆ ବ୍ଲକର ଏକ ଅଂଶ ଭାବରେ କଂଗ୍ରେସ ସହିତ ମିଳିତ ହୋଇଛି । ଆଶ୍ଚର୍ଯ୍ୟଜନକ ଭାବରେ, ଏହି ନିର୍ବାଚନମଣ୍ଡଳୀରେ ବିଜେପି କିମ୍ୱା ଜେ ଆଣ୍ଡ କେ ପିସି ପ୍ରାର୍ଥୀ କରି ନାହାଁନ୍ତି, ଯେଉଁଠାରେ ପିଡିପିର ମେହବୁବା ମୁଫତି ଏବଂ ନ୍ୟାସନାଲ କନଫରେନ୍ସର ମିଆନ ଆଲଟାଫ ଏବଂ ଆପ୍ନି ଦଳର ଜାଫର ମାନହସଙ୍କ ସମେତ ୨୦ ଜଣ ପ୍ରାର୍ଥୀ ଅଛନ୍ତି । ତେବେ, ଜମ୍ମୁ-କାଶ୍ମୀର ଏବଂ ଲାଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ସବୁ ଲୋକସଭା ଆସନରେ ମତଦାନ ହାର କେତେ ହେଉଛି, ତାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଯଦି ବଢ଼େ, ତା ହେଲେ ସରକାରଙ୍କ କାଶ୍ମୀର ନୀତିର ବିଜୟ ହେବ ।

# ରାୟବରେଲୀ ରାଜନୀତି

କଂଗ୍ରେସ ରାଜନୀତି ଏଥରର ନିର୍ବାଚନରେ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି । ସବୁଠାରୁ ବଡ଼କଥା ହେଉଛି, ଗତ ଲୋକସଭା ନିର୍ବାଚନରେ କଂଗ୍ରେସ ଏହାର ଲକ୍ଷ୍ୟ ଅନୁସାରେ ସଫଳତା ନ ପାଇବା ପରେ, ଏଥର ଦଳର ଭାବମୂର୍ତ୍ତିରେ ପରିବର୍ତ୍ତନ ଆଣିବା ସହ ବିଜେପି ପରି ଦଳ ସହ ଲଢ଼ିବା ପାଇଁ ଅନେକ ଆଗରୁ ଯୋଜନା ଆରମ୍ଭ କରିଛି । ଭାରତ ଯୋଡୋ ଯାତ୍ରା, ଭାରତ ଯୋଡୋ ନ୍ୟାୟ ଯାତ୍ରା ପରି କେତେକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ସହ ଯୋଡି ହେବାକୁ ଚାହିଁଛନ୍ତି ଏବଂ ଦଳର ଆଭିମୁଖ୍ୟ ଲୋକଙ୍କ ଆଗରେ ଉପସ୍ଥାପନା କରିବା ପାଇଁ ପ୍ରୟାସ କରିଛନ୍ତି । କେତେକ ରାଜ୍ୟରେ ଆସନ ବୁଝାମଣା କରି ବିରୋଧୀ ଭୋଟ ବିଭାଜନ ରୋକିବାକୁ ପ୍ରୟାସ କରିଛନ୍ତି । ଏହାର ନେତା ରାହୁଲ ଗାନ୍ଧି ପ୍ରଚାରର ମଙ୍ଗ ଧରି କଂଗ୍ରେସର ଭୋଟ ହାର ବଢ଼ାଇବା ପାଇଁ ଚେଷ୍ଟା କରୁଛନ୍ତି । କଂଗ୍ରେସ ଏହାର ଚେଷ୍ଟାରେ କେତେ ସଫଳ ହେବ, ତାହା ଜୁନ ୪ ତାରିଖରେ ହିଁ ସ୍ପଷ୍ଟ ହେବ । ତେବେ ଶେଷ ମୁହୂର୍ତ୍ତରେ ରାୟବରେଲିରୁ ରାହୁଲ ଗାନ୍ଧି ପ୍ରତିଦ୍ୱନ୍ଦିତା କରିବା, ଅନେକଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ରାହୁଲ ଗାନ୍ଧିଙ୍କ ଏହି ନିଷ୍ପତ୍ତିକୁ ଅନେକ ଉପାୟରେ ବ୍ୟାଖ୍ୟା କରାଯାଇପାରେ । ଗୋଟିଏ ହେଉଛି, ସୋନିଆ ଗାନ୍ଧି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରିବା ପରେ ଏବଂ ରାଜ୍ୟସଭାକୁ ଯିବାପରେ, ହୁଏତ ଏହି ଆସନକୁ ହାତଛଡା କରିବାକୁ ପରିବାର ଚାହିଁ ନାହିଁ ଏବଂ ରାହୁଲ ଏଠାରୁ ପ୍ରତିଦ୍ୱନ୍ଦିତା କରିବାପାଇଁ ବାଧ ହେଇଛନ୍ତି । ଅନ୍ୟଟି ହେଉଛି, ୟୁପିର ଗୋଟିଏ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ସେ ଏବଂ କଂଗ୍ରେସ ଦଳ ସେହି ରାଜ୍ୟରେ ଦଳର ଉପସ୍ଥିତି ଜାହିର କରିବାକୁ ଚାହାଁନ୍ତି । ଯଦିଓ ଦଳ ରାଜ୍ୟରୁ ୧୭ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି, ତେବେ ଅମେଥି ଓ ରାୟବରେଲୀ କଂଗ୍ରେସ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ଦୁଇଟି ଆସନରେ ଗାନ୍ଧି ପରିବାରର ପତିଆରା ରହିଆସିଛି । ୨୦୧୯ରେ ରାହୁଲ ଗାନ୍ଧି ଅମେଥିରୁ ନିର୍ବାଚନ ଲଢ଼ି ପରାସ୍ତ ହେଇଥିଲେ ଏବଂ ସୋନିଆ ଗାନ୍ଧି ରାୟବରେଲୀରେ ବିଜୟୀ ହେଇଥିଲେ । ଅର୍ଥାତ୍ ରାହୁଲ ଗାନ୍ଧି ୨୦୧୯ରେ ଦୁଇଟି ଆସନରେ ପ୍ରତିଦ୍ୱନ୍ଦିତା କରି କେରଳର ୱାୟନାଡୁ ଆସନରୁ ବିଜୟୀ ହେଇଥିବାବେଳେ ଅମେଥିରୁ ପରାସ୍ତ ହେଇଥିଲେ । ରାୟବରେଲି ହେଉଛି ଗାନ୍ଧି ପରିବାରର ଏବଂ ୟୁପି ସହିତ କଂଗ୍ରେସ ଦଳର ଶେଷ ଲିଙ୍କ୍, ଯାହା ଏକଦା ଏଠାରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ସ୍ୱାଧୀନତା ପରଠାରୁ ଅନୁଷ୍ଠିତ ଅଧିକାଂଶ ନିର୍ବାଚନ ମଧ୍ୟରୁ ୧୭ଟିରେ ଏହି ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇଛି । ତେବେ, ଏଥର ରାହୁଲ ଗାନ୍ଧିଙ୍କୁ ପରାସ୍ତ କରିବାକୁ ବିଜେପି ଯଥେଷ୍ଟ ପ୍ରୟାସ କରିବ ବୋଲି ଆଶା କରାଯାଏ । ଯଦି ଏହା ୟୁପିର ନିର୍ବାଚନ ଅଭିଧାନରୁ ଗାନ୍ଧି ଶବ୍ଦକୁ ହଟାଇଦିଏ ତେବେ ଏହା ଦଳ ପାଇଁ ଏକ ରାଜନୈତିକ ଏବଂ ମାନସିକ ବିଜୟ ହେବ । ଏହା ମଧ୍ୟ କଂଗ୍ରେସ ପାଇଁ ଏକ ସମ୍ମାନଜନକ ଲଢେଇ ହେବ । ସେଠାରେ ଏକ ବିଜୟ, ୟୁପିରେ ଅନ୍ୟାନ୍ୟ ବିଜୟ ଦ୍ୱାରା ସମର୍ଥିତ ହେଉ କିମ୍ୱା ନ ହେଉ, ରାଜ୍ୟରେ କଂଗ୍ରେସକୁ ଆଗକୁ ବଢ଼ାଇପାରେ । ପ୍ରିୟଙ୍କା ଗାନ୍ଧି ୟୁପିରେ ଦଳ ପାଇଁ ବହୁତ କାମ କରିଛନ୍ତି ଓ ପ୍ରଚାର କରିଛନ୍ତି ଏବଂ ଆଶା କରାଯାଉଥିଲା ଯେ ସେ ରାୟବରେଲି କିମ୍ୱା ଆମେଥିରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ତେବେ ଆମେଥି ଆସନରେ ଗାନ୍ଧି ପରିବାର ତାଙ୍କର ଜଣେ ବିଶ୍ୱସ୍ତଙ୍କୁ ପ୍ରାର୍ଥୀ କରିଛନ୍ତି ଏବଂ ପରୋକ୍ଷରେ ପ୍ରିୟଙ୍କା ପ୍ରାର୍ଥୀଙ୍କ ପ୍ରଚାରର ଦାୟିତ୍ୱ ନେଇପାରନ୍ତି । ରାହୁଲ ଗାନ୍ଧିଙ୍କ ନିଷ୍ପତ୍ତିକୁ ବ୍ୟାଖ୍ୟା କରିବାର ଅନ୍ୟ ଉପାୟ ମଧ୍ୟ ଅଛି । ଆମେଥିରେ ଥରେ ପରାସ୍ତ ହେବାପରେ, ଏଠାରେ ପ୍ରାର୍ଥୀ ହେଇ ସେ ରିସ୍କ ନେବାକୁ ଚାହୁଁ ନାହାନ୍ତି ଏବଂ ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ରାଜନୀତିରୁ ଦୂରେଇ ଯିବାକୁ ଚାହୁଁନାହାନ୍ତି । ତେଣୁ ସେ ରାୟବରେଲୀରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଲେ । ଉଭୟ ରାୟ ବରେଲି ଏବଂ ଆମେଥି ପ୍ରାର୍ଥୀଙ୍କ ନେଇ ନିଷ୍ପତ୍ତି ଶେଷ ଦିନ ପର୍ଯ୍ୟନ୍ତ କାହିଁକି ରଖାଗଲା, ତାହା ମଧ୍ୟ ଏକ ବିରାଟ ପ୍ରଶ୍ନ । ଏହା ଆଗରୁ ମଧ୍ୟ ନିଷ୍ପତ୍ତି କରାଯାଇ ପାରିଥାନ୍ତା ଏବଂ କେତେକଙ୍କ ମତରେ, ନିଷ୍ପତ୍ତି ଆଗରୁ ହେଇଥିଲେ, ଉତ୍ତରପ୍ରଦେଶ ନିର୍ବାଚନରେ ଏହାର ପ୍ରଭାବ ଅଧିକ ପଡିଥାନ୍ତା । ତେବେ ଏବେ କଥା ଉଠୁଛି, ଯଦି ସେ ଦୁଇଟିଯାକ ଆସନରୁ ଜିତନ୍ତି, କେଉଁଟାକୁ ରଖିବେ ଏବଂ କେଉଁଟାକୁ ଛାଡ଼ିବେ, ତାହା ତାଙ୍କୁ ନିଷ୍ପତ୍ତି ନେବା କଷ୍ଟକର ହେବ । କାରଣ ୱାୟନାଡୁର ଜନତା ମଧ୍ୟ ତାଙ୍କୁ ଭଲ ପାଇବାର ଅନେକ ନିଦର୍ଶନ ରହିଛି ଏବଂ ଅନ୍ୟପକ୍ଷରେ, ତାଙ୍କର ରାଜନୀତି ଭବିଷ୍ୟତ ପାଇଁ ରାୟବରେଲୀ ତାଙ୍କ ହାତରେ ରହିବା କଥା ବୋଲି କେତେକ ବିଶେଷଜ୍ଞ ମତ ଦିଅନ୍ତି ।

# ଇଣ୍ଟରନେଟ୍ କ୍ଷେତ୍ରରେ ଫାଇବର ଅପ୍ଟିକ୍‌ର ଯୋଗଦାନ



ଅସିତ ମହାନ୍ତି

ଅନେକ ଟେକ୍ନୋଲୋଜି ବର୍ତ୍ତମାନ ଦୁନିଆକୁ ଆସିଛି । ଆଜିର ସମୟରେ, ଜଣେ ବ୍ୟକ୍ତି ଖାଦ୍ୟ ଏବଂ ଜଳ ବିନା ବଞ୍ଚିପାରେ, କିନ୍ତୁ ସେ ଇଣ୍ଟରନେଟ୍ ବିନା ବୋଧହୁଏ ବଞ୍ଚିପାରିବେ ନାହିଁ । ଆଜି ଆମ ପାଇଁ ଇଣ୍ଟରନେଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଜିନିଷଠାରୁ କମ୍ ନୁହେଁ । ଦୀର୍ଘ ଦୂରତାରେ ଇଣ୍ଟରନେଟରେ ପହଞ୍ଚିବା ପାଇଁ ବିଭିନ୍ନ ଟେକ୍ନୋଲୋଜି ବ୍ୟବହାର କରାଯିବାର ଏହା ହେଉଛି ଏକ କାରଣ । ଆମେ ଇଣ୍ଟରନେଟ୍ ବ୍ୟବହାର ଆରମ୍ଭ କରିବା ଠାରୁ ଏହା ଏକ ଦୀର୍ଘ ସମୟ ହୋଇସାରିଛି ଏବଂ ବୋଧହୁଏ ସମୟ ଆସିଛି ଯେ ଆମେ ଏହାକୁ ଆହୁରି ଉନ୍ନତ କରିବା ଆଜିକାଲି, ଯଦି 4G ଏବଂ 5Gକୁ ଛାଡି ଦିଆଯାଏ, ଇଣ୍ଟରନେଟ୍ ପ୍ରବେଶ ପାଇଁ ଅଧିକାଂଶ ଘରେ ବ୍ରଡବ୍ୟାଣ୍ଡ ବ୍ୟବହୃତ ହୁଏ । ଯଦିଓ ପୂର୍ବ ସମୟରେ, ବ୍ରଡବ୍ୟାଣ୍ଡ ସାଧାରଣତଃ କେବୁଲ ମାଧ୍ୟମରେ ଘରକୁ ବିତରଣ କରାଯାଉଥିଲା, କିନ୍ତୁ ଆଜିକାଲି ଏହା ଫାଇବର ଅପ୍ଟିକର ଯୁଗ । ଏହି ଟେକ୍ନୋଲୋଜି ମାଧ୍ୟମରେ ଇଣ୍ଟରନେଟ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଅତି ଦ୍ରୁତ ଗତିରେ ବିସ୍ତାର କରୁଛି ।

ଏହି ଫାଇବର ଅପ୍ଟିକ୍ କ'ଣ ? ସରଳ ଶବ୍ଦରେ, ଫାଇବର ଅପ୍ଟିକ୍ ହେଉଛି ଅନେକ ନେଟୱାର୍କର ଏକ ବଣ୍ଡଲ୍ । ବାସ୍ତବରେ, ଏହି ଫାଇବର ଅପ୍ଟିକ୍ସ ଆକାରରେ ବହୁତ ପତଳା ରିପୋର୍ଟ ଅନୁଯାୟୀ, ଏହାର ଘନତା ମାନବ କେଶ ତୁଳନାରେ କମ୍ ଅଟେ । ଏହି ଅପ୍ଟିକାଲ୍ ଫାଇବର ଭିତରେ ତଥ୍ୟ ଆଲୋକ ଆକାରରେ ଭ୍ରମଣ କରେ । ମଣିଷ ଆଖିରେ ଆଲୋକ ଧଳା ଦେଖାଯାଏ । କିନ୍ତୁ ଯାନ୍ତ୍ରିକ ଆଲୋକ ସାତୋଟି ଭିନ୍ନ ରଙ୍ଗରେ ଗଠିତ ଏବଂ ପ୍ରତ୍ୟେକ ରଙ୍ଗ ପାଇଁ ବିଭିନ୍ନ ପଥ (ଡାଟା ପଥ) ଅଛି । ଡାଟା କେବଳ ଏହି ମାର୍ଗଗୁଡ଼ିକ ଦେଇ ଯାତ୍ରା କରେ । ଫାଇବର ଅପ୍ଟିକ୍ସ ସାଧାରଣତଃ ସିଲିକାରେ ତିଆରି ହୋଇଥାଏ, କାରଣ ସେଗୁଡ଼ିକ ବହୁତ ସ୍ୱଚ୍ଛ । ବୈଜ୍ଞାନିକଙ୍କ ଅନୁଯାୟୀ, ସିଲିକା ଭିତରେ ଥିବା ମୋଟ ଆଭ୍ୟନ୍ତରୀଣ ପ୍ରତିଫଳନ (T.I.R) ମଧ୍ୟ ବହୁତ ଭଲ । ଅପ୍ଟିକାଲ୍ ଫାଇବର ଯୋଗାଯୋଗର ଆଧାର ହେଉଛି ଟୋଟାଲ୍ ଆଭ୍ୟନ୍ତରୀଣ ପ୍ରତିଫଳନ । ତେଣୁ ଏହାର ଗୁରୁତ୍ୱ ଏଠାରେ ଆହୁରି ବୃଦ୍ଧି ପାଇଥାଏ । ଆପଣ କ'ଣ ଭାବୁଛନ୍ତି, ଅପ୍ଟିକାଲ୍ ଫାଇବର ପ୍ରକୃତରେ ସର୍ବୋତ୍ତମ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା କି ? ଅପ୍ଟିକାଲ୍ ଫାଇବରର ପ୍ରକାର - ମଲ୍ଟିମୋଡ୍ ଅପ୍ଟିକାଲ୍ ଫାଇବର: -ଏହି ପ୍ରକାର ଫାଇବର ବହୁତ ଲୋକପ୍ରିୟ । ମଲ୍ଟିମୋଡ୍ ଅପ୍ଟିକାଲ୍ ଫାଇବରଗୁଡ଼ିକରେ ଏକ ବଡ଼ କେନ୍ଦ୍ରୀୟ କୋର୍ ଏବଂ ଏକାଧିକ ଫାଇବର ପଥ ଅଛି । ସାଧାରଣତଃ ମଲ୍ଟି ମୋଡ୍ ଫାଇବରର ଆବରଣର ବ୍ୟାସ ୨୫୦ Sm, କ୍ଲାଇଡିଙ୍ଗ୍ ବ୍ୟାସ ୧୨୫ Sm ଏବଂ କୋର ବ୍ୟାସ ୫୦ Sm ରୁ ୬୨.୫ Sm ମଧ୍ୟରେ ରହିଥାଏ ।

ମଲ୍ଟିମୋଡ୍ ଅପ୍ଟିକାଲ୍ ଫାଇବର ଭିତରେ ଆଲୋକ ଭ୍ରମଣ ପାଇଁ ଅନେକ ପ୍ରକାରର ପଥ ଅଛି । ଏହା ହେଉଛି ଏକ ଭଲ ମୋଟ ଆଭ୍ୟନ୍ତରୀଣ ପ୍ରତିଫଳନ । ଏହା ଭିତରେ ଦେଖାଯାଇପାରେ । ତଥାପି, ଏହି ଫାଇବର ଅପ୍ଟିକ୍‌ର ସବୁଠାରୁ ବଡ ସୁବିଧା ହେଉଛି ସଂସ୍ଥାପନ ପାଇଁ ବହୁତ କମ୍ ଖର୍ଚ୍ଚ । ତେଣୁ ବର୍ତ୍ତମାନ ଆପଣ ବୁଝିପାରିବେ ଯେ ଏହାର ରକ୍ଷଣାବେକ୍ଷଣ ମୂଲ୍ୟ ମଧ୍ୟ ବହୁତ କମ୍ ଅଟେ । ଗୋଟିଏ କଥା ମଧ୍ୟ ହେଉଛି, ଏହି ଫାଇବର ଅପ୍ଟିକ୍‌ର କେନ୍ଦ୍ରରେ ବହୁତ ସ୍ଥାନ ଥିବାରୁ ଆଲୋକ ଏଥିରେ ବହୁତ ବାଉନ୍ସ ହୁଏ , ଯାହା ନେଟୱର୍କର ଗୁଣକୁ ଯଥେଷ୍ଟ ହ୍ରାସ କରିଥାଏ । ଏହା ବ୍ୟତୀତ ଏହାର ସଙ୍କେତକୁ ଅଧିକ ବୃଦ୍ଧି କରାଯାଇପାରିବ ନାହିଁ, ଯେଉଁଥିପାଇଁ ଏହା ଦୁର୍ଗମ ଅଞ୍ଚଳକୁ ତଥ୍ୟ ସ୍ଥାନାନ୍ତର କରାଯାଇପାରିବ ନାହିଁ । ରିପୋର୍ଟ ଅନୁଯାୟୀ ଏହା ୨୦୦ ରୁ ୩୦୦ ମିଟର ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ । ଏହାଠାରୁ ଅଧିକ ଦୂରତା ପାଇଁ ଏହି ଅପ୍ଟିକାଲ୍ ଫାଇବର ବ୍ୟବହାର କରାଯାଇପାରିବ ନାହିଁ । ଠିକ୍, ଏହାର ସର୍ବୋତ୍ତମ ଉଦାହରଣ ହେଉଛି OM୪ ଫାଇବର । ଏହି ଫାଇବର ୧୦୦ ମିଟର ବେଗରେ ୧୦୦G ବେଗରେ ତଥ୍ୟ ସ୍ଥାନାନ୍ତର କରିପାରିବ ୨. ଏକକ-ମୋଡ୍ ଅପ୍ଟିକାଲ୍ ଫାଇବର: -ଏହି ପ୍ରକାର ଅପ୍ଟିକାଲ୍ ଫାଇବର ବହୁତ ଭିନ୍ନ ଏବଂ ସ୍ୱତନ୍ତ୍ର । ଯେହେତୁ ଏହାର ନାମ ସୂଚିତ କରେ, ଏହି ଅପ୍ଟିକାଲ୍ ଫାଇବର ଭିତରେ କେବଳ ଗୋଟିଏ ଆଲୋକର ରାସ୍ତା ଅଛି । ଏହାକୁ ସରଳ ଭାଷାରେ କହିବାକୁ ଗଲେ, କେବଳ ଗୋଟିଏ ଆଲୋକର ଆଲୋକ ଏକ ସମୟରେ ଏହା ଭିତରେ ଯାତ୍ରା କରିପାରିବ । ତଥାପି, ଏହାର କେନ୍ଦ୍ର ମଲ୍ଟିମୋଡାଲ ଅପ୍ଟିକାଲ ଫାଇବରର କେନ୍ଦ୍ର ଅପେକ୍ଷା ବହୁତ ପତଳା । ଏହାର କାରଣ ହେଉଛି, ଏହାର ଭିତରେ କମ୍ ସ୍ଥାନ ଥିବାରୁ, ଆଲୋକ ଅଧିକ ବାଉନ୍ସ କରିବାକୁ ସକ୍ଷମ ନୁହେଁ ଯେଉଁଥିପାଇଁ ସଙ୍କେତର ଗୁଣ ବହୁତ ଭଲ ରହିଥାଏ । ଏଥିରେ ଆମେ ସହଜରେ ଡାଟା ଭ୍ରମଣକୁ ଦୂରତା ଦେଇପାରିବା । ତେଣୁ ବୋଧହୁଏ ଏହି କାରଣ ହେଉଛି ଏହି ଫାଇବର ଅପ୍ଟିକାଲ୍ ବହୁତ ବ୍ୟବହୃତ ହୁଏ । ଏହା ବ୍ୟତୀତ ଏହାର ବ୍ୟାଣ୍ଡୱିଡଥ୍ ମଧ୍ୟ ବହୁତ ଅଧିକ । ଅପ୍ଟିକାଲ୍ ଫାଇବରର ବିଭିନ୍ନ ପ୍ରକାରର ବ୍ୟାଣ୍ଡ ମଧ୍ୟ ଅଛି । କାରଣ ପ୍ରତ୍ୟେକ ବ୍ୟାଣ୍ଡର ଭିନ୍ନ କାର୍ଯ୍ୟ ଏବଂ ଗୁଣ ଅଛି । ଅପ୍ଟିକାଲ୍ ଫାଇବରର ବିଭିନ୍ନ ବ୍ୟାଣ୍ଡ! ବିଭିନ୍ନ ପ୍ରକାରର ଅପ୍ଟିକାଲ୍ ଫାଇବର ଏବଂ ବିଭିନ୍ନ ବ୍ୟାଣ୍ଡ ଅଛି । ମୂଳତଃ ଏହି ବ୍ୟାଣ୍ଡଗୁଡ଼ିକ ଦ୍ୱିତୀୟ ଏବଂ ତୃତୀୟ ଟେଲିକମ୍ ୱିଣ୍ଡୋ ମଧ୍ୟରେ ପଡ଼େ ।

ଏହି ଭିନ୍ନ ବ୍ୟାଣ୍ଡର ଭିନ୍ନ ୱେଭ ଲେଙ୍ଗଥ ଥାଏ, ଯାହା ବିଭିନ୍ନ ଉପାୟରେ ବ୍ୟବହୃତ ହୁଏ । ୧) ଓ ବ୍ୟାଣ୍ଡ ମୂଳ ବ୍ୟାଣ୍ଡ ୧୨୬୦-୧୩୬୦ nm ର ୱେଭ ଲେଙ୍ଗଥ ୨) ଇ ବ୍ୟାଣ୍ଡ ବିସ୍ତାରିତ ବ୍ୟାଣ୍ଡ ୧୩୬୦-୧୪୬୦ nm ର ୱେଭ ଲେଙ୍ଗଥ ଗ ବ୍ୟାଣ୍ଡ କ୍ଷୁଦ୍ର ୱେଭ ଲେଙ୍ଗଥ ୧୪୬୦-୧୫୩୦ nm.୪ ର ୱେଭ ଲେଙ୍ଗଥ ) ଇ ବ୍ୟାଣ୍ଡ ପାରମ୍ପାରିକ (ଏର୍ବିୟମ୍ ୱିଣ୍ଡୋ) ୧୫୩୦-୧୫୬୫ nm ର ୱେଭ ଲେଙ୍ଗଥ ) କ ବ୍ୟାଣ୍ଡ ଲମ୍ୱା ୱେଭ ଲେଙ୍ଗଥ ୧୫୬୫ -୧୬୨୫ nm ର ୱେଭ ଲେଙ୍ଗଥ) U ବ୍ୟାଣ୍ଡ ଅଲ୍ଟ୍ରାଲଙ୍ଗ ୱେଭ ଲେଙ୍ଗଥ ୧୬୨୫-୧୬୭୫ nm ର ୱେଭ ଲେଙ୍ଗଥ ।

ଇଣ୍ଟରନେଟ୍ ସ୍ପିଡ୍ ୩୦୧ gbps ହେବାକୁ ଯାଉଛି, ଆପଣଙ୍କ ଇଣ୍ଟରନେଟ୍ ସ୍ପିଡ୍ ଠାରୁ ୧୨ ଲକ୍ଷ ଗୁଣ ଅଧିକ ! :-ଆଜିର ସମୟରେ, ଇଣ୍ଟରନେଟ୍ ବହୁଳ ଭାବରେ ବ୍ୟବହୃତ ହେଉଛି । ତେଣୁ ସେମାନଙ୍କର ଗତି ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ ଆଜିର ଇଣ୍ଟରନେଟ୍ ସ୍ପିଡ୍ ଫାଇବର ଅପ୍ଟିକ୍ ମାଧ୍ୟମରେ ସର୍ବାଧିକ ୧ ଜିବିପିଏସରେ ସୀମିତ ଯାହା ସାଧାରଣ ଜନତା ସହଜରେ ପ୍ରବେଶ କରିପାରିବେ । ଏକ ଅନୁସନ୍ଧାନ ମାଧ୍ୟମରେ, ବୈଜ୍ଞାନିକମାନେ ଫାଇବର ଅପ୍ଟିକ୍ ମାଧ୍ୟମରେ ୩୦୧ Tbps ର ଡାଟା ସ୍ଥାନାନ୍ତର ହାର ପାଇଛନ୍ତି, ଯାହା ଆଜି ଆମେ ବ୍ୟବହାର କରୁଥିବା ଇଣ୍ଟରନେଟ୍ ଠାରୁ ପ୍ରାୟ ୧୨ ଲକ୍ଷ ଗୁଣ ଦ୍ରୁତ ଅଟେ ଏବଂ ଏହା ମାଧ୍ୟମରେ ୧୮୦୦ 4K ରୁ ଅଧିକ ଫିଲ୍ମସ କେବଳ ଗୋଟିଏ ସେକେଣ୍ଡରେ ସ୍ଥାନାନ୍ତର ହୋଇପାରିବ । ଠିକ୍, ଏହି ଟେକ୍ନୋଲୋଜି ଅନୁଯାୟୀ, ବୈଜ୍ଞାନିକମାନେ ଫାଇବର ଅପ୍ଟିକ୍ ଭିତରେ ଇନଫ୍ରାଡ୍ ଆଲୋକ ରଖିଛନ୍ତି ଏବଂ ଏହା ହେଉଛି ହାଇ ସ୍ପିଡ୍ ଇଣ୍ଟରନେଟର ଆରମ୍ଭ ହୁଏ ।

ବାସ୍ତବରେ, ଆମ ଘରେ ସ୍ଥାପିତ ଫାଇବର ଅପ୍ଟିକ୍ ଇ ଏବଂ କ ବ୍ୟାଣ୍ଡ ଅଧୀନରେ ଆସିଥାଏ, କାରଣ ଏହି ବ୍ୟାଣ୍ଡଗୁଡ଼ିକ ବହୁତ ସ୍ଥିର । ତଥାପି, ଇଣ୍ଟରନେଟରେ ଟ୍ରାଫିକ ଭବିଷ୍ୟତ ବୃଦ୍ଧିକୁ ବିଚାରକୁ ନେଇ ବୈଜ୍ଞାନିକମାନେ ଗ ଏବଂ ଉ ବ୍ୟାଣ୍ଡରେ ମଧ୍ୟ ଫାଇବର ଅପ୍ଟିକ୍ ବ୍ୟବହାର କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ବ୍ୟାଣ୍ଡଗୁଡ଼ିକରେ ଡାଟା ହ୍ରାସ ବହୁତ ଅଧିକ ଗୋଟିଏ ବିଶେଷ କଥା ହେଉଛି, ଇ ବ୍ୟାଣ୍ଡକୁ ୱାଟର ପିକ୍ ବ୍ୟାଣ୍ଡ ମଧ୍ୟ କୁହାଯାଏ ।

ସମ୍ପ୍ରତି, ବୈଜ୍ଞାନିକମାନେ ଏକ ସିଷ୍ଟମ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଯାହା ମାଧ୍ୟମରେ ଭବିଷ୍ୟତରେ ଆମେ ସହଜରେ ଉ ବ୍ୟାଣ୍ଡ ମାଧ୍ୟମରେ ତଥ୍ୟ ସ୍ଥାନାନ୍ତର କରିପାରିବା ଏବଂ କୌଣସି ପ୍ରକାରର ତଥ୍ୟ ନଷ୍ଟ ହେବ ନାହିଁ । ତଥାପି, ଏହି ସିଷ୍ଟମ ମାଧ୍ୟମରେ, ଡାଟା ମଧ୍ୟ ଗ ବ୍ୟାଣ୍ଡ ଉପରେ ସଫଳତାର ସହିତ ସ୍ଥାନାନ୍ତର ହୋଇପାରିବ । ଠିକ୍, ଏହି ବ୍ୟାଣ୍ଡଗୁଡ଼ିକ ଉପରେ ଏକ ସ୍ଥିର ବ୍ୟବସ୍ଥା ସୃଷ୍ଟି କରିବାକୁ ବୈଜ୍ଞାନିକମାନେ ଦୁଇଟି ଉପକରଣ ବ୍ୟବହାର କରିଛନ୍ତି, ପ୍ରଥମଟି ହେଉଛି ଅପ୍ଟିକାଲ୍ ଏମ୍ପ୍ଲିଫାୟାର୍ସ ଏବଂ ଦ୍ୱିତୀୟଟି ହେଉଛି ଅପ୍ଟିକାଲ୍ ଗେନ ଇକ୍ୱାଲାଇଜର । ଯେତେବେଳେ ଅପ୍ଟିକାଲ୍ ଆମ୍ପ୍ଲିଫାୟର୍ ସିଗ୍ନାଲ୍ ବଢାଇବା ପାଇଁ କାର୍ଯ୍ୟ କରେ, ଅପ୍ଟିକାଲ୍ ଲାଭ ଇକ୍ୱାଲାଇଜର୍ ଏହାର ୱେଭ ଲେଙ୍ଗଥ ଉପରେ ନଜର ରଖି ସିଗନାଲ୍ ସ୍ଥିର କରିବାରେ ସାହାଯ୍ୟ କରେ । ଠିକ୍, ଯଦି ଏହି ଦୁଇଟି ଉପକରଣ ଫାଇବର ଅପ୍ଟିକରେ ସଂସ୍ଥାପିତ ହୋଇଛି, ସେମାନେ ସହଜରେ ବ୍ୟାଣ୍ଡଗୁଡ଼ିକୁ ସ୍ଥିର କରିପାରିବେ ଏବଂ ତଥ୍ୟ ସ୍ଥାନାନ୍ତରଣକୁ ଅଧିକ ସୁଗମ କରିପାରିବେ । ଏହା ସହିତ ଆମେ ବହୁତ ତୀବ୍ର ଇଣ୍ଟରନେଟ୍ ବ୍ୟବହାର କରିପାରିବା ।

ସୁଜନପୁର , ଯାଜପୁର
ମୋ-୯୩୪୮୭୬୮୮୧୨

# ଖରା ପ୍ରକୋପ ଓ ରୋଗ

ଡାକ୍ତର କାନ୍ତୀ ନାୟକ

ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପ୍ରଚଣ୍ଡ ଖରା ଓ ତାତି ଯୋଗୁ ଏବେ ସୂର୍ଯ୍ୟ କିରଣରେ ଅତି ବାଇଗଣି ରଶ୍ମୀର ମାତ୍ରା ୧୨ ରହୁଛି। ୟୁଭି ସ୍ତର ୧୧ରୁ ଅଧିକ ଥିବା ଖରା ସଂସ୍ପର୍ଶରେ ଲଗାତର ଆସିଲେ ଚର୍ମ କର୍କଟ ରୋଗ ହୋଇଥାଏ । ସନବର୍ଣ୍ଣ ଏବଂ ଅଧିକ ଖରାପ ହେବାର ଆଶଙ୍କା ମଧ୍ୟ ଅଧିକ ଥାଏ । ଏଥିପାଇଁ ଜରୁରୀ ନଥିଲେ ଖରାକୁ ଯାଆନ୍ତୁ ନାହିଁ । ଶରୀର ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ଛତା ବ୍ୟବହାର କରିବା, ଦେହ ଓ ହାତକୁ ଗୋଡ଼ାଇବା ସହ ସନଗ୍ଲାସ ପିନ୍ଧନ୍ତୁ ।

ପ୍ରଥମତଃ ୟୁଭି ଏକ୍ସପୋଜର ଯେତେ ଅଧିକ ହେବ ଆମ ଶରୀରରେ ଥିବା ଉପର ଚମଡ଼ା ନଷ୍ଟ ହେବା ସହିତ ବିଭିନ୍ନ ପ୍ରକାର ରୋଗ ହୋଇଥାଏ । ବିଶେଷକରି ଚର୍ମ କର୍କଟ ହେବାର ଅଧିକ ସମ୍ଭାବନା ରହିଥାଏ । କଳା ଲୋକଙ୍କ ଅପେକ୍ଷା ସଫା ରଙ୍ଗର ଲୋକଙ୍କୁ ଚର୍ମ କର୍କଟ ହେବାର ଆଶଙ୍କା ଅଧିକ ଥାଏ । ସେହିଭଳି ଯେଉଁମାନେ ଶରୀରରେ କଳାଜାଇ ବଢୁଥିବ, ସେମାନ ଅଧିକ ଯତ୍ନ ନେବା ଦରକାର । କାରଣ ସେହି କଳାକାର ପାଇଁ କର୍କଟ ରୋଗ ହୋଇଥାଏ । ଏହି କର୍କଟ ରୋଗ ବହୁତ କମ ଦେଖାଯାଏ କିନ୍ତୁ ଏହାର ମୃତ୍ୟୁ ସମ୍ଭାବନା ମଧ୍ୟ ଅଧିକ ଥାଏ । ସାଧାରଣତଃ ତିନି ପ୍ରକାର ଚର୍ମ କର୍କଟ ରୋଗ ହୋଇଥାଏ । ସଫା ଲୋକ ଏବଂ ପରିବାରରେ କାହାର ଏହି ରୋଗ ଥିଲେ ସେମାନଙ୍କ ଚର୍ମ କର୍କଟ ରୋଗ ହେବାର ସମ୍ଭାବନା ବେଶି । ତେବେ ରୋଗ ଚିହ୍ନଟ କରି ଆଗୁଆ ଚିକିତ୍ସା କଲେ ତାହା ଭଲ ହୋଇପାରେ ।

ୟୁଭି ରଶ୍ମୀ ସଂସ୍ପର୍ଶରେ ଅଧିକ ଆସିଲେ ଶରୀରରେ ହୋଇଥିବା ଖଣ୍ଡିଆ ମଧ୍ୟ ଶୀଘ୍ର ଭଲ ହୁଏ ନାହିଁ । ସେହିଭଳି ସ୍କିନରେ ଏକ ଟ୍ୟାଗ ପରି ଆସେ, ଯାହାକୁ ଆକ୍ଟିନିକ କେରାଟୋସିସ ବୋଲି କୁହାଯାଏ । ଏହା କ୍ୟାନସରର ପୂର୍ବାବସ୍ଥା। ଚମଡା ଉପରେ ନାଲି ନାଲି ଉଠିକି ଥାଏ ଏବଂ ହାତକୁ ରଫ ଲାଗେ । ଖରା ସଂସ୍ପର୍ଶରେ ଆସୁଥିବା କପାଳ, ବେକ ଭଳି ଜାଗାରେ ଏହା ହୋଇଥାଏ । ଏହାକୁ ଧ୍ୟାନ ନ ଦେଲେ ତାହା କର୍କଟ ରୋଗରେ ପରିଣତ ହୋଇପାରେ । ସେହିଭଳି ଆଖି ମଧ୍ୟ ଖରାପ ହୋଇଥାଏ । ଆଖି ରୋଗ କାଟରାକ୍ଟର ୧୦ ପ୍ରତିଶତ କାରଣ ହେଉଛି ଖରା ।

ସକାଳ ୧୦ ଟାରୁ ଅପରାହ୍ନ ୪ଟା ଭିତରେ ୟୁଭି ରଶ୍ମୀର ପ୍ରଭାବ ପଡ଼ିଥାଏ । ଏଥିରୁ ସୁରକ୍ଷିତ ରହିବା ପାଇଁ ଖରାକୁ ବାହାରିବାବେଳେ ପ୍ରାକ୍ ସାବଧାନତା ନେବାର ଅଛି । ଧଳା ରଙ୍ଗର କପଡ଼ା ପିନ୍ଧିବା ସହିତ ସନଗ୍ଲାସ ପିନ୍ଧିବା ଏବଂ ସନ ସ୍କ୍ରିନ ଲଗାଇ ବାହାରିବା ଉଚିତ । ଅଧିକ ସମୟ ଖରାରେ ବୁଲିଲେ ପ୍ରତି ତିନିଘଣ୍ଟାରେ ସନସ୍କ୍ରିନ ଲଗାଇବା ଭଲ । ଅତ୍ୟଧିକ ତାପମାତ୍ର ବୃଦ୍ଧି କାରଣରୁ ଲୋକଙ୍କ ଉପରେ ଏହାର ଯଥେଷ୍ଟ କୁପ୍ରଭାବ ପଡ଼ିଥାଏ । ଏହି ସମୟରେ କିଛି ସାଧାରଣ ରୋଗର ପ୍ରାଦୁର୍ଭାବ ବଢ଼ିଯାଇଥାଏ । ଡିହାଇଡ୍ରେସନ, ଅଂଶୁଘାତ, ହାଡ଼ଫୁଟି, ମିଳିମିଳା, ଟାଇଫଏଡ଼ ଇତ୍ୟାଦି ରୋଗ ସହିତ ସନବର୍ଣ୍ଣ ଭଳି କିଛି ଚର୍ମରୋଗ ମଧ୍ୟ ଦେଖାଯାଏ । ଏହି ସମୟରେ ଫୁଡ଼ପଏଜନିଂ ଅନ୍ୟ ଏକ ସାଧାରଣ ସମସ୍ୟା ଦେଖାଯାଇଥାଏ । ତେଣୁ ଯେତେ ସମ୍ଭବ ଖରାଠୁ ଦୂରେଇ ରହିବାକୁ ଚେଷ୍ଟା କରିବା ସହିତ ଅଧିକ ପାଣି ପିଇବା ଏବଂ ବାହାର ଖାଦ୍ୟ ନଖାଇବା ଉଚିତ ।

ସାଧାରଣତଃ ଖରାଦିନେ ଶରୀରରେ ଶୁଷ୍କତା ବଢ଼ିବା ସହ ଜଳୀୟ ଅଂଶ କମି ଯାଉଥିବାରୁ ଏହା ଘାତକ ସାବ୍ୟସ୍ତ ହୋଇଥାଏ । ଯାହାଫଳରେ ଏହା ଡିହାଇଡ୍ରେସନର କାରଣ ହୋଇ ଏହାସହ ଅତ୍ୟଧିକ ଖରା ମିଶିଗଲେ ଅଂଶୁଘାତ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ । ଖରାଦିନେ ବିଶେଷକରି ବାହାର ଖାଦ୍ୟ ଓ ପାନୀୟ ଠାରୁ ଦୂରେଇ ରହିବା ଖୁବ ଭଲ । ଏହି ଦିନରେ ତୀବ୍ର ଖରା ହେତୁ ଲୋକମାନେ ଥଣ୍ଡା ପାଣି, ଥଣ୍ଡା ଖାଦ୍ୟ ଓ ବାହାର କୋଲଡ୍ରିଙ୍କସକୁ ଗୁରୁତ୍ୱ ଦେଇଥାନ୍ତି । ପ୍ରଚୁର ପରିମାଣରେ ବିଶୋଧିତ ପାଣି ପିଅନ୍ତୁ, ଆଖୁରସ, ପଇଡ଼ ପାଣି, ଶରୀର ପାଇଁ ଖୁବ ଭଲ । ଆପଣଙ୍କ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଓ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ ।

ଖରାଦିନେ ଖାଦ୍ୟ ହଜମର ସମସ୍ୟା ରହୁଥିବାରୁ ଫାଷ୍ଟଫୁଡ ଖାଦ୍ୟ ଓ ଆମିଷ ଖାଦ୍ୟ ନଖାଇବା ଭଲ । କୌଣସି ପରିସ୍ଥିତିରେ କୌଣସି ପ୍ରକାରର ବି ନିଶାଦ୍ରବ୍ୟ ଗ୍ରହଣ କରନ୍ତୁ ନାହିଁ । ଘରର ପରିବେଶକୁ ସ୍ୱାଭାବିକ ଥଣ୍ଡା ରଖିବା ପାଇଁ ପ୍ରାକୃତିକ ଶୀତଳ ପରିବେଶ ଖୁବ ଭଲ । ବେଣାଚେରର ବେଷ୍ଟନୀ ଭିତରେ ଘରର ଶୀତଳ ପରିବେଶ ସ୍ୱାସ୍ଥ୍ୟପଯୋଗୀ । ଖରାଦିନେ ଖୋଲା ପରିବେଶରେ ବିଶେଷକରି ନଦୀ ନାଳରେ ସ୍ନାନ କରିବା ପାଇଁ ଅନେକ ଆଗ୍ରହ ରଖିଥାନ୍ତି କିନ୍ତୁ ଏହି ସମୟରେ ଜଳସ୍ରୋତ ଓ ଆପଣଙ୍କ ସ୍ନାନ କରୁଥିବା ସ୍ଥାନର ଗଭୀରତାକୁ ଦେଖିବା କଥା କାରଣ ଅନେକ ସମୟରେ ପାଣିରେ ବୁଡ଼ି ଯିବାପରି ସମସ୍ୟା ଦେଖାଦେଇଥାଏ । ଏବେ ଖରାର ମାତ୍ରା ଯେଉଁପରି ଭାବେ ବଢୁଛି, ଟାଣ ଖରା ସମୟରେ ନିତ୍ୟାନ୍ତ କାମ ନଥିଲେ ବାହାରକୁ ବାହାରନ୍ତୁ ନାହିଁ । କୌଣସି ପରିସ୍ଥିତିରେ ଗୁଣିଗାରେଡ଼ି ବା ଟୁଟୁକା ଟୁଟୁକି ଚିକିତ୍ସା ଗ୍ରହଣ ନକରି ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅଧୀକ୍ଷକ,
ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହସ୍ପିଟାଲ,
ସିଡିଏ, କଟକ

# ରାମାୟଣର କେତୋଟି ଅଜଣା କଥା

ଅଧର୍ମର ମୂଳୋତ୍ପାଟନ, ରାବଣ ଆଦି ରାକ୍ଷସମାନଙ୍କୁ ସଂହାର କରିବାକୁ ଶ୍ରୀବିଷ୍ଣୁଙ୍କ ସପ୍ତମ ଅବତାର ପ୍ରଭୁ ରାମଚନ୍ଦ୍ର ଧରାବତରଣ କରିଥିଲେ। ପ୍ରାପ୍ତ ବୟସରେ ମିଥିଳା ନରେଶ ଜନକଙ୍କ ଦୁହିତା ଦେବୀ ସୀତାଙ୍କ ସହିତ ତାଙ୍କ ବିବାହ ବିଧି ସମ୍ପନ୍ନ ହୋଇଥିଲା। ପିତୃସତ୍ୟ ପାଳନ କରି ରାଜସୁଖ ପରିହାର ପୂର୍ବକ ଦେବୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହ ପ୍ରଭୁ ଚଉଦ ବର୍ଷ ବନବାସ ଯାଇଥିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ଦୁରାଚାରୀ ରାବଣ ମାତା ସୀତାଙ୍କୁ ଅପହରଣ କରିନେଲା ।

ରାବଣ ସମେତ ସମସ୍ତ ରାକ୍ଷସଙ୍କୁ ନିଧନ କରିଥିଲେ ପ୍ରଭୁ । ବନବାସ ପରେ ତାଙ୍କୁ ରାଜସିଂହାସନରେ ଅଭିସିକ୍ତ କରାଗଲା। ପ୍ରଜାକୁଳକୁ ସମ୍ମାନ ଦେବାକୁ ଦେବୀ ସୀତା ଅଗ୍ନିପରୀକ୍ଷା ଦେଇଥିଲେ ମଧ୍ୟ ପ୍ରଭୁ ତାଙ୍କୁ ନିର୍ବାସନ ଦଣ୍ଡ ଦେଇଥିଲେ। ପ୍ରଭୁ ତାଙ୍କ ଅବତାରରେ ସମ୍ପୂର୍ଣ୍ଣ ମାନବ ଜୀବନଯାପନ କରିଥିଲେ । ମର୍ଯ୍ୟାଦା ପାଇଁ ସେ ନିଜର ସମସ୍ତ ସୁଖ ବଳି ଦେଇଥିଲେ । ଏହା ହିଁ ମାନବ ସମାଜ ପାଇଁ ଏକ ବଡ଼ ଶିକ୍ଷା ।

ମହର୍ଷି ବାଲ୍ମିକୀ ରାମାୟଣ ମହାକାବ୍ୟର ରଚନା କରିଥିଲେ । ଏଥିରେ ୨୪ ହଜାର ଶ୍ଲୋକ, ୫ ଶହ ଉପଖଣ୍ଡ ଏବଂ ଉତ୍ତର ସହିତ ୭ଟି କାଣ୍ଡ ରହିଛି । ରାଜା ଦଶରଥ ପୁତ୍ରୋଷ୍ଟି ଯଜ୍ଞ କରାଇଥିଲେ ।

ରାମଙ୍କୁ ବନବାସ ପଠାଇବା ଖବର ଶୁଣି ଲକ୍ଷ୍ମଣ ପିତା ଦଶରଥଙ୍କ ସହ ଯୁଦ୍ଧ କରିବାକୁ ବାହାରିଥିଲେ । ରାମଙ୍କ ଅନୁରୋଧକ୍ରମେ ସେ ଶାନ୍ତ ହୋଇଥିଲେ ।

ବାଲ୍ମିକୀ ରାମାୟଣ ଅନୁଯାୟୀ ଭଗବାନ ରାମଙ୍କ ଜନ୍ମ ଚୈତ୍ର୍ୟ ଶୁକ୍ଳପକ୍ଷ ନବମୀ ତିଥି ପୁନର୍ବସୁ ନକ୍ଷତ୍ର କର୍କଟ ଲଗ୍ନରେ ହୋଇଥିଲା । ଏହି ସମୟରେ ସୂର୍ଯ୍ୟ, ମଙ୍ଗଳ, ଶନି, ଗୁରୁ, ଶୁକ୍ର ଆଦି ଗ୍ରହ ନିଜ ନିଜ ଉଚ୍ଚ ସ୍ଥାନରେ ରହିଥିଲେ ।

ତୁଳସୀ ଦାସଙ୍କ ରାମାୟଣରେ ସୀତାଙ୍କ ସ୍ୱୟମ୍ୱର ବିଷୟରେ ଉଲ୍ଲେଖ ରହିଛି, ମାତ୍ର ବାଲ୍ମିକୀ ରାମାୟଣରେ ଏହା ଦେଖିବାକୁ ମିଳେ ନାହିଁ ।

ବାଲ୍ମିକୀ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ଶ୍ରୀରାମ, ଲକ୍ଷ୍ମଣ ଓ ଋଷି ବିଶ୍ୱାମିତ୍ର ମିଥିଳା ଯାଇ ରାଜା ଜନକଙ୍କୁ ଶିବ ଧନୁ ଦେଖାଇବାକୁ କହିଥିଲେ । ରାମ ଶିବ ଧନୁ ଉଠାଇ ସେଥିରେ ପ୍ରତ୍ୟଞ୍ଚା ବାନ୍ଧିବାକୁ ଉଦ୍ୟମ କରିବା ସମୟରେ ତାହା ଭାଙ୍ଗିଯାଇଥିଲା । ପୂର୍ବରୁ ରାଜା ଜନକ ଶପଥ କରିଥିଲେ ଯିଏ ଶିବଧନୁ ଉଠାଇବେ, ତାଙ୍କ ସହ ମାତା ସୀତାଙ୍କୁ ବାହା କରାଇବେ । ସେହି ଅନୁଯାୟୀ ରାମ-ସୀତାଙ୍କ ବିବାହ ହୋଇଥିଲା ।

ବନବାସ ଯିବା ସମୟରେ ଭଗବାନ ରାମଚନ୍ଦ୍ରଙ୍କୁ ୨୭ ବର୍ଷ ହୋଇଥିଲା । ଭରତଙ୍କୁ ପିତା ଦଶରଥଙ୍କ ମୃତ୍ୟୁର ଆଭାସ ମିଳିସାରିଥିଲା ।

ଜଟାୟୁର ପିତା ଥିଲେ ଅରୁଣ । ଅରୁଣ ସୂର୍ଯ୍ୟଙ୍କ ରଥର ସାରଥୀ ଥିଲେ ।

ରାବଣ ମାତା ସୀତାଙ୍କୁ ଅପହରଣ କରିବା ଦିନ ବ୍ରହ୍ମଦେବଙ୍କ ଆଜ୍ଞାକ୍ରମେ ଇନ୍ଦ୍ର ଦେବ କ୍ଷୀରି ନେଇ ମାତା ସୀତାଙ୍କୁ ଖାଇବାକୁ ଦେଇଥିଲେ, ଯଦ୍ୱାରା ମାତାଙ୍କ କ୍ଷୁଧା ତୃପ୍ତ ହୋଇଥିଲା ।

ସେତୁବନ୍ଧନ ପାଇଁ ୫ଦିନ ଲାଗିଥିଲା । ସେତୁର ଦୂରତା ୧୦ ଯୋଜନ (୧୩ରୁ ୧୬ କି.ମି.) ଥିଲା ।

ଲକ୍ଷ୍ମଣ ରାବଣର ଭଉଣୀ ସୂପର୍ଣ୍ଣଖାର ନାମ କାଟି ଦେଇଥିବାରୁ ରାବଣ ସୀତାଙ୍କୁ ହରଣ କରିଥିଲା । ତେବେ ସୂପର୍ଣ୍ଣଖା ହିଁ ରାବଣକୁ ସର୍ବନାଶ ଅଭିଶାପ ଦେଇଥିଲା । ସୂପର୍ଣ୍ଣଖାର ପତି ଥିଲା ବିଦ୍ୟୁତ୍‌ଜିହ୍ୱା । ସେ କାଳକେୟ ରାକ୍ଷସର ସେନାପତି ଥିଲା । ବିଶ୍ୱ ବିଜୟ ପାଇଁ ବାହାରିଥିବା ରାବଣ ହାତରେ ବିଦ୍ୟୁତ୍‌ଜିହ୍ୱାର ପ୍ରାଣ ଯାଇଥିଲା । ଏଥିରେ କ୍ରୋଧିତ ହୋଇ ସୂପର୍ଣଖା ରାବଣକୁ ଅଭିଶାପ ଦେଇଥିଲା ।

ଥରେ ପୁଷ୍ପକ ବିମାନରେ ଯାଉଥିବା ସମୟରେ ରାବଣ ବେଦବତୀ ନାମ୍ନୀ ଜଣେ ନାରୀଙ୍କୁ ଭେଟିଲା । ସେ ଭଗବାନ ବିଷ୍ଣୁଙ୍କୁ ପତି ରୂପେ ପ୍ରାପ୍ତ କରିବା ନିମନ୍ତେ ତପସ୍ୟା କରୁଥିଲେ । ରାବଣ ତାଙ୍କୁ ଅପହରଣ କରି ନେବାକୁ ଉଦ୍ୟମ କରିବାରୁ ବେଦବତୀ ଦେହତ୍ୟାଗ କଲେ । ସେ ରାବଣକୁ ଅଭିଶାପ ଦେଲେ, ଜଣେ ନାରୀ ପାଇଁ ତୋର ପ୍ରାଣ ଯିବ । ପରେ ବେଦବତୀ ହିଁ ଜନକପୁତ୍ରୀ ସୀତା ହୋଇ ଜନ୍ମ ନେଲେ ।

ତପନ କୁମାର ପାଳ
ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ
କଲୋନୀ, ଦେଉଳ ସାହି, ତୁଳସୀପୁର,
କଟକ, ମୋ-୯୯୩୭୬୫୮୩୬୨

## ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ
# ୨୪ ବର୍ଷ ପରେ ଏଥର ଓଡ଼ିଶାରେ ହେବ ବିଜେପି ସରକାର : ଧର୍ମେନ୍ଦ୍ର



ଭୁବନେଶ୍ୱର,(ସବ୍ୟୁ): ବ୍ରହ୍ମପୁର ଓ ନବରଙ୍ଗପୁରର ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ବିଜେଡି ସରକାରକୁ ବଦଳାଇ ବିଜେପିକୁ ଥରେ ସୁଯୋଗ ଦେବାକୁ ନିବେଦନ କରିଛନ୍ତି । ଓଡ଼ିଶାରେ ମୋଦୀ ଲହର ବୃଦ୍ଧି ପାଇଛି । ନରେନ୍ଦ୍ର ମୋଦୀଙ୍କ ଉପରେ ଓଡ଼ିଶାବାସୀଙ୍କ ଭରସା ରହିଛି । ୨୪ ବର୍ଷ ପରେ ଏଥର ନିଶ୍ଚିତ ଭାବେ ଓଡ଼ିଶାରେ ବିଜେପି ସରକାର ହେବ ଏବଂ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସୋମବାର କାମାକ୍ଷାନଗର, ଆଠମଲ୍ଲିକ ଓ କୁଚିଣ୍ଡାରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ କହିଛନ୍ତି, ମୋଦୀ ଗ୍ୟାରେଣ୍ଟି ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିଛି । ମୋଦୀ ଗ୍ୟାରେଣ୍ଟି ପ୍ରତି ଲୋକଙ୍କ ଆସ୍ଥା ବଢିଛି । ମୋଦୀଙ୍କ ଗ୍ୟାରେଣ୍ଟିରେ ଦେଶ ଆଗକୁ ବଢୁଥିବା ବେଳେ ଗରିବ, ମହିଳା, ଚାଷୀ, ବଞ୍ଚିତ ଓ ଯୁବକମାନେ ସଶକ୍ତ ଓ ଆତ୍ମନିର୍ଭର ହେଉଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ବିକାଶମୁଖୀ ଯୋଜନାର ବଡ଼ ଲାଭାର୍ଥୀ ଓଡ଼ିଶା ହୋଇଛି । ରୋଡ ସୋ'ରେ ବିଜେପି ପ୍ରତି ଅଭୁତପୂର୍ବ ଜନସମର୍ଥନ ଓ ଉତ୍ସାହ ଦେଖାଯାଇଛି । ଏଥର ଓଡ଼ିଶାରେ ବିଜେପି ନେତୃତ୍ୱରେ ମଜବୁତ୍ ସରକାର ହେବା ନେଇ ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି । ଏଥର ନିର୍ବାଚନରେ ଲୋକମାନେ ବିଜେଡିକୁ ହଟାଇ ବିଜେପିର ସରକାର କରିବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ଉଲ୍ଲେଖନୀୟ ଯେ, ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ, କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନ ଓ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରବି ନାରାୟଣ ନାଏକଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେବା ସହ ପଦ୍ମଫୁଲରେ ଭୋଟ ଦେଇ ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରିବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ ।

## ମୁଖ୍ୟ ଶାସନ ସଚିବଙ୍କ ମାତୃ ବିୟୋଗ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ମାତା ଶ୍ରୀମତୀ ଶକୁନ୍ତଳା ଜେନାଙ୍କର ସୋମବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ପରିବାର ବର୍ଗ,ବନ୍ଧୁ ଓ ଆତ୍ମୀୟ ସ୍ୱଜନମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ଦେହାନ୍ତ ସଂବାଦ ପାଇ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀ, ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ, ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଓଏସପିସିବି ସଦସ୍ୟ ସଚିବ ଡଃ. କେ. ମୁରୁଗେସନ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଭୁପେନ୍ଦ୍ର ସିଂ ପୁନିଆ, କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ରାଜ୍ୟ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀବୃନ୍ଦ ମୁଖ୍ୟ ଶାସନ ସଚିବଙ୍କ ଭୁବନେଶ୍ୱର ୟୁନିଟ୍ -୬ ସ୍ଥିତ ସରକାରୀ ବାସ ଭବନକୁ ଯାଇ ସ୍ୱର୍ଗୀୟା ଜେନାଙ୍କର ପାର୍ଥିବ ଶରୀରର ଶେଷ ଦର୍ଶନ କରିବା ସହପୁଷ୍ପମାଲ୍ୟ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ପରେ ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

## ଚା'ଖଟିରେ ଲୋକଙ୍କ ଅଭିଯୋଗ ଶୁଣିଲେ ବିଜେପି ପ୍ରାର୍ଥୀ



କଟକ, (ସ୍ୱପ୍ର): ଆଗାମୀ ସାଧାରଣ ନିର୍ବାଚନ ଅବସରରେ ପ୍ରାର୍ଥୀମାନେ ଜନସାଧାରଣଙ୍କ ସମସ୍ୟା ଶୁଣିବା ନିମନ୍ତେ ବିଭିନ୍ନ ପ୍ରକାରର ପଦକ୍ଷେପ ଆପଣେଉଛନ୍ତି । ଏହି ଅବସରରେ ରବିବାର ସକାଳୁ ସକାଳୁ ଭାରତୀୟ ଜନତା ପାର୍ଟି ପକ୍ଷରୁ କଟକ ଲୋକସଭା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଚୌଦ୍ୱାର କଟକ ବିଧାନସଭା ପ୍ରାର୍ଥୀ ନୟନ କିଶୋର ମହାନ୍ତି କର୍ମକର୍ତ୍ତାଙ୍କ ଗହଣରେ ଓଏମପି ମାର୍କେଟ କମ୍ପେଲେକ୍ସ ନିକଟରେ ଏକତ୍ରିତ ହୋଇ ଚା ପିଇବା ସହ ନିର୍ବାଚନୀ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏଥି ସହିତ ଓଏମପି ମାର୍କେଟ କମ୍ପେଲେକ୍ସର ନବୀକରଣ କରାଇବା, ଶୌଚାଳୟ ସ୍ଥାପନ କରିବା ଏବଂ ଉଠା ଦୋକାନୀଙ୍କୁ ସ୍ଥାୟୀ ଭାବେ ଥଇଥାନ କରିବା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମସ୍ୟାର ସମାଧାନ ଏବଂ ରାଜ୍ୟ ତଥା ଦେଶର ବିକାଶ ନିମନ୍ତେ ଡବଲ ଇଞ୍ଜିନ ସରକାରର ଆବଶ୍ୟକତା ଜରୁରୀ ଅଟେ । ଏଥି ନିମନ୍ତେ ବିଧାନସଭା ଓ ଲୋକସଭା ନିମନ୍ତେ ପଦ୍ମ ଫୁଲରେ ଭୋଟ ଦେବା ପାଇଁ ଉଭୟେ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ନୟନ କିଶୋର ମହାନ୍ତି ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ପାତ୍ର, ଆଇନଜିବୀ ଶୁଭେନ୍ଦୁ ମହାନ୍ତି, ସମାଜସେବୀ ଜ୍ୟୋତିରଞ୍ଜନ ରାୟ, ନିରଞ୍ଜନ ସାହୁ (ଚଗଲା), ବିଭୁତି ଭୂଷଣ ବେହେରା, ଜୟଦେବ ପୃଷ୍ଟି, ଆଲୋକ ପଣ୍ଡା, ଚିରଞ୍ଜିବ ଖଣ୍ଡାୟତ ରାୟ, ବୈଦେଶ୍ୱର ପଣ୍ଡା, ଲକ୍ଷ୍ମୀଧର ସାହୁ, ମନୋରଞ୍ଜନ ନାୟକ, ରଞ୍ଜିତା ନାୟକ, ଜ୍ଞାନ ରଞ୍ଜନ ସାହୁ, ସୁକାନ୍ତ ସାହାଣୀଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ଥିଲେ।

# ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ ସାରଦା

କୁଆଁପାଳ,(ସବ୍ୟୁ): ମାହାଙ୍ଗା ବିଜେପିରେ କମ୍ପନ। ଏଥର ସାଧାରଣ ନିର୍ବାଚନରେ ସ୍ୱାଧିନ ବିଧାୟକ ପ୍ରାର୍ଥୀ ଭାବେ ଲଢିବେ ବିଜେପି ନେତା ସାରଦା ପ୍ରଧାନ। ମାହାଙ୍ଗାର ସ୍ୱାଭିମାନକୁ ବଜାୟ ରଖିବା ସହିତ ନିର୍ବାଚନ ମଣ୍ଡଳିର ଜନସାଧାରଣଙ୍କ ସମର୍ଥନକୁ ପାଥେୟ କରି ସାରଦା ୨୦୨୪ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ପୋଡାମରାଇ ଠାରେ ଆୟୋଜିତ ଏକ ଭରପୁର ସାମ୍ବାଦିକ ସମ୍ମିଳନୀ ଓ ସମର୍ଥନ ସଭାରେ ଘୋଷଣା କରିଛନ୍ତି। ହଜାର ହଜାର ସମର୍ଥକଙ୍କ ଗହଣରେ ବିଜେପି ନେତା ଶ୍ରୀ ପ୍ରଧାନ କହିଥିଲେ ଯେ,ସେ ହେଉଛନ୍ତି ବିଜେପିର ଜଣେ ଶୃଙ୍ଖଳିତ କର୍ମୀ,ଦୀର୍ଘ ଦଶନ୍ଧି ଧରି ମାହାଙ୍ଗା ବାସିଙ୍କ ସୁଖଦୁଃଖରେ ସମଭାଗୀ ହୋଇ ଆସିଥିଲା ବେଳେ ବହୁ ଘାତପ୍ରତିଘାତ ମଧ୍ୟରେ ଦଳିୟ ସଂଗଠନକୁ ଶୀର୍ଷ ସ୍ଥାନରେ ପହଁଚାଇ ପାରିଛନ୍ତି। ତେବେ ଦଳୀୟ ଟିକେଟ ଦିଆ ନଗଲେ ମଧ ମାହାଙ୍ଗା ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ଓ ନିଷ୍ପତି କ୍ରମେ ମାହାଙ୍ଗା ବାସୀଙ୍କ ସେବା କରିବା ପାଇଁ ବିଧାୟକ ପ୍ରାର୍ଥୀ ଭାବେ ସେ ନିର୍ବାଚନ ଲଢିବାକୁ ନିଷ୍ପତି ନେଇଥିବା ଘୋଷଣା କରିଥିଲେ । ଏକ ବିକଷିତ ମାହାଙ୍ଗା ଗଠନ ମୋର ଲକ୍ଷ ବୋଲି କହିବା ସହ ଏ ମାଟିର ସଂସ୍କୃତି, ଐତିହ୍ୟ ଏବଂ ମାହାଙ୍ଗାର ସ୍ୱାଭିମାନ ପାଇଁ ଜୀବନର ଶେଷ ପର୍ଯ୍ୟନ୍ତ ଲଢାଇ ଯାରି ରଖିବି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ।

ଉଲ୍ଲେଖ ଯୋଗ୍ୟ,ସାରଦା ୨୦୧୪ ନିର୍ବାଚନରେ ସ୍ୱାଧିନ ବିଧାୟକ ପ୍ରାର୍ଥୀ ଭାବେ ୬୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇ ଥିଲେ। ସେହିପରି ସାରଦାଙ୍କ ଦୃଢ ସାଙ୍ଗଠନିକ ନେତୃତ୍ୱ ଯୋଗୁ ଭାରତୀୟ ଜନତା ପାର୍ଟୀର ବିଧାୟକ ପ୍ରାର୍ଥୀ ବାବେ ଗତ ନିର୍ବାଚନରେ ଶାସକ ଦଳକୁ କଡା ଟକ୍କର ଦେଇ ୭୬ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ତେବେ ଦଳ ପକ୍ଷରୁ ସାରଦାଙ୍କୁ ଅଣଦେଖା କରାଯାଇ ନୂତନ ଭାବେ ଦିଆ ଯାଇଥିବା ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱକୁ ତୃଣମୂଳ ସ୍ଥରରେ କାର୍ଯ୍ୟ କରୁଥିବା ଅଧିକାଂଶ କର୍ମୀ, ସଂଗଠକ ଓ ସମର୍ଥକ ମାନଙ୍କ ପାଇଁ ଗ୍ରହଣୀୟ ହୋଇ ପାରିନଥିବାରୁ କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିବା ଚଳିତ ଥର ସମର୍ଥନ ସଭାରେ ଦେଖା ଯାଉଛି ।

## ଚୌଦ୍ୱାର-କଟକ ପାଇଁ ଆପ୍ ପ୍ରାର୍ଥୀ ବିଜୟଲକ୍ଷ୍ମୀଙ୍କ ନାମାଙ୍କନପତ୍ର ଦାଖଲ



କଟକ, (ସ୍ୱପ୍ର) : ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ସ୍ୱେଚ୍ଛାସେବୀ ତଥା ଆଶ୍ୱସ୍ତି ଫାଉଣ୍ଡେସନର ଚେୟାରମ୍ୟାନ୍ ବିଜୟଲକ୍ଷ୍ମୀ ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି । ବିଜୟଲକ୍ଷ୍ମୀ ତାଙ୍କର ଶତାଧିକ ସମର୍ଥକଙ୍କ ଗହଣରେ ଶିଖରପୁର କାଳିଆବୋଦା ସ୍ଥିତ କାଳିମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ଯାଇ ଉପ-ଜିଲ୍ଲାପାଳଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ଆପ୍‌ର ଚୌଦ୍ୱାର ସଭାପତି ଭୀମସେନ୍ ବିଶ୍ୱାଳ ରହିଥିଲେ । ଏହି ନାମାଙ୍କନ ପତ୍ର ପ୍ରଦାନ ବେଳେ ନଗର ସଭାପତି ସଞ୍ଜୀବ ପରିଡା, ଜିଲ୍ଲା ସମ୍ପାଦକ ଅମିତ ମହାପାତ୍ର, ଉପସଭାପତି ସନ୍ତୋଷ ବେହେରା, ନଗର ମହିଳା ସଭାନେତ୍ରୀ ଡଲି ଜେନା, ଚୁନା ମାଝି, ଦେବସ୍ମିତା ସେଠୀଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ ।

# ନାମାଙ୍କନ ଦାଖଲ କଲେ —
## ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାଳୁ ଚରଣ ଖଣ୍ଡେଇତରାୟ



### ୧୫ ହଜାର ରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହିତ କଲେ ଶୋଭାଯାତ୍ରା

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସ୍ୱାଧିନ ବିଧାୟକ ପାର୍ଥି ରୂପେ କାଳୁଚରଣ ଖଣ୍ଡେଇତରାୟ ପାର୍ଥିପତ୍ର ରିଟର୍ଣ୍ଣିଂ ଅଫିସର ତଥା ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠିଙ୍କ ପାଖରେ ଦାଖଲ କରିଛନ୍ତି।ପୂର୍ବାହ୍ନ ରେ ୧୫ହଜାର ରୁ ଉର୍ଦ୍ଧ୍ୱ ସମର୍ଥକଙ୍କୁ ଧରି ଖୋର୍ଦ୍ଧା ଟିଏଲସି ରୋଡ଼ ରୁ ଏକ ବିରାଟ ଶୋଭାଯାତ୍ରାରେ ଖୋର୍ଦ୍ଧା ସହର ପରିକ୍ରମା କରିବା ସହିତ ନୂଆବସ ଷ୍ଟାଣ୍ଡ, ବ୍ୟାଙ୍କ ଛକ ଦେଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଯାଇଥିଲେ । ପରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

ଏହି ଅବସରେ ସାମ୍ବାଦିକଙ୍କ ପ୍ରଶ୍ନରେ ଶ୍ରୀ ଖଣ୍ଡେଇତରାୟ କହିଥିଲେ ଭାଜପାରେ ୨୦୧୯ମସିହାରେ ୭୪ହଜାର ରୁ ଅଧିକ ଭୋଟ ପାଇ ଥିଲେ ଏବଂ ସାଂସଦ ଅପରାଜିତାଙ୍କ ପାଇଁ ୯୦ହଜାର ଭୋଟ କରାଇ ତାଙ୍କର ବିଜୟ ରେ ଏକ ମୁଖ୍ୟ ଭୂମିକା ନିଭାଇ ଥିଲେ ସେ । କିଛଇଦିନ ତଳେ ଶ୍ରୀ ଖଣ୍ଡେଇତରାୟ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବାବେଳେ ତାଙ୍କ ସମର୍ଥକମାନେ ମଧ ଇସ୍ତଫା ଦେଇଥିଲେ ।

## ଅକ୍ଷୟପାତ୍ର ଫାଉଣ୍ଡେସନକୁ ବଦନାମ କରିବାକୁ ଚକ୍ରାନ୍ତ

ଭୁବନେଶ୍ୱର,(ସବ୍ୟୁ): କିଛି ଅସାଧୁ ବ୍ୟକ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ଓ ଅକ୍ଷୟପାତ୍ର ଫାଉଣ୍ଡେସନକୁ ବଦନାମ କରିବା ଉଦେଶ୍ୟରେ ମହାପ୍ରସାଦକୁ ଅପମାନ କରିଛନ୍ତି । ସେମାନେ ୧୮ ବର୍ଷ ପୂର୍ବେ ଅକ୍ଷୟପାତ୍ର ଆରମ୍ଭ ସମୟ ରେ ମଧ ଏହିଭଳିଆ ହୀନ ଚକ୍ରାନ୍ତ କରିଥିଲେ । ମାଟି କୁଡୁଆ ସହିତ ଅନ୍ୟ ପାତ୍ର ରେ ପରସା ଯାଉଥିବା ଗୋଟିଏ ଫୋଟୋ କୁ ସୋସିଆଲ ମିଡିଆ ରେ ଭାଇରାଲ କରି ମହାପ୍ରସାଦ ସହିତ ଯୋଡ଼ା ଯାଉଛି । ଅକ୍ଷୟପାତ୍ର ସମୟ ସମୟରେ ଆସୁଥିବା ଅତିଥି ମାନଙ୍କ ପାଇଁ ମାଟି କୁଡୁଆ ରେ କାଠ ଚୁଲି ବ୍ୟବହାର କରି ବ୍ୟଞ୍ଜନ ପ୍ରସ୍ତୁତ କରି ପରିସି ଥାଏ । ପୁରୀର ସ୍ଥାନୀୟ ଲୋକ ପରମ୍ପରା ଅନୁସାରେ ମାଟି କୁଡୁଆରେ ରୋଷେଇ କରିବା ଓ ପରିସିବାର ପରମ୍ପରା ରହିଛି । ଏହାକୁ ମହାପ୍ରସାଦ ସହିତ ଯୋଡିବା ଏକ ନିନ୍ଦନୀୟ ଅପରାଧ । ଅକ୍ଷୟପାତ୍ର ଦୀର୍ଘ ୧୮ ବର୍ଷ ଧରି ପୁରୀ ତଥା ଓଡିଶାର ଅନେକ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦେଇଆସୁଛି ଓ ପୁରୀବାସୀଙ୍କ ପାଇଁ ଅନେକ ଜନସେବା କାର୍ଯ୍ୟ କରି ଆସୁଛି । ଆଗକୁ ମଧ ଏହା ଜାରି ରହିବ । ମହାପ୍ରସାଦ ପ୍ରତି ଅକ୍ଷୟପାତ୍ରର ଅଗାଧ ସମ୍ମାନ ରହିଛି । ମହାପ୍ରସାଦକୁ ଅପମାନ କରିବା ଏହି ଅନୁଷ୍ଠାନର ଉଦେଶ୍ୟ ନୁହେଁ । ଅକ୍ଷୟପାତ୍ର କୁ ବଦନାମ କରିବା ପାଇଁ ମିଥ୍ୟା ସୋସିଆଲ ମିଡିଆ ପ୍ରସାରକୁ ଓ ଏଭଳି ବିଭ୍ରାନ୍ତ ମୂଳକ କଥାକୁ ବିଶ୍ୱାସ ନ କରିବାକୁ, ସମସ୍ତ ଜଗନ୍ନାଥ ପ୍ରେମୀ ଓ ଅଗଣିତ ଭକ୍ତ ମାନଙ୍କୁ ଅକ୍ଷୟପାତ୍ର ଫାଉଣ୍ଡେସନ ପକ୍ଷରୁ ବିନମ୍ର ନିବେଦନ କରାଯାଇଛି ।

**ଆମେ ଦୁଃଖିତ**

**ଅକ୍ଷୟପାତ୍ର ଫାଉଣ୍ଡେସନ୍‌କୁ ବଦନାମ କରିବାକୁ ଚକ୍ରାନ୍ତ ଶୀର୍ଷକ ଖବରରେ ଭୁଲକ୍ରମେ ଜଣେ ପରଲୋକଗତ ବ୍ୟକ୍ତିଙ୍କର ଫଟୋ ପ୍ରକାଶ ପାଇଥିବାରୁ ଆମେ ଦୁଃଖିତ ।**

**ସମ୍ପାଦକ**

## ୱଣ୍ଡେର୍ଲା ଭୁବନେଶ୍ୱର ସ୍ୱତନ୍ତ୍ର ସଫ୍ଟ ଲଞ୍ଚ ଅଫର
# ଟିକେଟ ମାତ୍ର ୬୪୯ ଟଙ୍କାରୁ ଆରମ୍ଭ



ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ମନୋରଞ୍ଜନକାରୀ ପାର୍କ ଚେନ ୱଣ୍ଡେର୍ଲା ହଲିଡେଜ କୁମ୍ଭାରବସ୍ତ, ଭୁବନେଶ୍ୱରଠାରେ ତାହାର ମନୋରଂଜନକାରୀ ପାର୍କର ମେ ୨୪ ତାରିଖରେ ସଫ୍ଟ ଲଞ୍ଚ ପୂର୍ବରୁ ସ୍ୱତନ୍ତ୍ର ପୂର୍ବ ଶୁଭାରମ୍ଭ ଅଫର ସମ୍ପର୍କରେ ଘୋଷଣା କରିଛି । ସମ୍ପ୍ରତି ଏହା ଭୁବନେଶ୍ୱର ଆସୁଛି ।

ଶୁଭାରମ୍ଭ ଉତ୍ସବର ଅଂଶଭାବରେ ପ୍ରଥମ ୧୦୦୦ ଟିକେଟ ଅନଲାଇନ ପ୍ରାକ ବୁକିଂ ନିମନ୍ତେ ଉପଲବ୍ଧ ହେବ ଯାହା ଫାଷ୍ଟ ଡେ ଫାଷ୍ଟ ସୋ ଅଫରର ଅଂଶ ଭାବରେ ମେ ୬ ତାରିଖରୁ ବୁକିଂ ଆରମ୍ଭ ହେବ ଏବଂ ପ୍ରତି ବୟସ୍କ ବକ୍ତିଙ୍କ ପିଛା ୬୪୯ ଟଙ୍କାରେ ଆରମ୍ଭ ହେଉଥିବା ଟିକେଟ ସ୍ୱତନ୍ତ୍ର ଭାବରେ ସଫ୍ଟ ଲଞ୍ଚ ଦିବସ, ମେ ୨୪ ଦିନ ପ୍ରବେଶ ନିମନ୍ତେ ବୈଧ ରହିବ ।

ତାହା ପରେ ଏକ ଯର୍ଲି ବାର୍ଡ ଅଫର ୨୫% ରିହାତି ସହିତ ପରବର୍ତ୍ତୀ ସମୟରେ ପାର୍କରେ ପ୍ରବେଶ ଟିକେଟ ଉପରେ ସୀମିତ ସମୟ ନିମନ୍ତେ ଅନଲାଇନ ପ୍ରାକ-ବୁକିଂରେ କେବଳ ଉପଲବ୍ଧ ହେବ।

ହୃଦୟର ସ୍ପନ୍ଦନ ବଢାଇଦେବା ଭଳି ରୋଲର କୋଷ୍ଟରଠାରୁ ଆନ୍ତର୍ଜାତିୟ ୱାଟର ରାଇଡ ଏବଂ ପରିବାର ଉପଯୋଗୀ ଆକର୍ଷଣଗୁଡିକ ସହିତ ୱଣ୍ଡେର୍ଲା, ଓଡ଼ିଶା ପ୍ରତେକ ଉପଭୋଗ କରିବା ଭଳି କିଛି ନା କିଛି ଯୋଗାଇଦେବ । ଦର୍ଶକମାନେ ଏହି ସୀମିତ ସମୟର ଅଫର ଉପଭୋଗ କରିପାରିବେ ।

# ତନିସ୍କ ଦ୍ୱାରା ରିଭା ସହିତ ବିବାହ ସ୍ୱପ୍ନକୁ କରନ୍ତୁ ସ୍ମରଣୀୟ




ଭୁବନେଶ୍ୱର, (ସବ୍ୟୁ) : ଟାଟା ପକ୍ଷରୁ ଭାରତର ସର୍ବବୃହତ ଅଳଙ୍କାର ବ୍ରାଣ୍ଡ ତନିସ୍କ 'ରିଭା'କୁ ଏକ ଉତ୍ସର୍ଗୀକୃତ ବିବାହ ଅଳଙ୍କାର ଉପ-ବ୍ରାଣ୍ଡ ଭାବେ ଗ୍ରାହକ ନିକଟରେ ଉପସ୍ଥାପନ କରିଛି । ରିଭା ନିଜର ବିବିଧ ବିବାହ ସମ୍ଭାର ସହିତ ଆଧୁନିକ ଓଡ଼ିଶାର କନ୍ୟାମାନଙ୍କ ବିଭିନ୍ନ ଆବଶ୍ୟକତା ଅନୁଯାୟୀ ଉତ୍କୃଷ୍ଟ ଡିଜାଇନ୍ ସହିତ ଉନ୍ନତ କାରିଗରୀ ପ୍ରତିପାଦନ କରୁଛି । ତନିସ୍କର ରିଭା ସମ୍ଭାର ସୁନ୍ଦରତା ଏବଂ ପରମ୍ପରାର ଏକ ଉଦାହରଣ ଭାବରେ ଠିଆ ହୋଇଛି, ଏହାର ସୂକ୍ଷ୍ମ କାରିଗରୀ ଯାହା ଗୁଣବତ୍ତା, ନୈତିକତା ଏବଂ ଭବ୍ୟତାର କାହାଣୀ ବର୍ଣ୍ଣନା କରିଥାଏ ।

ରିଭା କେବଳ ଅଳଙ୍କାର ଯୋଗାଇବାରେ ସୀମିତ ନରହି ଏହା ପ୍ରତ୍ୟେକ କନ୍ୟାର ଅନନ୍ୟ ଯାତ୍ରା ସହିତ ଜଡ଼ିତ ରହି ନିଜର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି ଯାହାଦ୍ୱାରା କନ୍ୟା (ବ୍ରାଇଡ୍) ନିଜର ବିଶେଷ ଦିନର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରିପାରିବ । ଆଞ୍ଚଳିକ ଡିଜାଇନ୍, ଆଞ୍ଚଳିକ ଛାପ ସହିତ ସୁନା, ହୀରା, ଗ୍ଲାସ୍ କୁନ୍ଦନ ଏବଂ ପୋଲ୍କିକୁ ନେଇ ରିଭା ଏକ ବ୍ୟାପକ ଗହଣା ସମ୍ଭାର ଗ୍ରାହକଙ୍କ ନିକଟରେ ପରସିଥାଏ, ଯାହା ସୁନିଶ୍ଚିତ କରେ ଯେ ପ୍ରତ୍ୟେକ କନ୍ୟା ତାଙ୍କ ବାହାଘର ଭଳି ବିଶେଷ ଦିନରେ ନିଜର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଯଥେଷ୍ଟ ହୋଇପାରିବ । ମୁଖ୍ୟ ବିବାହ ସମାରୋହରେ ବ୍ୟତିରକେ ରିଭା ବିବାହ ସହିତ ସଂଶ୍ଲିଷ୍ଟ ବିଭିନ୍ନ ଉତ୍ସବ ପାଇଁ ସୁସଜ୍ଜିତ ଅଳଙ୍କାର ସମ୍ଭାର ଉପସ୍ଥାପନ କରିଥାଏ, ଯାହାକି ହଳଦୀ ଠାରୁ ଆରମ୍ଭ କରି ରିସେପ୍‌ସନ୍ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ପ୍ରତ୍ୟେକ ଦିଗ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରଯୁଜ୍ୟ ହୋଇଥାଏ । ଏକ ଓଡ଼ିଆ କନ୍ୟାର ଅନ୍ୟୁନ ଅଳଙ୍କାର ସିଙ୍ଗାର ପାଇଁ ଏକ ସୁନା ହାର, ଲମ୍ବା ହାରାମ, ନଥ ଏବଂ ମଥା ମଣି ସମ୍ପୃକ୍ତ ହୋଇଥାଏ । ଏଥିସହିତ ସେଥିରେ ଆହୁରି ଆକର୍ଷଣୀୟ କରିବା ପାଇଁ ସୁନା ଚାନ୍ଦ ଏବଂ କପାଳରେ ରେଗାଲ୍ ମୁକୁଟ ଯୋଡ଼ା ଯାଇଥାଏ ।

ଚାଲିଥିବା ବିବାହ ଋତୁ ଏବଂ ଅସ୍ଥିର ସୁନା ମୂଲ୍ୟ ସହିତ ତନିସ୍କ 'ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ' ଗ୍ରାହକମାନଙ୍କୁ ସେମାନଙ୍କର ସୁନା ସମ୍ପତ୍ତି ପାଇଁ ସର୍ବୋତ୍ତମ ମୂଲ୍ୟ ପ୍ରଦାନକୁ ସୁନିଶ୍ଚିତ କରିଥାଏ । ଏହା ପୁରୁଣା ସୁନାକୁ ତନିସ୍କ ଦ୍ୱାରା ସୂକ୍ଷ୍ମ ନୂତନ ଡିଜାଇନ୍‌ରେ ପରିଣତ କରିବା ପାଇଁ ଏକ ମାର୍ଗ ପ୍ରଦାନ କରିଥାଏ । ଗ୍ରାହକମାନେ ୨୨ କ୍ୟାରେଟ୍ ଏବଂ ତଦୁର୍ଦ୍ଧ୍ୱ ଭାରତର ଯେକୌଣସି ଠାରୁ କିଣାଯାଇଥିବା ଅଳଙ୍କାରର ପୁରୁଣା ସୁନା ଉପରେ ୧୦୦% ମୂଲ୍ୟ ପାଇପାରିବେ । ଅତିରିକ୍ତ ଭାବରେ, ସାଧାରଣ ନିର୍ବାଚନ ମଧ୍ୟରେ ଗ୍ରାହକଙ୍କୁ ସୁବିଧା ପ୍ରଦାନ କରି, ତନିସ୍କ ଏହାର ଗ୍ରାହକଙ୍କ ପାଇଁ ଅସୁବିଧାମୁକ୍ତ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ । ଅତ୍ୟାବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବାକୁ ତନିସ୍କ ଗ୍ରାହକଙ୍କୁ ଏକ ସୁବିଧାଜନକ ସପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ 'ଘରୁ ଦେଖେ' ଏବଂ ଅଳଙ୍କାରର ଡୋର୍ ଷ୍ଟେପ୍ ଡେଲିଭରି ପ୍ରଦାନ କରୁଛି ।

# ସୋଆରେ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ୧୦ ଦିନିଆ ଗ୍ରୀଷ୍ମକାଳୀନ କ୍ୟାମ୍ପ ଆରମ୍ଭ



ଭୁବନେଶ୍ୱର,(ସବ୍ୟୁ): ଗ୍ରୀଷ୍ମକାଳୀନ ଛୁଟି ସମୟରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅଧିକ ପ୍ରୋତ୍ସାହିତ କରିବା ସହ ମାନସିକ ବିକାଶରେ ସହାୟତା କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସୋମବାର ୧୦ ଦିନିଆ ଗ୍ରୀଷ୍ମକାଳୀନ ଶିବିର ଅର୍ଥାତ୍ ସମର କ୍ୟାମ୍ପ ଆରମ୍ଭ ହୋଇଛି ।

ସୋଆ କ୍ୟାମ୍ପସ ୨ ସ୍ପୋର୍ଟ୍ସ କମ୍ପଲେକ୍ସରେ ଚାଲିବାକୁ ଥିବା 'ସମର କ୍ୟାମ୍ପ'ର ଶୁଭାରମ୍ଭ କରିବା ଅବସରରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଛାତ୍ରଛାତ୍ରୀମାନଙ୍କର ଶାରୀରିକ ସୁସ୍ଥତା ଓ ମାନସିକ ସ୍ତରରେ ବିକାଶ ନେଇ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି । ଭୁବନେଶ୍ୱରର ବିଭିନ୍ନ ସ୍କୁଲ୍‌ର ୫ମ ରୁ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଶିବିରରେ ଯୋଗ ଦେଇଛନ୍ତି ।

ଶିବିରରେ ଭଲିବଲ୍, ବାସ୍କେଟବଲ୍, ଟେବୁଲ୍ ଟେନିସ୍, ଲନ୍ ଟେନିସ, କ୍ରିକେଟ, ଖୋ ଖୋ, କବାଡି ଓ ଚେସ୍ ଭଳି କ୍ରୀଡ଼ାରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ଦିନ ଅପରାହ୍ଣ ୪ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟଂ ଏହି କ୍ୟାମ୍ପ ଚାଲିବ ।

## ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ହେମନ୍ତ ସୋରେନ୍



ନୂଆଦିଲ୍ଲୀ : ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେଲେ ମନିଲଣ୍ଡ୍ରିଂ ମାମଲାରେ ଗିରଫ ହୋଇଥିବା ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ । ଝାଡଖଣ୍ଡ ହାଇକୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ହାଇକୋର୍ଟଙ୍କ ରାୟକୁ ସେ ଚ୍ୟାଲେଞ୍ଜ କରିଛନ୍ତି । ଇଡିର ଗିରଫଦାରୀକୁ ଚ୍ୟାଲେଞ୍ଜ କରି ହେମନ୍ତ ସୋରେନ୍ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ । ହେଲେ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ଏହାପରେ ଏବେ ସେ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି । ଗିରଫଦାରୀ ଅଯୌକ୍ତିକ ଏବଂ ଏହି ମାମଲାରେ ତାଙ୍କୁ ରିମାଣ୍ଡରେ ନେବା ବେଆଇନ ଏବଂ ଅନୁଚିତ ବୋଲି ତାଙ୍କ ପିଟିସନରେ ସୋରେନ ଦାବି କରିଛନ୍ତି ।

ନିର୍ବାଚନକୁ ଦୃଷ୍ଟିରେ ରଖି ବରିଷ୍ଠ ଓକିଲ କପିଲ ସିବଲ ସୋରେନଙ୍କ ଏହି ଆବେଦନ ଉପରେ ଶୀଘ୍ର ଶୁଣାଣି କରିବାକୁ ଅନୁରୋଧ କରିଛନ୍ତି । କପିଲ ସିବଲ ସିଜେଆଇଙ୍କୁ କହିଛନ୍ତି, ମେ' ୧୩ ତାରିଖରେ ନିର୍ବାଚନ ହେବଛ ଏଭଳି ସ୍ଥିତିରେ ହେମନ୍ତ ସୋରେନ୍‌ଙ୍କ ଅଧିକାର ପ୍ରଭାବିତ ହେଉଛି । ନିର୍ବାଚନ ପାଇଁ ତାଙ୍କୁ ଜାମିନ ମିଳିବା ଉଚିତ । ତେଣୁ ଏହି ମାମଲରେ ଶୀଘ୍ର ଶୁଣାଣି କରାଯାଉ ବୋଲି ସେ ଦାବି କରିଛନ୍ତି ।

ମେ ୩ରେ, ଝାଡଖଣ୍ଡ ହାଇକୋର୍ଟ ହେମନ୍ତ ସୋରେନଙ୍କ ଲିଖିତ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେଉଁଥିରେ ସେ ଇଡି ଗିରଫକୁ ଚ୍ୟାଲେଞ୍ଜ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଜାମିନ ଦେବାକୁ କୋର୍ଟ ମନା ମଧ୍ୟ କରିଦେଇଥିଲେ । ତେବେ ମେ' ୬ ତାରିଖରେ ଦାଦାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବାକୁ ହେମନ୍ତଙ୍କୁ କୋର୍ଟ ଅନୁମତି ଦେଇଥିଲେ । ଜାନୁଆରୀ ମାସରେ ଜମି ସ୍କାମ ମାମଲାରେ ହେମନ୍ତ ସୋରେନଙ୍କୁ ଇଡି ଗିରଫ କରିଥିଲା । ବର୍ତ୍ତମାନ ନ୍ୟାୟିକ ହେପାଜତରେ ଥିବା ସୋରେନଙ୍କୁ ରାଞ୍ଚିର ବିର୍ସା ମୁଣ୍ଡା ସେଣ୍ଟ୍ରାଲ ଜେଲରେ ରଖାଯାଇଛି ।

# ଅସ୍ତ୍ରବିରତି ଚୁକ୍ତିକୁ ପ୍ରତ୍ୟାଖ୍ୟାନ

## ଇସ୍ରାଏଲର ପ୍ରତିଆକ୍ରମଣରେ ୧୯ ମୃତ

ନୂଆଦିଲ୍ଲୀ : ଥମିବାର ନାଁ ନେଉନି ଇସ୍ରାଏଲ-ହମାସ ଯୁଦ୍ଧ । କେରିମ ଶାଲୋନ ସୀମାରେ ମାରାତ୍ମକ ରକେଟ ଆକ୍ରମଣ ପାଇଁ ହମାସ ନିଜକୁ ଦାୟୀ କରିବା ପରେ ପ୍ରତିଆକ୍ରମଣ କରିଛି ଇସ୍ରାଏଲ । ଏହି ଆକ୍ରମଣ ସହ ପୁଣି ଥରେ ଯୁଦ୍ଧ ପରିସ୍ଥିତି ଘନେଇଛି ।

ଗାଜାରେ ଅସ୍ତ୍ରବିରତି ଉଲ୍ଲଂଘନ ପାଇଁ ଶେଷ ପର୍ଯ୍ୟାୟ ଆଲୋଚନା ସରିବା ପରେ ଏହି ଆକ୍ରମଣ ହୋଇଛି । କେରିମ ଶାଲୋନ ସୀମାରେ ହୋଇଥିବା ରକେଟ ମାଡ଼ରେ ଇସ୍ରାଏଲର ତିନି ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା । ଏହି ଆକ୍ରମଣ ପାଇଁ ହମାସ ନିଜକୁ ଦାୟୀ କରିବା ପରେ ରାଫା ସହର ଉପରେ




ଆକ୍ରମଣ କରିଛି ଇସ୍ରାଏଲ । ମିଡିଆ ରିପୋର୍ଟ ଅନୁସାରେ, ହମାସ ଆକ୍ରମଣରେ ପ୍ରାୟ ୧୯ ଜଣଙ୍କ ମୃତ୍ୟୁ ଘଟିଛି ।

ଏହି ପ୍ରତିଆକ୍ରମଣ ସହ ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି ଇସ୍ରାଏଲ । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି, ଗାଜାରୁ ସୈନ୍ୟ ପ୍ରତ୍ୟାହାର ଓ ଯୁଦ୍ଧ ସମାପ୍ତି ପାଇଁ ହମାସ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରୁନାହୁଁ ।

ହମାସ କହିଛନ୍ତି ଯେ, ଯୁଦ୍ଧ ବିରତି ସହ କେତେକ ପ୍ରମୁଖ ଦାବି ରଖିଥିଲେ ପାଲେଷ୍ଟାଇନ ସୈନ୍ୟବାହିନୀ । କିନ୍ତୁ ଇସ୍ରାଏଲ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି । ସେପଟେ ଅସ୍ତ୍ରବିରତି ଚୁକ୍ତିରେ ରାଜି ହେବା ପାଇଁ ଇହୁଦୀ ରାଷ୍ଟ୍ର ହମାସକୁ ଗୋଟିଏ ସପ୍ତାହ ସମୟ ଦେଇଛନ୍ତି । କିନ୍ତୁ ରାଫା ଆକ୍ରମଣ ସହ ବିବାଦ ପୁଣି ଥରେ ଘନେଇଛି । ଆଗକୁ ବିବାଦ କେଉଁ ମୋଡ଼ ନେବ ତା' ଉପରେ ସମସ୍ତଙ୍କ ନଜର ।

## ସୁନୀତା ୱିଲିୟମ୍ସ ପୁଣି ଯିବେ ମହାକାଶ
## ଆସନ୍ତାକାଲି ଭରିବେ ଉଡ଼ାଣ

ନୂଆଦିଲ୍ଲୀ : ଆସନ୍ତାକାଲି କେନେଡ଼ି ସ୍ପେସ୍ ସେଣ୍ଟରରୁ ମହାକାଶକୁ ତୃତୀୟ ଥର ପାଇଁ ଉଡାଣ ଭରିବେ ନାସା ମହାକାଶଚାରୀ କ୍ୟାପ୍ଟେନ ସୁନୀତା ୱିଲିୟମ୍ସ । ପୁଣି ଥରେ ମହାକାଶ ଯାତ୍ରା ପାଇଁ ପ୍ରସ୍ତୁତ ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ କ୍ୟାପଟେନ ସୁନୀତା ୱିଲିୟମ୍ସ । ଆସନ୍ତାକାଲି ମହାକାଶକୁ ତୃତୀୟ ଥର ପାଇଁ ଉଡ଼ାଣ ଭରିବେ ସୁନୀତା ୱିଲିୟମ୍ସ । ଏଥର ତାଙ୍କ ସହ ବଚ ୱିଲମୋର ମଧ୍ୟ ମହାକାଶ ଯାତ୍ରା କରିବେ । ଏହି ଦୁଇ ଅଭିଜ୍ଞ ନାସା ମହାକାଶଚାରୀ ଆସନ୍ତାକାଲି କେନେଡ଼ି ସ୍ପେଶ୍ ସେଣ୍ଟରରୁ ମହାକାଶକୁ ଉଡାଣ ଭରିବେ । ୟୁନାଇଟେଡ୍ ଲଞ୍ଚ ଆଲାଏନ୍ସ ଆଟଲାସ୍ ଭି ରକେଟ୍ ଏବଂ ବୋଇଙ୍ଗ ଷ୍ଟାରଲିନର୍ ମହାକାଶଯାନରେ ମହାକାଶକୁ ଯାତ୍ରା କରିବେ ୱିଲିୟମ୍ସ ଓ ୱିଲମୋର ।

ଆସନ୍ତାକାଲି ସକାଳ ୮ଟା ୪ ମିନିଟରେ ମହାକାଶଯାନ ଉତକ୍ଷେପଣ ହେବଛ ଏଥିପାଇଁ ଲଞ୍ଚ ପ୍ୟାଡରେ ଟ୍ରେନିଂ ସମୟରେ ୱିଲିୟମ୍ସ କହିଛନ୍ତି, ମୁଁ ଯେତେବେଳେ ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନରେ ପହଞ୍ଚିବି, ସେତେବେଳେ ମୋତେ ଘରକୁ ଫେରିବା ପରି ଅନୁଭବ ହେବ । ଡ. ଦୀପକ ପାଣ୍ଡ୍ୟା ଏବଂ ବୋନି ପାଣ୍ଡ୍ୟାଙ୍କ ଝିଅ ହେଉଛନ୍ତି ସୁନୀତା ୱିଲିମ୍ସ । ବର୍ତ୍ତମାନ ତାଙ୍କୁ ୫୯ ବର୍ଷ । ସେ ୨୦୦୬ ଏବଂ ୨୦୧୨ରେ ଦୁଇଥର ମହାକାଶକୁ ଯାତ୍ରା କରି ସାରିଛନ୍ତି । ନାସା ରିପୋର୍ଟ ଅନୁସାରେ, ସେ ଏଥର ମହାକାଶରେ ମୋଟ ୩୨୨ ଦିନ ରହିବେ ।

## ପୁଞ୍ଚ ଆତଙ୍କୀ ହମଲା : କୁଖ୍ୟାତ ଆତଙ୍କୀ ଅବୁ ହମଜା ଦାୟୀ

ନୂଆଦିଲ୍ଲୀ : ଆତଙ୍କୀ ହମଲା ପରେ ରବିବାର ଠାରୁ ସେନା, ଅର୍ଦ୍ଧ ସାମରିକ ବାହିନୀ ଓ ଜମ୍ମୁ-କଶ୍ମୀର ପୁଲିସ୍ ମିଳିତ ଭାବେ ପୁଞ୍ଚର ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି ।

ଠିକ ନିର୍ବାଚନ ପୂର୍ବରୁ ଜମ୍ମୁ-କଶ୍ମୀରର ପୁଞ୍ଚରେ ଶନିବାର ଆତଙ୍କବାଦୀମାନେ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲେ । ବାୟୁସେନାର କନଭୟକୁ ଟାର୍ଗେଟ କରି ହୋଇଥିବା ଗୁଳିମାଡ଼ରେ ୫ ଜଣ ଆହତ ହୋଇଥିଲେ ।

ଆତଙ୍କୀ ହମଲା ପରେ ରବିବାର ଠାରୁ ସେନା, ଅର୍ଦ୍ଧ ସାମରିକ ବାହିନୀ ଓ ଜମ୍ମୁ-କଶ୍ମୀର ପୁଲିସ୍ ମିଳିତ ଭାବେ ପୁଞ୍ଚର ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି । ସେମାନେ ଶନିବାର ହମଲା ପଛରେ ଥିବା ଆତଙ୍କବାଦୀଙ୍କୁ ଧରିବାକୁ ଉଦ୍ୟମ କରୁଛନ୍ତି । ଏସବୁ ଭିତରେ ବଡ଼ ଖବର ସାମ୍ନାକୁ ଆସିଛି । ଲସ୍କର ସହିତ ମିଶି ଭାରତରେ କାମ କରୁଥିବା ଅବୁ ହମଜା ହେଉଛି ଆକ୍ରମଣର ମୁଖ୍ୟ କାର୍ପଟଦାର । ତା'ରି ନେତୃତ୍ୱରେ ଆତଙ୍କବାଦୀମାନେ ଶନିବାର ସୁରକ୍ଷାକର୍ମୀଙ୍କୁ



ଟାର୍ଗେଟ କରି ଆକ୍ରମଣ କରିଥିଲେ । ଏପ୍ରିଲ ୨୨ରେ ରଜୌରୀ ଠାରେ ସରକାରୀ କର୍ମଚାରୀ ମହମ୍ମଦ ରଜାକଙ୍କୁ ହତ୍ୟା କରାଯାଇଥିଲା । ଏହା ପଛରେ ମଧ୍ୟ ହମଜାର ହାତ ରହିଥିଲା । ସୁରକ୍ଷାକର୍ମୀମାନେ ହମଜାକୁ ଖୋଜୁଇଥିବା ବେଳେ ପୁଲିସ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି । ଯଦି କେହି ହମଜାକୁ ଧରାଇବାରେ ସହାୟକ ହୁଅନ୍ତି, ତା'ହେଲେ ତାଙ୍କୁ ପୁଲିସ୍ ପକ୍ଷରୁ ୧୦ ଲକ୍ଷ ଟଙ୍କା ଦିଆଯିବ । କୁହାଯାଉଛି ଯେ ପୁଞ୍ଚ ଓ ରଜୌରୀରେ ଥିବା ଜଙ୍ଗଲ ମଧ୍ୟରେ ଲୁଚି ରହି ସେ ତା'ର ନେଟୱର୍କ ଚଳାଇଛି । ତେଣୁ ତାକୁ ଧରିବା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

ତଥାପି ପୁଲିସ୍ ଓ ସେନା ପକ୍ଷରୁ ହମଜାକୁ ଧରିବା ପାଇଁ ଉଦ୍ୟମ ଜାରିଛି । ବରିଷ୍ଠ ସେନା ଓ ପୁଲିସ୍ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନର ଅନୁଧ୍ୟାନ କରିଛନ୍ତି । ଜାରା ୱାଲି ଗଲି ଅଞ୍ଚଳକୁ ଅଧିକ ସଂଖ୍ୟକ ଯବାନଙ୍କୁ ପଠାଯାଇଛି । ଅପରେସନରେ ପାରା କମାଣ୍ଡୋ ନିୟୋଜିତ ହୋଇଛନ୍ତି ।

ସୁରକ୍ଷାକର୍ମୀଙ୍କ ପକ୍ଷରୁ ବ୍ୟାରିକେଡ୍ ଲଗା ଯିବା ସହ ପୂରା ଅଞ୍ଚଳରେ ଆକାଶ ମାର୍ଗରୁ ନଜର ରଖାଯାଇଛି । ଆତଙ୍କବାଦୀମାନେ ଏବେ ବି ଜଙ୍ଗଲ ଭିତରେ ରହିଥିବା ଆଶଙ୍କା କରାଯାଉଛି । କାଳେ ସେମାନେ ଖସି ଯିବେ, ସେଥିପାଇଁ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

## ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଙ୍କୁ ଛୁରୀ ଭୁଷି ହତ୍ୟା

ନୂଆଦିଲ୍ଲୀ : ବିଦେଶରେ ଦିନକୁ ଦିନ ଗଡୁଛି ଭାରତୀୟ ଛାତ୍ରଙ୍କ ମୁଣ୍ଡ । ଏଠାରେରେ ଭାରତୀୟ ଛାତ୍ରଙ୍କ ହତ୍ୟା ମାମଲା ଥମିବାର ନାଁ ନେଉ ନାହିଁ । ଏବେ ପୁଣି ଥରେ ଆଉ ଏକ ନୂଆ ମାମଲା ସାମ୍ନାକୁ ଆସିଛି ଅଷ୍ଟ୍ରେଲିଆରୁ । ଏଠାରେ ଜଣେ ଭାରତୀୟ ଛାତ୍ରଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ, ମୃତ ଛାତ୍ର ଜଣକ ହେଲେ କର୍ନାଲ୍ର ୨୨ ବର୍ଷୀୟ ନବଜିତ ସାନ୍ଧୁଛ ସେ ଏମ୍ଟେକ୍ ଛାତ୍ର ଥିଲେ । ରବିବାର ମେଲବର୍ଣ୍ଣ ଠାରେ ଅନ୍ୟ କିଛି ଛାତ୍ରଙ୍କ ସହ ତାଙ୍କର ଝଗଡା ହୋଇଥିଲା । ଏହାପରେ ତାଙ୍କ ଉପରକୁ ଅନ୍ୟ ଛାତ୍ରମାନେ ଛୁରୀରେ ଆକ୍ରମଣ କରିଥିଲେ । ଛୁରୀ ଭୁଷି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ସେପଟେ ଏହି ଆକ୍ରମଣରେ ଅନ୍ୟ ଜଣେ ଛାତ୍ର ଗୁରୁତର ମଧ୍ୟ ହୋଇଛନ୍ତି । ନବଜିତଙ୍କ ପରିବାର ଲୋକଙ୍କ କହିବା ମୁତାବକ, ସେ ଅଷ୍ଟ୍ରେଲିଆରେ ବସତାଡା ଗାଁର ୪ ଅନ୍ୟ ଛାତ୍ରଙ୍କ ସହ ରହୁଥିଲେ । ତେବେ ରବିବାର ଭଡା ଟଙ୍କାକୁ ନେଇ ତାଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏତିକି ବେଳେ ନବଜିତଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିବା ନେଇ ତାଙ୍କ ସାଙ୍ଗମାନେ ଫୋନ୍ କରି ଜଣାଇଥିଲେ । ହରିଆଣାର ଦୁଇ ଭାଇ ନବଜିତଙ୍କୁ ହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି । ସେପଟେ ପୁଅର ମୃତ୍ୟୁ ଖବର ପାଇ ପରିବାରରେ ଶୋକର ଛାୟା ଖେଳିଯାଇଛି । ପରିବାର ଲୋକେ ସରକାରଙ୍କୁ ପୁଅର ମୃତଦେହକୁ ଭାରତ ଫେରାଇ ଆଣିବାକୁ ଗୁହାରି କରିଛନ୍ତି । ନବଜିତଙ୍କ ବାପା ଜୀତେନ୍ଦ୍ର ସାନ୍ଧୁଙ୍କ କହିବା ମୁତାବକ, ୨୦୨୨ରେ ଷ୍ଟଡି ଭିସାରେ ନବଜିତ ଅଷ୍ଟ୍ରେଲିଆ ଆସିଥିଲେ । ଏଠାରେ ରହି ସେ ଏମ୍ ଟେକ୍ କରୁଥିଲେ । ସେ ଜଣେ ଭଲ ଛାତ୍ର ଥିଲେ । ସେ ପାଠ ପିବା ସହ ସେଠାରେ କାମ ମଧ୍ୟ କରୁଥିଲେ ।

## ନିର୍ବାଚନ ଜିତିଲେ ଛାଡ଼ିଦେବି ବଲିଉଡ : କଙ୍ଗନା



ନୂଆଦିଲ୍ଲୀ : ବଲିଉଡକୁ ବାଏ ବାଏ କହିବେ କୁଇନ୍ କଙ୍ଗନା ରଣାୱତ । ଯଦି ସେ ନିର୍ବାଚନ ଜିତନ୍ତି ତେବେ ବଲିଉଡ ଛାଡି ଦେବେ । ପୂରାପୁରି ରାଜନୀତିରେ ସକ୍ରିୟ ରହି ଲୋକଙ୍କ ପାଇଁ କାମ କରିବେ । ଏକଥା ଆମେ କହୁନୁ । ନିକଟରେ ଏକ ସାକ୍ଷାତକାରେ ଏଭଳି କିଛି ଘୋଷଣା କରିଛନ୍ତି ଖୋଦ୍ ଅଭିନେତ୍ରୀ କଙ୍ଗନା ରଣାୱତ ।

କଙ୍ଗନା ନିକଟରେ ଏକ ସାକ୍ଷାତକାରେ ଇସାରା କରି କହିଛନ୍ତି ଯେ, ଯଦି ସେ ନିର୍ବାଚନ ଜିତନ୍ତି ତେବେ ଧୀରେ ଧୀରେ ବଲିଉଡକୁ ବାଏ ବାଏ କହିବେ । କାରଣ ସେ କେବଳ ଗୋଟିଏ କାମ ଉପରେ ଧ୍ୟାନ ଦେବାକୁ ଚାହାଁନ୍ତି । ଲୋକେ ଯଦି ମୋ ସହ ଯୋଡି ହେବାକୁ ଚାହାନ୍ତି ତେବେ ମୁଁ କେବଳ ରାଜନୀତି ହିଁ କରିବି । କହିବାକୁ ଗଲେ ଗୋଟେ ସମୟରେ ମୁଁ କେବଳ ଗୋଟିଏ ହିଁ କାମ କରିବାକୁ ଚାହେଁ ବୋଲି କଙ୍ଗନା କହିଛନ୍ତି ।

ସେ ଆହୁରି କହିଛନ୍ତି, 'ଯଦି ଲୋକଙ୍କୁ ମୋର ଆବଶ୍ୟକତା ଦରକାର ପଡେ ତେବେ ମୁଁ ସେହି ଦିଗକୁ ହିଁ ଯିବି । ଯଦି ମୁଁ ମଣ୍ଡିରୁ ଜିତେ, ତେବେ ମୁଁ କେବଳ ରାଜନୀତି କରିବି । ଅନେକ ଚଳଚ୍ଚିତ୍ର ନିର୍ମାତା ମୋତେ ରାଜନୀତି କରିବାକୁ ମନା କରୁଛନ୍ତି । କିନ୍ତୁ ମୁଁ ଲକୋଙ୍କ ଆଶା ପୂରଣ କରିବି । ମୁଁ ଏକ ସୁବିଧାଜନକ ଜୀବନ ଅତିବାହିତ କରିଛି, ଯଦି ବର୍ତ୍ତମାନ ମୁଁ ଲୋକଙ୍କ ସହ ଯୋଡିବାର ସୁଯୋଗ ପାଇଛି, ତେବେ ଏହାକୁ ମଧ୍ୟ ମୁଁ ଗ୍ରହଣ କରିବି ।' ବଲିଉଡରେ ଧମାଲ କରିବା ପରେ ରାଜନୀତିରେ ଏଣ୍ଟ୍ରି କରିଛନ୍ତି କୁଇନ୍ କଙ୍ଗନା ରଣାୱତ । ଏଥର ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ପ୍ରାର୍ଥୀ କରିଛି । ହିମାଚଳ ପ୍ରଦେଶର ମଣ୍ଡି ଆସନରୁ ଦଳ ତାଙ୍କୁ ଟିକେଟ୍ ଦେଇଛି । ଏଥିପାଇଁ ସେ ଜୋରସୋରରେ ପ୍ରଚାରରେ ମଧ୍ୟ ଲାଗି ପଡିଛନ୍ତି ।

## ନଡ୍ଡା ଓ ଅମିତ ମାଲବ୍ୟଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ : ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଦଳର ଆଇଟି ମୁଖ୍ୟ ଅମିତ ମାଲବ୍ୟ ଓ କର୍ଣ୍ଣାଟକା ବିଜପି ମୁଖ୍ୟ ବିଓାଇ ବିଜୟେନ୍ଦ୍ରଙ୍କ ବିରୋଧରେ ଏଫଆଇଆର ଦେଇଛି କଂଗ୍ରେସ । ଏସସି ଓ ଏସଟି ସଂପ୍ରଦାୟର ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ନଦେବାକୁ ଏମାନେ ଡରାଉଥିବାରୁ କଂଗ୍ରେସ ଏପରି ପଦକ୍ଷେପ ନେଇଛି । କଂଗ୍ରେସର ଏଫଆଇଆର ପରେ ପୁଲିସ୍ ମାମଲା ରୁଜୁ କରିଛି ।

ପୁଲିସ୍ କହିଛି ଯେ ଜନପ୍ରତିନିଧି ଆଇନ ଓ ଆଇପିସିର ଧାରା ୫୦୫(୨)



ଅନୁଯାୟୀ ଗୋଟିଏ ମାମଲା ରୁଜୁ ହୋଇଛି । ନିଜର ଅଭିଯୋଗରେ କର୍ଣ୍ଣାଟକ କଂଗ୍ରେସ ପକ୍ଷରୁ ଗୋଟିଏ ଭିଡିଓର ଉଦାହରଣ ଦିଆଯାଇଛି । ଉକ୍ତ ଭିଡିଓକୁ କର୍ଣ୍ଣାଟକା ବିଜେପି ପକ୍ଷରୁ ତା'ର ଅଫିସିଆଲ ଏକ୍ସ ଆକାଉଣ୍ଟରେ ଅପଲୋଡ କରାଯାଇଥିଲା ।

ନଡ୍ଡା, ବିଜୟେନ୍ଦ୍ର ଓ କର୍ଣ୍ଣାଟକା ବିଜେପିର ସୋଶାଲ ମିଡିଆ ଇନ ଚାର୍ଜଙ୍କ ନିର୍ଦ୍ଦେଶରେ ଏହି ଆକାଉଣ୍ଟକୁ ଅମିତ ମାଲବ୍ୟ ପରିଚାଳନା କରନ୍ତି । ମେ' ୪ ତାରିଖରେ ଏହାକୁ ଅପଲୋଡ କରାଯାଇଥିଲା । ଉକ୍ତ ଭିଡିଓରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଓ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଆନିମେଟେଡ୍ ଭିଡିଓ ରହିଛି । ଏଥିରେ ଏସ୍‌ସି, ଏସ୍‌ସି ଓ ଓବିସି ସଂପ୍ରଦାୟର ଲୋକଙ୍କୁ ଗୋଟିଏ ବସାର ଅଣ୍ଡା ଭାବେ ଚିତ୍ରିତ କରାଯାଇଛି ।

ଉକ୍ତ ବସାରେ ରାହୁଲ ଗାନ୍ଧି ମୁସଲିମ ଲେଖାଯାଇଥିବା ଗୋଟିଏ ବଡ଼ ଅଣ୍ଡାକୁ ରଖୁଛନ୍ତି । ରାହୁଲ ଗାନ୍ଧି ମୁସଲିମ ଲେଖାଥିବା ଅଣ୍ଡାରୁ ବାହାରିଥିବା ପକ୍ଷୀକୁ ଫଣ୍ଡ ଖୁଆଉଥିବା ବେଳେ ଅନ୍ୟ ସଂପ୍ରଦାୟର ଲୋକ କେବଳ ଭକୁଆ ଭଳି ଚାହିଁ ରହିଛନ୍ତି ।

ଶେଷରେ ମୁସିଲମ ଅଣ୍ଡାରୁ ଫୁଟିଥିବା ଛୁଆ ପରେ ଅନ୍ୟ ଏସ୍ସି, ଏସଟି ଓ ଓବିସି ସଂପ୍ରଦାୟର ଲୋକଙ୍କୁ ଗୋଇଠା ମାରି ବସାରୁ ବିଦା କରି ଦେଉଥିବା ଭିଡିଓରେ ଦୃଶ୍ୟ ରହିଛି । ଏପରି ଭିଡିଓ ପୋଷ୍ଟ କରି ଅଭିଯୁକ୍ତମାନେ ସମାନଜରେ ବିଦ୍ୱେଷ ଓ ହିଂସା ସୃଷ୍ଟି କରିବାକୁ ଚେଷ୍ଟା କରିଥିବା କଂଗ୍ରେସ ଅଭିଯୋଗ କରିଛି । ଏଥିସହ କର୍ଣ୍ଣାଟକ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଏସମ୍ପର୍କରେ ଅବଗତ କରାଇଛି ।

# କ୍ଷମତାକୁ ଆସିଲେ ସଂରକ୍ଷଣ ସୀମା ହଟିବ : ରାହୁଲ

ନୂଆଦିଲ୍ଲୀ : ଜାତି ଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଦେଶରେ ୫୦%ରୁ ଅଧିକ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଦେଇଥିବା ରାୟକୁ କଂଗ୍ରେସ କ୍ଷମତାକୁ ଆସିଲେ ଉଚ୍ଛେଦ କରିବ । ଯେତେ ପ୍ରତିଶତ ସଂରକ୍ଷଣ ଦରକାର, ସେସବୁ ଲାଗୁ ହେବ ।

ସଂରକ୍ଷଣର କୌଣସି ସୀମା ରହିବ ନାହିଁ ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଘୋଷଣା କରିଛନ୍ତି । ତାଙ୍କ କହିବା କଥା କଂଗ୍ରେସ କ୍ଷମତାକୁ ଆସିଲେ ଦଳିତ, ପଛୁଆ ବର୍ଗ ଓ ଆଦିବାସୀ ସଂପ୍ରଦାୟର ଲୋକଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥାର ଫାଇଦାକୁ ବୃଦ୍ଧି କରିବ । ମଧ୍ୟପ୍ରଦେଶର ରତଲାମରେ ଆୟୋଜିତ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧି କହିଛନ୍ତି ଯେ ଏହି ନିର୍ବାଚନ ଦେଶ ସମ୍ବିଧାନକୁ ସୁରକ୍ଷିତ ରଖିବା ପାଇଁ ଲା ଯାଉଛି । ବିଜେପି ଓ ଆରଏସଏସ୍ ଏହାକୁ ଶେଷ କରି ଦେବାକୁ ଓ ବଦଳାଇ ଦେବାକୁ ଚାହୁଁଛନ୍ତି । କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ ଏହାକୁ ରକ୍ଷା କରିବାକୁ ଚେଷ୍ଟା କରୁଛନ୍ତି । ଏହି ସମ୍ବିଧାନ ଆପଣମାନଙ୍କୁ ଜଳ, ଜଙ୍ଗଲ ଓ ଜମିର ଅଧିକାର ଦେଇଛି । ନରେନ୍ଦ୍ର ମୋଦି ଏହାକୁ ହଟାଇ ଦେବାକୁ ଚାହୁଁଛନ୍ତି । ସେ ପୂରା କ୍ଷମତା ଚାହାନ୍ତି ।

ସେ ଆହୁରି କହିଛନ୍ତି, ବିଜେପି ନେତାମାନେ ଘୋଷଣା କରିସାରିଛନ୍ତି ଯେ ସେମାନେ ସମ୍ବିଧାନକୁ ବଦଳାଇବେ । ଏଥିପାଇଁ ସେମାନ ୪୦୦ ସିଟର ନାରା ଦେଉଛନ୍ତି । କିନ୍ତୁ ୪୦୦ କଥା ଛାଡ଼ନ୍ତୁ, ସେମାନେ ୧୫୦ ସିଟ୍ ମଧ୍ୟ ପାଇବେ ନାହିଁ ।

ସେମାନେ କହୁଛନ୍ତି ଦେଶରୁ ସଂରକ୍ଷଣ ବ୍ୟବସ୍ଥାକୁ ଉଚ୍ଛେଦ କରିଦେବେ । ମୁଁ ଆପମାନଙ୍କୁ ଏହି ଷ୍ଟେଜରୁ ପ୍ରତିଶ୍ରୁତି ଦେବାକୁ ଚାହୁଁଛି ଯେ ଆମେ ସଂରକ୍ଷଣ ବ୍ୟବସ୍ଥା ୫୦% ବାହାରେ ମଧ୍ୟ କରିବୁଛ ଗରିବ, ପଛୁଆ ବର୍ଗ, ଦଳିତ ଓ ଆଦିବାସୀମାନେ ଯେତେ ସଂରକ୍ଷଣ ଆବଶ୍ୟକ କରିବେ, ସେସବୁ ଆମେ କ୍ଷମତାକୁ ଆସିଲେ ଯୋଗା ଦେବୁ । ୫୦%



ସଂରକ୍ଷଣ ନିୟମ ରହିବ ନାହିଁ । ୫୦% ବାହାରେ ମଧ୍ୟ ସଂରକ୍ଷଣ ଦିଆଯିବ । ରତଲାମ ରାଲିରେ ଦେଶର ମିଡିଆ ଉପରେ ମଧ୍ୟ ରାହୁଲ ଗାନ୍ଧି ବର୍ଷିଛନ୍ତି । ସେ କହିଛନ୍ତି, ଦେଶର ମିଡିଆ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କିତ ଖବରକୁ ଦେଖାଉ ନାହିଁ । ଆପଣଙ୍କ ପିଲାମାନେ ଦୁଷ୍କର୍ମର ଶିକାର ହେଉଛି, ଆପଣମାନଙ୍କ ଜମି ହଡ଼ପ କରାଯାଉଛି । କିନ୍ତୁ ମିଡିଆ ଏହାକୁ ରିପୋର୍ଟ କରୁ ନାହିଁ । ଏହା ପଛରେ ମଧ୍ୟରେ କାରଣ ରହିଛି । ମିଡିଆ କମ୍ପାନୀଗୁଡ଼ିକରେ କୌଣସି ଆଦିବାସୀ ନାହାନ୍ତି ବୋଲି ସେ କହିଛନ୍ତି ।

ଦେଶର ସରକାରକୁ ୯୦ ଜଣ ପ୍ରଶାସନିକ ଅଧିକାରୀ ଚଳାଉଥିବା ମଧ୍ୟ ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ସେମାନେ ଦେଶର ବଜେଟକୁ ବାଣ୍ଟୁଛନ୍ତି । ୯୦ ଜଣଙ୍କ ମଧ୍ୟରୁ କେବଳ ଜଣେ ଆଦିବାସୀ, ୩ ଜଣ ପଛୁଆ ବର୍ଗ ଓ ୩ ଜଣ ଦଳିତ ସଂପ୍ରଦାୟର । ଆପଣମାନଙ୍କ ସଂପ୍ରଦାୟର ଲୋକ ମିଡିଆ କିମ୍ବା କର୍ପୋରେଟ ୱାର୍ଲ୍ଡରେ ନାହାନ୍ତି । ଆମେ ଏହାକୁ ବଦଳାଇବାକୁ ଚାହୁଁଛୁ । ଏହି କାରଣ ପାଇଁ ଆମେ ଜାତିଭିତ୍ତିକ ଓ ଅର୍ଥନୀତିକ ସର୍ଭେ କରିବାକୁ ନିଷ୍ପତ୍ତି ନେଇଛୁ । ଚାଷୀମାନଙ୍କୁ ଏମଏସପି ଗ୍ୟାରେଣ୍ଟୀ ଦିଆଯିବ ଓ ସେମାନଙ୍କୁ ଋଣ ଭାରକୁ ମୁକ୍ତି ମିଳିବ । ଏହା ଆମର ଗ୍ୟାରେଣ୍ଟି । ରତଲାମରେ ଆସନ୍ତ ୧୩ ତାରିଖ ଅର୍ଥାତ ଲୋକସଭା ନିର୍ବାଚନର ୪ ପର୍ଯ୍ୟାୟରେ ଭୋଟିଂ ହେବ । ଏଠାରେ କଂଗ୍ରେସ ପୂର୍ବତନ ସାଂସଦ କାନ୍ତିଲାଲ ଭୂରିଆଙ୍କୁ ପ୍ରାର୍ଥୀ କରିଛି । ବିଜେପିର ପ୍ରାର୍ଥୀ ହୋଇଛନ୍ତି ଅନୀତା ନାଗର । ୨୦୧୯ରେ ମଧ୍ୟ ଅନୀତା ଏଠାରୁ ଜିତିଥିଲେ ।

## ଟିକେଟ ପାଇ ବି ଦଳରୁ ଇସ୍ତଫା ଦେଲେ ହରଦୀପ

ନୂଆଦିଲ୍ଲୀ : ଇସ୍ତଫା ସମ୍ପର୍କରେ ସୂଚନା ଦେଇ ହରଦୀପ କହିଛନ୍ତି ଯେ ଦଳ ପକ୍ଷରୁ ତାଙ୍କୁ ନିର୍ବାଚନ ଲିବା ପାଇଁ କୌଣସି ପ୍ରକାରର ସମର୍ଥନ ମିଳୁ ନାହିଁ । ନିର୍ବାଚନ ଲିବାକୁ ମଧ୍ୟ ତାଙ୍କ ପାଖରେ ପାଣ୍ଠିର ଅଭାବ ରହିଛି ।

ଶିରୋମଣି ଅକାଳି ଦଳର ଚଣ୍ଡିଗଡ଼ ଲୋକସଭା ପ୍ରାର୍ଥୀ ହରଦୀପ ସିଂହ ଆଜି ଇସ୍ତଫା ଦେଇଛନ୍ତି । ସେ ଦଳର ପ୍ରାଥମିକ ସଦସ୍ୟତାକୁ ଇସ୍ତଫା ଦେବା ସହ ଟିକେଟ ମଧ୍ୟ ଫେରାଇ ଦେଇଛନ୍ତି । ଇସ୍ତଫା ସମ୍ପର୍କରେ ସୂଚନା ଦେଇ ହରଦୀପ କହିଛନ୍ତି ଯେ ଦଳ ପକ୍ଷରୁ ତାଙ୍କୁ ନିର୍ବାଚନ ଲିବା ପାଇଁ କୌଣସି ପ୍ରକାରର ସମର୍ଥନ ମିଳୁ ନାହିଁ । ନିର୍ବାଚନ ଲିବାକୁ ମଧ୍ୟ ତାଙ୍କ ପାଖରେ ପାଣ୍ଠିର ଅଭାବ ରହିଛି । ଦଳ ତାଙ୍କୁ ନିର୍ବାଚନ ଲଢ଼ିବାକୁ କୌଣସି ପ୍ରକାରର ଫଣ୍ଡିଂ କରୁନାହିଁ । ଏହି କାରଣ ପାଇଁ ସେ ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିବା କହିଛନ୍ତି ।



୪୧ ବର୍ଷୀୟ ହରଦୀପ ୩ ଥର କାଉନସିଲର । ତାଙ୍କୁ ଅକାଳି ଦଳ ଏଥର ଚଣ୍ଡିଗଡ଼ର ଏକମାତ୍ର ଲୋକସଭା ଆସନ ପାଇଁ ପ୍ରାର୍ଥୀ କରିଥିଲା ।

ଏଠାରେ ତାଙ୍କର ଲଢ଼େଇ ବିଜେପିର ସଞ୍ଜୟ ଟଣ୍ଡନ ଓ କଂଗ୍ରେସର ମନୀଷ ତିୱାରୀଙ୍କ ସହ ହେବାର ଥିଲା । ହେଲେ ଦଳ ଦଳ ଛାଡ଼ି ଦେଇଛନ୍ତି । ହରଦୀପ ସିଂହଙ୍କ ବାପା ଗୁରନାମ ସିଂହ ୨୦୦୬ ଓ ଭାଇ ମଲକିଆତ ସିଂହ ୨୦୧୧ରେ ଚଣ୍ଡିଗଡ଼ର କାଉନସିଲର ଭାବେ କାମ କରିଥିଲେ । କିନ୍ତୁ କାର୍ଯ୍ୟକାଳ ଚାଲିଥିବା ବେଳେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ଭାଇ ମଲକିଆତ ୨୦୧୫ରେ ପ୍ରାଣ ହରାଇବାରୁ ହରଦୀପ ଉକ୍ତ ସିଟରେ କାଉନସିଲର ହୋଇଥିଲେ । ୨୦୧୬ ଓ ୨୦୨୧ରେ ମଧ୍ୟ ସେ କାଉନସିଲ ଭାବେ ନିର୍ବାଚିତ ହୋଇଥିଲେ । ସେ ଏକଦା ସିନିୟର ଡେପୁଟି ମେୟର ଓ ଡେପୁଟି ମେୟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଏସବୁକୁ ଦୃଷ୍ଟିରେ ରଖି ଅକାଳୀ ଦଳ ତାଙ୍କୁ ସାଂସଦ ପ୍ରାର୍ଥୀ କରିଥିଲା । ଜୁନ ୧ରେ ଚଣ୍ଡିଗଡ଼ରେ ଲୋକସଭା ନିର୍ବାଚନ ପାଇଁ ମତଦାନ ଗ୍ରହଣ କରାଯିବ ।

# ଡୋପ୍ ଟେଷ୍ଟ ନମୁନା ନଦେବା ମହଙ୍ଗା ପଡ଼ିଲା ନିଲମ୍ବିତ ହେଲେ ବଜରଙ୍ଗ ପୁନିଆ



ନୂଆଦିଲ୍ଲୀ, ୬।୫ (ଏଜେନ୍ସି) : ଡୋପ୍ ପରୀକ୍ଷଣ ଲାଗି ନମୁନା ଦେବାକୁ ମନା କରିବା ପରେ ଜାତୀୟ ଡୋପିଂ ନିରୋଧୀ ସଂସ୍ଥାନ ବା ନାଡା ତାରକା ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ନିଲମ୍ବିତ କରିଛି । ଗତମାସ ୨୩ ତାରିଖରୁ ଏହି ନିଲମ୍ବନ ଆଦେଶ ଲାଗୁ କରାଯାଇଥିଲା ବେଳେ ଚଳିତ ମାସ ୭ ତାରିଖ ସୁଦ୍ଧା ଏହାର କାରଣ ସ୍ପଷ୍ଟ କରିବାକୁ ତାଙ୍କୁ ନାଡା ନିର୍ଦ୍ଦେଶ ଦେଇଛି । ଉତ୍ତର ନରଖିଲେ ଆହୁରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ କରି ଦେଇଛି । ଏସୀୟ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଲାଗି ଗତ ମାର୍ଚ୍ଚ ୧୦ ତାରିଖରେ ହରିୟାଣାର ସୋନେପତରେ ଆୟୋଜିତ ଚୟନ ଶିବିରରେ ବଜରଙ୍ଗ ନିଜ ଲଢେ଼ ହାରିଯାଇଥିଲେ । ଏହାପରେ ଡୋପ୍ ପରୀକ୍ଷା ଲାଗି ନମୁନା ପ୍ରଦାନ ନକରି ଆୟୋଜନ ସ୍ଥଳରୁ ଚାଲିଯାଇଥିଲେ । ଫଳରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କହିଛି ନାଡା । ଏହି ଅଭିଯୋଗକୁ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ବଜରଙ୍ଗ ଦୃଢ଼ ହସ୍ତରେ ଖଣ୍ଡନ କରିଛନ୍ତି । ନମୁନା ସଂଗ୍ରହ କରିବା ଲାଗି ପୁରୁଣା ଓ ସମୟ ଚାଲିଯାଇଥିବା କିଟ୍ ବ୍ୟବହାର କରିଥିବାରୁ ଏହାକୁ କେବଳ ବଦଳାଇବାକୁ ମୁଁ କହିଥିଲି । ମୋ ଓକିଲ ଏହି ଆଦେଶ ବିରୋଧରେ ଉତ୍ତର ରଖିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ସେ । ସେହିଭଳି ନାଡାର ଏଭଳି କାର୍ଯ୍ୟାନୁଷ୍ଠାନକୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ସଂଜୟ ସିଂହ ମଧ୍ୟ ସମାଲୋଚନା କରିଛନ୍ତି । ମହାସଂଘ ଆମକୁ ଏହି ବିଷୟ ନଜଣାଇ, ବଜରଙ୍ଗଙ୍କୁ ସିଧାସଳଖ ନିଲମ୍ବିତ କରି ଏକ ଖରାପ ପରମ୍ପରା ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ସଭାପତି ବ୍ରିଜ୍ ଭୂଷଣ ସିଂହ ସରଣଙ୍କ ବିରୋଧରେ ଧାରଣ ଦେଇ ବଜରଙ୍ଗ ବେଶ୍ ଚର୍ଚ୍ଚିତ ହୋଇଥିଲେ । ସେବେଠାରୁ ତାଙ୍କ ପ୍ରଦର୍ଶନ କିନ୍ତୁ ନିମ୍ନଗାମୀ ରହିଛି । ଏପର୍ଯ୍ୟନ୍ତ ସେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିପାରିନାହାନ୍ତି । ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବାରୁ ପ୍ୟାରିସରେ ମଧ୍ୟ ସେ ଏହି ସଫଳତା ଦୋହରାଇବେ ବୋଲି ଆଶା କରାଯାଉଥିଲା । ହେଲେ ବିଭିନ୍ନ ସମୟରେ ବିବାଦ ଘେରକୁ ଆସିବା ପରେ ତାଙ୍କର ଏହି ଆଶା କ୍ରମଶଃ ମଉଳିବାରେ ଲାଗିଛି ।

# ମୁମ୍ବାଇ ୭ ଉ୍ବିକେଟରେ ବିଜୟୀ

## ଆଇପିଏଲ୍ ମହାସମର

ମୁମ୍ବାଇ, ୬।୫ (ଏଜେନ୍ସି) : ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଆୟୋଜିତ ଆଇପିଏଲ୍ର ୫୫ତମ ମ୍ୟାଚ୍ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ଉ୍ବିକେଟରେ ବିଜୟ ଲାଭ କରିଛି । ସନ୍ରାଇଜର୍ସ ହାଇଦ୍ରାବାଦ ୮ ଉ୍ବିକେଟ ହରାଇ ୧୭୩ ରନ କରିଥିବାବେଳେ ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୩ ଉ୍ବିକେଟ ହରାଇ ୧୭୪ ରନ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ସନ୍ରାଇଜର୍ସ ହାଇଦ୍ରାବାଦ ଅଧିନାୟକ ପାଟ କୁମିନ୍ସଙ୍କ ନେତୃତ୍ୱରେ ଦଳ ବ୍ୟାଟିଂ ଆରମ୍ଭ କରିଥିଲା । ଧାର୍ଯ୍ୟ ୨୦ ଓଭରରେ ସନ୍ରାଇଜର୍ସ ୮ ଉ୍ବିକେଟ ହରାଇ ୧୭୩ ରନ କରିଥିଲା । ସନ୍ରାଇଜର୍ସ ପକ୍ଷରୁ ଟ୍ରେଭିସ ହେଡ୍ ୪୮ ରନ କରିଥିବାବେଳେ ଅଭିଶେକ ଶର୍ମା ୧୧, ନୀତୀଶ ରେଡ୍ଡି ୨୦ ରନ, ହେନରିଚ କ୍ଲେସିଙ୍ଗ୍ ୨ ରନ, ମାର୍କ ସେନସନ ୧୭, ସାହାବାଜ ଅହମ୍ମଦ ୧୦ ଓ ପାଟ କୁମିନ୍ସ ୩୫ ରନ କରିଥିଲେ । ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୩ ଉ୍ବିକେଟ ହରାଇ ୧୭୪ ରନ କରିଥିଲା । ଆଉ ୧୬ଟି ରନ ବାକି ଥାଇ ମୁମ୍ବାଇ ଇଣ୍ଡିଆନ୍ସ ୭ ଉ୍ବିକେଟରେ ବିଜୟ ହାସଲ କରିଥିଲା ।

ସୂର୍ଯ୍ୟ କୁମାର ଯାଦବ ୧୦୨ ଓ ତିଲକ ବର୍ମା ୩୭ ରନ କରିଥିଲେ । ସୂର୍ଯ୍ୟକୁମାର ଯାଦବଙ୍କ ଶତକ ମଧ୍ୟରେ ୧୨ଟି ଚୌକା ଓ ୬ଟି ଛକା ଅନ୍ତର୍ଭୁକ୍ତ ।





### ଆଜିର ମ୍ୟାଚ

ଦିଲ୍ଲୀ– ରାଜସ୍ଥାନ
ସମୟ: ରାତି ୭.୩୦
ସ୍ଥାନ: ଦିଲ୍ଲୀ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ |
| ରାଜସ୍ଥାନ | ୧୦ | ୮ | ୨ | ୧୬ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ସନ୍ରାଇଜର୍ସ | ୧୦ | ୬ | ୪ | ୧୨ |
| ଲକ୍ଷ୍ନୌ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୧ | ୫ | ୬ | ୧୦ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ |
| ପଞ୍ଜାବ | ୧୧ | ୪ | ୭ | ୮ |
| ଗୁଜରାଟ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୧ | ୩ | ୮ | ୬ |

# ନେତାଜୀ ଚ୍ୟାଲେଞ୍ଜ କପ୍: ଗଣେଶପୁର ଚାମ୍ପିଅନ

ଡେରାବିଶ, ୬।୫ (ସବ୍ୟୁ) : ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ କାକଟିଆ କ୍ଷୀରେଶ୍ୱର ୟୁଥକ୍ଲବ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ ନେତାଜୀ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମୁକୁନ୍ଦପୁରକୁ ହରାଇ ଗଣେଶପୁର ଟିମ ଚାମ୍ପିଅନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ ଭାଗନେଇଥିବା ବେଳେ ଗଣେଶପୁର ଓ ମୁକୁନ୍ଦପୁର ଟିମ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଫାଇନାଲ ମ୍ୟାଚରେ ଗଣେଶପୁର ଟିମ ଟସ ଜିତି ପ୍ରଥମ ବ୍ୟାଟିଂ କରି ୮ ଓଭରରେ ୨ ଉ୍ବିକେଟ ବିନିମୟରେ ୧୩୩ରନ ସଂଗ୍ରହ କରିଥିଲା । ଜବାବରେ ମୁକୁନ୍ଦପୁର ଟିମ ନିର୍ଦ୍ଧାରିତ ଓଭରରେ ୯ ଉ୍ବିକେଟ ହରାଇ ୯୪ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ରାଜେନ୍ଦ୍ର ମଲିକ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

ପୁରସ୍କାର ବିତରଣୀ ଉତ୍ସବରେ ବିଜେପି ନେତା ତେଜେଶ୍ୱର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ମ୍ୟାଚକୁ ଜ୍ଞାନ ରଂଜନ ଶତପଥି ଓ ଦୀପ୍ତିରଂଜନ ଶତପଥି ପରିଚାଳନା କରିଥିବା ବେଳେ ରାକେଶ ବାରିକ, ମଳୟ ମିଶ୍ର, କେଦାର ଓଝା ପରିଚାଳନାରେ ସହଯୋଗ କରିଥିଲେ ।

# ଅକ୍ଟୋବର ୬ରେ ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ, ୬।୫ (ଏଜେନ୍ସି) : ଆଇସିସି ରବିବାର ଆଗାମୀ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଗ୍ରୁପ୍ ଓ ସୂଚୀ ପ୍ରକାଶ କରିଛି । ବାଂଲାଦେଶରେ ଅକ୍ଟୋବର ୩ରୁ ୨୦ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଭାରତ ଗ୍ରୁପ୍-ଏ'ରେ ୬ ଥରର ବିଜେତା ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ କ୍ୱାଲିଫାୟାର ୧ ଦଳ ସହ ରହିଛି । ଗ୍ରୁପ୍-ବି'ରେ ଆୟୋଜକ ବାଂଲାଦେଶ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, କ୍ୱାଲିଫାୟାର ୨ ଦଳ ରହିଛନ୍ତି । ଭାରତ ଅକ୍ଟୋବର ୪ରେ ସିଲହଟରେ ନ୍ୟୁଜିଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ । ଏହାପରେ ୬ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ସିଲହଟରେ ଭେଟିବ ।

ଉଭୟ ଗ୍ରୁପର ଦୁଇ ଶୀର୍ଷ ଦଳ ସେମିଫାଇନାଲରେ ପ୍ରବେଶ କରିବେ । ସେମିଫାଇନାଲ୍ ଦ୍ୱୟ ୧୭ ଓ ୧୮ରେ ଯଥାକ୍ରମେ ସିଲାଟ୍ ଓ ଢାକାରେ ଖେଳାଯିବ । ୨୦ରେ ଫାଇନାଲ୍ ମ୍ୟାଚ୍ ଢାକାରେ ଆୟୋଜିତ ହେବ । ଏହି ୧୦ ଦଳୀୟ ପ୍ରତିଯୋଗିତାରେ ୧୯ ଦିନରେ ମୋଟ ୨୩ ମ୍ୟାଚ୍ ଖେଳାଯିବ ।




SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଟି-୨୦ ବିଶ୍ୱକପ୍ ସହ-ଆୟୋଜକ ୱେଷ୍ଟଇଣ୍ଡିଜକୁ ଆତଙ୍କୀ ଧମକ

ନୂଆଦିଲ୍ଲୀ, ୬।୫ (ଏଜେନ୍ସି) : ଉତ୍ତର ପାକିସ୍ତାନରୁ ୱେଷ୍ଟଇଣ୍ଡିଜକୁ ଆତଙ୍କୀ ଧମକ ମିଳିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ୱେଷ୍ଟଇଣ୍ଡିଜ ଏନେଇ ଦେଶବାସୀଙ୍କୁ ସୂଚନା ଦେବା ସହ ସମସ୍ତ ପ୍ରକାର ସାବଧାନତା ଅବଲମ୍ବନ କରାଯାଇଥିବା କହିଛି । ଉତ୍ତର ପାକିସ୍ତାନରୁ ଧମକ ଆସିଥିବାରୁ କାରିବିଆନ ଦ୍ୱୀପପୁଞ୍ଜକୁ ସତର୍କ କରାଯାଇଛି ।

ୱେଷ୍ଟଇଣ୍ଡିଜ୍ ସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି ଯେ, ଆମେ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛୁ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହ ଘନିଷ୍ଠ ଯୋଗାଯୋଗରେ ଅଛୁ । କୌଣସି ପ୍ରକାର ଆକ୍ରମଣକୁ ଏଡାଇବା ପାଇଁ ଆମେ ସୁରକ୍ଷାକୁ କଡ଼ାକଡ଼ି କରିଛୁ ।

ପ୍ରକାଶ ଥାଉକି, ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଜୁନ୍ ୧ରୁ ୨୯ ପର୍ଯ୍ୟନ୍ତ ଟି-୨୦ ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ୱେଷ୍ଟଇଣ୍ଡିଜର ଆଣ୍ଟିଗୁଆ ଏବଂ ବାରବୁଦା, ବାରବାଡୋସ୍, ଗୁୟାନା, ସେଣ୍ଟ ଲୁସିଆ, ଭିନସେଣ୍ଟ ଆଣ୍ଡ ଦି ଗ୍ରେନାଡାଇନ୍ସ, ତ୍ରିନିଦାଦ ଏବଂ ଟୋବାଗୋରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ ।



ସେହିପରି ଆମେରିକାର ଫ୍ଲୋରିଡା, ନ୍ୟୁୟର୍କ ଏବଂ ଟେକ୍ସାସର ସହରଗୁଡିକରେ ମଧ୍ୟ ମ୍ୟାଚ୍ ଅଛି । ଆମେରିକାକୁ ସେପରି କୌଣସି ଧମକ ମିଳିନାହିଁ । ବାରବାଡୋସରେ ଫାଇନାଲ ମ୍ୟାଚ୍ ଖେଳାଯିବାକୁ ଧାର୍ଯ୍ୟ ହୋଇଥିବା ବେଳେ ତ୍ରିନିଦାଦ ଏବଂ ଗୁୟାନାରେ ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହେବ । ଜୁନ ୯ରେ ଭାରତ-ପାକିସ୍ତାନ ମ୍ୟାଚ୍ ଅଛି ।




# ବଲ ବାଜି ଚାଲିଗଲା ଜୀବନ

ପୁନେ, ୬।୫ (ଏଜେନ୍ସି) : ମହାରାଷ୍ଟ୍ରର ପୁନେରୁ ଏକ ଦୁଃଖଦ ଖବର ମିଳିଛି । କ୍ରିକେଟ ଖେଳୁଥିବାବେଳେ ଜଣେ ବାଳକର ଜୀବନ ଯାଇଛି । ସୂଚନା ମୁତାବକ ପୁନେର ଲହ୍ୱ ଗ୍ରାମର ୧୧ ବର୍ଷର ବାଳକ ସୌର୍ଯ୍ୟ ଓରଫ ଶମ୍ଭୁ କାଳୀଦାସ ଖଣ୍ଡୱେ କ୍ରିକେଟ ଖେଳୁଥିବାବେଳେ ତା'ର ଗୁପ୍ତାଙ୍ଗରେ ବଲ ବାଜିଥିଲା । ଫଳରେ ପଡ଼ିଆ ମଝିରେ ହିଁ ସେ ଟଳିପଡ଼ିଥିଲେ ।

ସେ ବୋଲିଂ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ତାଙ୍କୁ ତୁରନ୍ତ ସାଥୀ ଖେଳାଳି ଓ ସ୍ଥାନୀୟ ଗ୍ରାମବାସୀ ହସ୍ପିଟାଲ ନେଇଯାଇଥିଲେ । ଯେଉଁଠାରେ କି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୌର୍ଯ୍ୟଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ କହିଛନ୍ତି ଯେ, ପୁଅର କ୍ରିକେଟ ଖେଳ ପ୍ରତି ଦୁର୍ବଳତା ରହିଥିଲା । ସେ ସବୁବେଳେ କହୁଥିଲା ପାଠପଢ଼ା ସହିତ କ୍ରିକେଟରେ ତା'ର କ୍ୟାରିୟର ଗଢ଼ିବ । ତେଣୁ ଆମେ ବି ତା' ଇଛାରେ ବାଧା ଦେଇ ନଥିଲୁ । ସେ ଯେତେବେଳେ ଚାହୁଁଥିଲା ଖେଳିବାକୁ ଯାଉଥିଲା ।

# କୋହଲିଙ୍କୁ ଗାଭାସ୍କରଙ୍କ କଟାକ୍ଷ



ନୂଆଦିଲ୍ଲୀ, ୬।୫ (ଏଜେନ୍ସି) : ଆଇପିଏଲ୍ ୨୦୨୪ରେ ବିରାଟ କୋହଲିଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି । ଅନେକ ସମୟରେ ଅମ୍ପାୟାରଙ୍କ ସହ ଯୁକ୍ତିତର୍କ ଯୋଗୁ କୋହଲି ସମାଲୋଚନାର ସରବ୍ୟ ହୋଇଛନ୍ତି । କୋହଲିଙ୍କ ଯୁକ୍ତିତର୍କର ଦୃଶ୍ୟ ଆଇପିଏଲ ବ୍ରଡକାଷ୍ଟରମାନେ ପ୍ରଦର୍ଶିତ କରିବାରୁ ସୁନୀଲ ଗାଭାସ୍କର କ୍ରୋଧାନ୍ୱିତ ହୋଇପଡ଼ିଛନ୍ତି ।

ଗାଭାସ୍କର କହିଛନ୍ତି ଯେ ମ୍ୟାଚ ପରବର୍ତ୍ତୀ ସାକ୍ଷାତକାର ପୂର୍ବରୁ କୋହଲିଙ୍କ ଆଚରଣ ଟିଭିରେ ଦେଖାଯାଇଥିଲା । ଅନେକଥର ଏହି ସାକ୍ଷାତକାର ଦେଖିବାକୁ ମିଳୁଛି । କୋହଲି କହିଥିଲେ ଯେ ଯେଉଁମାନେ ମୋର ଷ୍ଟ୍ରାଇକରେଟ୍ ଏବଂ ସ୍ପିନ ଭଲ ଖେଳୁ ନଥିବା ନେଇ କହୁଛନ୍ତି, ସେମାନେ କେବଳ ସଂଖ୍ୟା ବିଷୟରେ କଥାବାର୍ତ୍ତା କରୁଛନ୍ତି । ମୋ ପାଇଁ ମୋ ଦଳ ଜିତିବା ଗୁରୁତ୍ୱପୂର୍ଣ୍ଣ । ମୁଁ ୧୫ ବର୍ଷ ହେଲା ଖେଳୁଛି ଏବଂ ଦଳ ପାଇଁ ଜିତିଛି । ଯେଉଁମାନେ ପଡ଼ିଆରେ ନାହାନ୍ତି, ସେମାନେ କମେଣ୍ଟ୍ରି ବକ୍ସରେ ବସି ନାନା ମନ୍ତବ୍ୟ ଦେଇଥାନ୍ତି । ପଡ଼ିଆରେ ଥିବାବେଳେ ବଲର ସାମ୍ନା କରିବା କେତେ କଷ୍ଟସାଧ ତାହା କମେଣ୍ଟ୍ରି ବକ୍ସରେ ଥିବା ବ୍ୟକ୍ତି ଜାଣିପାରନ୍ତି ନାହିଁ । କିନ୍ତୁ ପରବର୍ତ୍ତୀ ସମୟରେ ନାନା ମନ୍ତବ୍ୟ ଦେଇ ବୋଲର ହେଉ କିମ୍ବା ବ୍ୟାଟର ହେଉ ସେମାନଙ୍କୁ ନିରାଶ କରିଥାନ୍ତି ।

ଏହି ଟିପ୍ପଣୀ ଉପରେ ମନ୍ତବ୍ୟ ଦେଇ ଗାଭାସ୍କର କହିଛନ୍ତି ଯେ ଯଦି ଆପଣ ଷ୍ଟ୍ରାଇକ ହାର ୧୧୮ ସହିତ ଓପନିଂ କରନ୍ତି ଏବଂ ତା'ପରେ ୧୪ କିମ୍ବା ୧୫ ଓଭରରେ ଆଉଟ ହୋଇଯାଆନ୍ତି, ତେବେ ଏହା ଅଜବ ଚିନ୍ତାଧାରା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541